ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ପୋଲାଣ୍ଡ ଦେଶର କାହାଣୀ

ଗ୍ରନ୍ଥମନ୍ଦିର

Digitized by sujitmkp@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ପୋଲାଣ୍ଡଦେଶର କାହାଣୀ

ସଂକଳକ

ଶ୍ରୀ ବଂଶୀଧର ଦାଶ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ : ତପନ କୁମାର ମହାପାତ୍ର
ଅପ୍‌ଟିମା ଅଫ୍‌ସେଟ୍ ପ୍ରିଣ୍ଟର୍ସ୍, ସୂତାହାଟ, କଟକ-୧

ପରିମାର୍ଜିତ ପ୍ରଥମ ସଂସ୍କରଣ : ଫେବ୍ରୁୟାରୀ, ୧୯୯୬

ମୂଲ୍ୟ : ଟ. ୨୦/-

ସୂଚୀ

୧ ।	ସର୍ପରାଜାଙ୍କ ମୁକୁଟ	୧
୨ ।	ଗଧିଆର ଜଳଖିଆ	୧୫
୩ ।	ସାବତମାଆ	୧୯
୪ ।	କୁହୁକ ଖଣ୍ଡା	୨୫
୫ ।	ଗପୁଡ଼ୀ ଭାରିଯା	୪୦
୬ ।	କୁହୁକ କଳସୀ	୪୫
୭ ।	ଦୁନିଆର ବୁଝାମଣା	୫୦
୮ ।	ଛେକିର ଜମା	୫୮
୯ ।	ବାଇମନୁଆ ସାଇମନ	୬୩

Digitized by srujanika@gmail.com

ସର୍ପରାଜଙ୍କ ମୁକୁଟ

ଅନେକ ଦିନ ତଳର କଥା। ବୁଢ଼ୀଟିଏ ଥାଏ ଯେ ତା'ର ଗୋଟିଏ ବୋଲି ପୁଅ। ପୁଅଟିର ନାଆଁ ଜାନ୍। ଗରିବ ଘର, ଦୁଇ ପ୍ରାଣୀ କୁଟୁମ୍ବ, ତଥାପି ଖାଇବାକୁ ପାଆନ୍ତି ନାହିଁ। ଘରେ ଥାଆନ୍ତି ଦୁଇଟି ବୁଢ଼ୀ ଗାଈ। ତାଙ୍କଠାରୁ ଯାହା ଦି'ଟୋପା ଦୁଧ ମିଳେ, ସେତିକି। ମାଆ ପୁଅ ବଣରୁ ଫଳ ତୋଳି ଆଣନ୍ତି, କନ୍ଦା ଖୋଳି ଆଣନ୍ତି। ମଝିରେ ମଝିରେ ଠେକୁଆଟିଏ କି ଚଢ଼େଇଟିଏ ଶିକାର କରି ଆଣନ୍ତି। ବେଳେବେଳେ ବଣୁଆ ମହୁ ବି ମିଳିଯାଏ। ଇମିତି ଦୁଃଖେ କଷ୍ଟେ ଦିନ ଚଳିଯାଏ; କିନ୍ତୁ ଅକାଳେ ସକାଳେ ଘରକୁ ଯଦି ଅତିଥି ଅଭ୍ୟାଗତ କେହି ଆସିଗଲେ, ତେବେ ମାଆ-ପୁଅଙ୍କର ଭାରି ଖୁସି। ଅତିଥିସେବାରେ ସେମାନେ ଦିନେ କୃପଣ ହୁଅନ୍ତି ନାହିଁ।

ଦିନକର କଥା। ଜାନ୍ ବଣରୁ ଫେରୁଥାଏ। ଦେଖିଲା ଜଣେ ଲୋକ ଗୋଟିଏ ରୋଗିଲା କୁକୁରଛୁଆକୁ ଟାଣି ଟାଣି ନେଉଛି। କୁକୁରଛୁଆଟି ଆଗକୁ ନ ଯାଇ କେଁ କେଁ ହେଉଥାଏ। ତଥାପି ନିର୍ଦୟ ଲୋକଟା ତାକୁ ଗାଳିଗୁଲଜ କରି ଟାଣିନେଉଥାଏ। ଜୀବଟିର ଅବସ୍ଥା ଦେଖି ଜାନ୍ ମନରେ ଦୟା ହେଲା। ସେ ଲୋକଟିକୁ ପଚାରିଲା, ''ଭାଇ, ବିଚରାଟାକୁ ଏପରି ଟାଣି ନେଉଛ କୁଆଡ଼େ?''

ଲୋକଟି କହିଲା, ''ଏ ରୋଗାଟାକୁ ଆଉ ପୋଷି ଲାଭ ନାହିଁ। ନେଉଛି ନଈରେ ବୁଡ଼ାଇ ମାରିଦେବି।''

ସଙ୍ଗେ ସଙ୍ଗେ ଜାନ୍ କହିଲା, ''ମାରନି, ମାରନି, ମତେ ଦେଇଦିଅ, ମୁଁ ତାକୁ ପାଳିବି।'' ଲୋକଟି ବିନା ଆପତ୍ତିରେ କୁକୁରଟି ଦେଇଦେଲା। ଜାନ୍ ତାକୁ ଅଣ୍ଟାଳି ଆଉଁଷି ନିଜ ସାଙ୍ଗରେ ଘରକୁ ନେଇଗଲା। ରୋଗା କୁକୁରଟାକୁ ଦେଖି ମାଆ ପଚାରିଲା, ''କିରେ, ଏଥିରୁ ଗୋଟେ କାହିଁକି ଆଣିଲୁ? ଆମ ପେଟକୁ ତ ଦାନା ନାହିଁ, ସେ କ'ଣ ଖାଇ ବଞ୍ଚିବ?''

ଜାନ୍ କହିଲା, ''ତୁ ବ୍ୟସ୍ତ ହୁଅନା ମାଆ, ତୁ ମତେ ଯାହା ଖାଇବାକୁ ଦେଉଥିବୁ ମୁଁ ସେଥିରୁ ଟିକିଏ ତାକୁ ଦେଇଦେଉଥିବି।''

ପୁଅର ଶ୍ରଦ୍ଧା ଦେଖି ମାଆ ଆଉ କିଛି କହିଲା ନାହିଁ। କୁକୁରଛୁଆଟି ସ୍ନେହ ଆଦର ପାଇ ବଢ଼ୁ ବଢ଼ୁ ଘରକାମରେ ସାହା ହେଲା। ମଣିଷ ପରି ବୋଲହାକ କଲା, ଘର ଜଗିଲା, ପୁଣି ଜାନ୍ ସାଙ୍ଗରେ ବଣକୁ ଯାଇ ପ୍ରତିଦିନ କିଛି ନା କିଛି ଶିକାର କରି ଆଣିଲା। ଫଳରେ ଘରେ ଆଉ ଖାଇବାପିଇବାରେ ବେଶି ଅଭାବ ରହିଲା ନାହିଁ।

ଆଉ ଦିନକର କଥା। କେଉଁଠୁ କେଜାଣି, ଜାନ୍ ଗୋଟିଏ ବିରାଡ଼ିଛୁଆ ଧରିଆଣିଲା। ସେଇଟାକୁ କ'ଣ ଖାଇବାକୁ ଦେବ ବୋଲି ମାଆ ବୁଢ଼ୀ ବ୍ୟସ୍ତହେଲା।

Digitized by srujanika@gmail.com

କିନ୍ତୁ ଜାନ୍ ସତୁଦିନ ଚାକୁ ନିଜ ଭାଗରୁ ଦୁଧ ଟିକିଏ ଟିକିଏ ଦେଇ ପୋଷିଲା। କିଛି ଦିନ ଭିତରେ ବିରାଡ଼ିନୁଆଟି ଗୋଟିଏ ଭଲ ଗୁଆ ହୋଇଗଲା। ଘରେ ଆଉ ମୂଷା ଅସରପା ରଖାଇ ଦେଲାନାହିଁ।

ଆଉ ଦିନକର କଥା। ଜାନ୍ ବଣ ପାରହୋଇ ଘରକୁ ଫେରୁଛି, ଦେଖିଲା ଗୋଟିଏ କିଆରି ହୁଡ଼ାରେ ବସି ତିନି ଚାରି ଜଣ ଲୋକ ଘାସ କାଟୁଛନ୍ତି। କିଆରି ମଝିରେ ଗହଳ ଘାସ ଉଠିଥାଏ; କିନ୍ତୁ ସେ ଲୋକେ ସେଠାକୁ ଯାଉନଥାନ୍ତି। କଥା କ'ଣ ବୋଲି ପଚାରିବାରୁ ସେ ଲୋକେ କହିଲେ ଯେ ଏହି ଗହଳିଆ ଘାସ ଭିତରେ ଗୋଟିଏ ସାପ ପଶିଛି। ତେଣୁ ସେମାନେ ଭୟରେ ସେଠାକୁ ଯାଉନାହାନ୍ତି। ଜାନ୍ କହିଲା, ''ଭାଇ, ତୁମେ ଯେପରି ସାପକୁ ଭୟ କରୁଛ, ସାପ ସେହିପରି ତୁମକୁ ଭୟ କରି ଘାସ ଭିତରେ ଲୁଚିଛି। ଦେଖ, ମୁଁ ତାକୁ ବାହାର କରି ଆଣିଦିଏ।'' ଏପରି କହି ସେ କିଆରି ମଝିକୁ ଚାଲିଗଲା। ଲୋକଗୁଡ଼ାକ ଆତଙ୍କରେ ଚାହିଁଥାନ୍ତି, ଜାନ୍ ସାପକୁ ଡାକିଲା, ''ଆରେ ସାପ, ତୁ କିଛି ଡରନା; ଦେ ଆସ, ମୋ ପାଖକୁ ଚାଲିଆସ; ମୁଁ ତୋର କିଛି କ୍ଷତି କରିବି ନାହିଁ। ତୁ ଯଦି ଚାହିଁବୁ, ତୋର ମୋର ସାଙ୍ଗ ହୋଇ ରହିବା।''

ଜାନ୍ ମୁହଁରୁ ଏପରି ଡାକ ଶୁଣି ସାପଟି ଘାସ ଭିତରୁ ବାହାରି ଆସିଲା। ଅନ୍ୟମାନେ ଭୟରେ ଖଣ୍ଡେଦୂର ଦୌଡ଼ି ପଳାଇଲେ; କିନ୍ତୁ ଜାନ୍ ସେଠାରେ ବସିପଡ଼ି ସାପଟିକୁ ଆଣ୍ଠାଳି ପକାଇଲା। ସାପଟି ଆଦର ପାଇ ଜାନ୍ ଦେହରେ ଗୁଡ଼ାଇ ହୋଇଗଲା। ଘାସକଟାଳିମାନେ ଆଶ୍ଚର୍ଯ୍ୟ ହୋଇ ଚାହିଁଥାନ୍ତି, ଜାନ୍ ସାପଟି ନେଇ ଘରକୁ ଚାଲିଗଲା। ଘରକୁ ଆସୁଣି ଗୋଟିଏ ପ୍ରାଣୀ ଆସିଲାଣି ଦେଖି ଜାନ୍‌ର ମାଆ ବ୍ୟସ୍ତ ହୋଇ ପୁଅକୁ କହିଲା, ''ହଇରେ ଜାନ୍, ତୁ ଏମିତି ଗୋଟି ଗୋଟି କରି ଛୋଟ ଆଣି ପୋଷୁଛୁ ଯେ ସେଗୁଡ଼ିକ ଖାଇବେ କ'ଣ ? ବଞ୍ଚିବେ କିପରି ?''

ଜାନ୍ କହିଲା, ''ମାଆ, ଆମେ ଚାରିଜଣ ବଞ୍ଚିଥାଉଁ, କ'ଣ ଆମ ସାଥିରେ ଆଉ ଜଣେ ଚଳିପାରିବ ନାହିଁ? କିଛି ନହେଲାବେଳକୁ ମୁଁ ମୋ ଭାଗରୁ ଟିକିଏ ଟିକିଏ ଦୁଧ ଦେଇ ସାପଟିକୁ ପୋଷିବି।'' ମାଆ କହିଲା, ''ସାପଟାଏ ପୋଷି କି ଲାଭ ପାଇବୁ ଭଲା ?'' ଜାନ୍ କହିଲା, ''ସାପ ହେଲେ କ'ଣ ହେଲା, ମୁଁ ତାକୁ ଡାକୁ ସେ ଆସି ମୋ ଦେହରେ ଗୁଡ଼ାଇହୋଇଗଲା। ଭାରି ଭଲ ଜୀବଟିଏ; ସେ ଆମର କିଛି କ୍ଷତି କରିବ ନାହିଁ; ତୁ ଡରନା।''

ସେହିଦିନୁ ସାପଟି ଜାନ୍‌ର ସାଙ୍ଗ ହୋଇ ଘରେ ରହିଗଲା। ଖାଇପିଇ ଟିକିଏ ସୁସ୍ଥ ହୋଇଯିବା ପରେ ସେ ଘରଦ୍ୱାର ଚାରିଆଡ଼େ ବୁଲିଲା। ନିଜେ ଯାଇ ଗାଈଙ୍କ ଚିରରୁ ଦୁଧ ପିଇଲା। ଆଶ୍ଚର୍ଯ୍ୟ କଥା, ଗାଈ ଦୁଇଟି ବି ତାକୁ ଆଦରରେ ଦୁଧ ଦେଲେ। ପୁଣି ସେହିଦିନଠାରୁ ସେମାନେ ବେଶି ବେଶି ଦୁଧ ଦେଲେ। ଫଳରେ ଘରେ ଅଭାବ ଅନଟନ ବୋଲି ରହିଲା ନାହିଁ। ସମସ୍ତେ ଖୁସିରେ ଦିନ କାଟିଲେ ସତ; ହେଲେ ଯେ ସାପଟି ଅଧିକାଂଶ ସମୟରେ ମନମାରି ରହିଥାଏ; ତା' ମନରେ ସୁଖ ନଥାଏ। ତା'ର ସେ ଭାବ ଦେଖି ଦିନେ ଜାନ୍ ପଚାରିଲା, ''କିରେ

Digitized by srujanika@gmail.com

ଭାଇ, ତୁ କାହିଁକି ଏପରି ମନମାରି ବସୁଛୁ ? ତୋର ହୋଇଛି କ'ଣ ?''

ସାପ କହିଲା, ''ଜାନ୍ ଭାଇ, ମୁଁ କିଏ ତୁ ତାହା ଜାଣିନାହୁଁ, ତେଣୁ ଏ କଥା ପଚାରୁଛୁ। ଜାନ୍ କହିଲା, ''ମୁଁ ଜାଣେ, ତୁ ସାଧାରଣ ସାପଟିଏ। କିନ୍ତୁ ତୁ ପ୍ରକୃତରେ କିଏ, ମୁଁ ଜାଣେନା। ସବୁ କଥା ଖୋଲି କହୁନୁ ?''

ସାପ କହିଲା, ''ବସ, ମୁଁ କହେ। ମୁଁ ଏପରି ସାଧାରଣ ସାପ ନୁହେଁ। ମୁଁ ଜଣେ ରାଜାଙ୍କର ପୁଅ। ମୁଁ ମୋ ବାପାଙ୍କ ଉଆସରେ ମହାଆନନ୍ଦରେ ରହୁଥିଲି। ଗତ ଦିନର ସେ ସୁଖ ସୌଭାଗ୍ୟ ସହଜରେ ପାସୋରି ହେଉନାହିଁ। ସେ କଥା ମନେପଡ଼ିଗଲେ ମୋ ମୁହଁ ଶୁଖିଯାଉଛି।''

ଜାନ୍ ପଚାରିଲା, ''ତୋ ବାପା କେଉଁ ଦେଶର ରାଜା ?''

ସାପ କହିଲା, ''ମୋ ବାପା ହେଉଛନ୍ତି ନିଜେ ସର୍ପରାଜା। ପୋଲାଣ୍ଡ ଓ ରୁଥେନିଆରେ ଯେତେ ସାପ ଅଛନ୍ତି, ମୋ ବାପା ସେ ସମସ୍ତଙ୍କର ରାଜା। ତାଙ୍କ ଦେହରେ ଇନ୍ଦ୍ରଧନୁର ଝଟକ ରହିଛି। ମୁଣ୍ଡରେ ଅମୂଲ୍ୟ ମଣି ମୁକୁଟ। ସେ ମୁକୁଟର ଅକଳନ ଶକ୍ତି। ସେ ମୁକୁଟ ଧରିଥିବା ଲୋକ ଯାହା ଇଚ୍ଛା କରିବ, ତାହା ପାଇ ପାରିବ। ତେଣୁ ମୋ ବାପାଙ୍କର କୌଣସି ଅଭାବ ନାହିଁ। ବାପାଙ୍କ ପାଖକୁ ଯିବାକୁ ମୋର ଭାରି ମନ। କିନ୍ତୁ ସେଠାକୁ ଚାଲିଯିବାକୁ ମୋର ବଳ ନାହିଁ କି ସାହସ ନାହିଁ। ସେ ବାଟରେ ବହୁତ ବିପଦ।''

ଜାନ୍ ପଚାରିଲା, ''ତା'ହେଲେ ତୁ ଆମ ଏଠାକୁ କିପରି ଚାଲିଆସିଲୁ ?'' ସାପ କହିଲା, ''ଭାଇ, ମୁଁ ନିଜେ ଚାଲି ଆସି ନାହିଁ। ସେ ମୋର ଗୋଟିଏ ଦୁର୍ଯ୍ୟୋଗର ଦିନ। ମୋ ସାଙ୍ଗମାନଙ୍କ ସହିତ ମୁଁ ଆମ ନଅର ପାଖ ପଡ଼ିଆରେ ଖେଳୁଥିଲି। ହଠାତ୍ କେଉଁଠୁ କେଜାଣି ଗୋଟିଏ ଗିଧ ଚଢ଼େଇ ଉଡ଼ିଆସି ଆମ ଉପରେ ଆକ୍ରମଣ କଲା। ମୋ ସାଙ୍ଗମାନେ ଭୟରେ କିଏ କେଉଁଠି ଲୁଚିଗଲେ। ମୁଁ ରଜାପୁଅ ହୋଇ ଲୁଚି ରହିବାକୁ ପସନ୍ଦ କଲିନାହିଁ; ଲଢ଼େଇକୁ ଡେଇଁ ପଡ଼ିଲି। କିନ୍ତୁ ଚଢ଼େଇର ବଳ ମୋ ବଳକୁ ବଳିଗଲା। ସେ ମୋତେ ଉଠାଇ ନେଇ ଏହି ଦକ୍ଷିଣ ଦିଗକୁ ଉଡ଼ି ପଳାଇ ଆସିଲା। ମୁଁ ତଳକୁ ମୁହଁକରି ତା' ଉଡ଼ି ଆସିବା ବାଟକୁ ଚାହିଁଥାଏ; ଏ ଭିତରେ ତା' କବଳରୁ ଖସିବା ଲାଗି ଚେଷ୍ଟା ମଧ୍ୟ ଚଳାଇଥାଏ। ଛାଟିପିଟି ହେଉ ହେଉ ମୁଁ ତା' ପଞ୍ଜାରୁ ତଳକୁ ଖସିପଡ଼ିଲି। ତଳେ ପଡୁ ପଡୁ ଯାଇ ଗୋଟିଏ ଝଙ୍କାଳିଆ ବୁଦା ଭିତରେ ଲୁଚିଗଲି। ଗିଧଟା ମତେ ମାରିବା ପାଇଁ ସନ୍ଧ୍ୟାଯାଏଁ ସେ ପାଖରେ ଛକି ରହିଲା। କିନ୍ତୁ ସନ୍ଧ୍ୟା ହେଉ ହେଉ ସେ ଉଡ଼ିଚାଲଗଲା ଏବଂ ମୁଁ ବୁଦାରୁ ବାହାରି ଘାସ ବଣ ଭିତରେ ପଶିଗଲି। ତୁ ମୋତେ ସେହି ଘାସବଣରୁ ଉଦ୍ଧାର କରି ଆଣିଲୁ। ତୋ ସାହାଯ୍ୟ ବିନା ମୋ ଅବସ୍ଥା ଯେ କ'ଣ ହୋଇଥାନ୍ତା, କହି ହଉ ନାହିଁ।''

ଜାନ୍ କହିଲା, ''ମୁଁ ତ ଏତେ କଥା ଜାଣିନଥିଲି– ଏବେ କ'ଣ କରିବା କହିଲୁ ?'' ସାପ କହିଲା, ''ମୋର ଅନୁରୋଧ, ତୁ ଟିକିଏ ପରିଶ୍ରମ କରି ମତେ ଆମ ରାଜ୍ୟକୁ ନେଇଚାଲ। ମତେ ପେରିପାଇଲେ ମୋ ବାପା ଭାରି ଖୁସି ହେବେ;

Digitized by srujanika@gmail.com

ତତେ ଧନରତ୍ନ ଦେଇ ସନ୍ତୁଷ୍ଟ କରିବେ। ତୁ ଯାହା ମାଗିବୁ ତାହା ଦେଇଦେବେ; ଏପରିକି ମାଗିଲେ ତାଙ୍କର ସେ ମଣିମୁକୁଟଟି ବି ଦେଇଦେବେ।''

ଛାନ୍ କହିଲା, ''ମୁଁ ତ ଗରିବ ଘର ପୁଅ, ମତେ ସେ ରାଜମୁକୁଟରୁ କ'ଣ ମିଳିବ?'' ସାପ କହିଲା, ''ସେପରି ଭାବିବୁ ନାହିଁ। ଧନୀ କ'ଣ ଗରିବ କ'ଣ, ସେ ମୁକୁଟ ଯାହା ପାଖରେ ରହିବ, ତା' କଥା ପାଳିବ। ସେ ମୁକୁଟ ଧନ ଦୌଲତ ଦେବ, ଘରଦ୍ୱାର ଦେବ, ଚାହିଁଲେ ରାଜା ବି କରିଦେବ।''

ତା' ପରଦିନ ଛାନ୍ ସେ ସାପଟିକୁ ବେକରେ ଗୁଡ଼ାଇ ସର୍ପରାଜ୍ୟକୁ ଯିବାକୁ ବାହାରି ପଡ଼ିଲା। ସାପ ଯେଉଁ ବାଟ ଦେଖାଉଥାଏ ସେ ସେହି ବାଟ ଧରି ଚାଲିଥାଏ। କେତେ ବଣ ଛଙ୍ଗଲ ପାର ହେବାକୁ ପଡ଼ିଲା, ତା'ର ହିସାବ ନାହିଁ। ବାଟରେ ହିଂସ୍ରଜନ୍ତୁଙ୍କ ହାବୁଡ଼ରେ ବି ପଡ଼ିଲେ। କିନ୍ତୁ ଛାନ୍ ନାନା କୌଶଳ କରି ସକଳ ବିପଦ ଏଡ଼ାଇ ଚାଲିଥାଏ। ଏଥର କେବଳ ସନ୍ତସନ୍ତଆ ଗହୀର ପଡ଼ିଲା; ସେ ଭିତରେ ବୁଦୁବୁଦିକିଆ ଛଙ୍ଗଲ; କାଦୁଅ ପଚପଚ; ଗୋଡ଼ ଚଳୁ ନଥାଏ। ସେ ସବୁ ପାରହୋଇ ଆଗକୁ ଚାଲୁ ଚାଲୁ ସେମାନେ ଯାଇ ସର୍ପରାଜ୍ୟ ପାଇଗଲେ। ସେଠାରେ ଯେଉଁଆଡ଼େ ଚାହିଁବ ସେ ଆଡ଼େ ସାପ। ବାପ୍‌ରେ ବାପ୍, ସାପ ପୁଣି ଏତେ ଛାତିର, ଏତେ ସଂଖ୍ୟାରେ ଅଛନ୍ତି! ଛାନ୍ ଦେଖିଲା ମାଳ ମାଳ ସାପ। କିଏ କୁଣ୍ଡଳି ବାନ୍ଧି ପଡ଼ିଛି ତ କିଏ ଲମ୍ବ ହୋଇ ଶୋଇଛି। କିଏ ଫଣା ଟେକି ଚାହୁଁଛି ତ କିଏ ରାଗରେ ଫଁ ଫଁ କରୁଛି। କିଏ ସୂତା ପରି ସରୁ ତ କିଏ ତାଳ ଗଛ ପରି ମୋଟା। ନାନା ଛାତିର ନାନା ରଙ୍ଗର ସାପ ଛାନ୍‌କୁ ଦେଖି ଚେଇଁ ଉଠିଲେ। କିଏ ଖରା ଖାଉଥିଲା, କିଏ ସାଙ୍ଗସାଥିଙ୍କ ମେଳରେ ଖେଳୁଥିଲା, କିଏ ବା ଡୁବୋଉଥିଲା, ଛାନ୍‌ର ପାଦଶବ୍ଦ ଶୁଣୁଶୁଣୁ ସମସ୍ତେ ଚିହିଁକି ଉଠିଲେ। ସମସ୍ତେ ତା' ଆଡ଼କୁ ମାଡ଼ିଆସିଲେ। ଛାନ୍ ସହିତ ସର୍ପରାଜାଙ୍କ ପୁଅ ସେହି ସାପଟି ଯଦିନଥାନ୍ତା, ତେବେ ସେମାନେ ନିଶ୍ଚୟ ଛାନ୍‌କୁ ମାରି ଖାଇଯାଇଥାନ୍ତେ। କିନ୍ତୁ ସେମାନେ ମାଡ଼ିଆସୁଛନ୍ତି ଦେଖି ସର୍ପରାଜଙ୍କ ପୁଅ ମୁଣ୍ଡ ଟେକି ଫୁ ଫୁ ହୋଇ ସେମାନଙ୍କୁ କ'ଣ କହିଦେଲା। ସଙ୍ଗେ ସଙ୍ଗେ ସାପଗୁଡ଼ାକ ମୁଣ୍ଡ ନୁଆଁଇ ତଳେ ପଡ଼ିଗଲେ। ଛାନ୍‌କୁ ବାଟ ଦେଖାଇଦେଲେ।

ସାପଙ୍କ ଭିତର ଦେଇ ବାଟ କାଟି ଆଗକୁ ଯାଉ ଯାଉ ସେମାନେ ଯାଇ ସର୍ପରାଜାଙ୍କ ନଅରରେ ପହଞ୍ଚିଗଲେ। ଅତି ଚମତ୍କାର ନଅର ହୋଇଥାଏ। କାନ୍ଥବାଡ଼ ସବୁ ଦୂରରୁ ଚକ୍ ଚକ୍ ହୋଇ ଝଟକୁଥାଏ। ଏମାନେ ଯାଇ ପହଞ୍ଚିବା ବେଳକୁ ସର୍ପରାଜା ବାରଣ୍ଡାରେ ବସି ଖରା ଖାଉଥାନ୍ତି। ନଅର ଭିତରକୁ ମଣିଷଟାଏ ପଶି ଆସିଲା ଦେଖି ସେ ଗର୍ଜନ କରି ପଚାରିଲେ, ''କିଏରେ ତୁ ମୂର୍ଖ, ମୋ ରାଜ୍ୟରେ ପାଦଦେବାକୁ ତତେ ଦୁର୍ବୁଦ୍ଧି ଦେଲା କିଏ?'' ବାପାଙ୍କ ଗର୍ଜନ ଶୁଣୁ ଶୁଣୁ ତାଙ୍କ ପୁଅ ସାପ ଛାନ୍ ବେକରୁ ତଳକୁ ଓହ୍ଲାଇପଡ଼ି କହିଲା, ''ବାପା, ଏ ମୋର ବନ୍ଧୁ ଛାନ୍। ଏହାଙ୍କ ସାହାଯ୍ୟ ବିନା ମୁଁ ଆଉ ପ୍ରାଣ ନେଇ ଏଠାକୁ ଫେରି ଆସିପାରିନଥାନ୍ତି।''

Digitized by srujanika@gmail.com

ଏତେଦିନ ପରେ ପୁଅକୁ ଫେରି ପାଇ ସର୍ପ ରାଜା ଆନନ୍ଦରେ ନାଚି ଉଠିଲେ। ଜାନ୍‌ର ପରିଚୟ ପାଇ ସେ ତାକୁ ଆନନ୍ଦରେ ପାଖରେ ବସାଇ ଆଦର କଲେ; ତାକୁ ଖୋଇପେଇ ଦୁଇ ଦିନ ଘରେ ରଖିଲେ। ଯେତେବେଳେ ବିଦାୟ ଦେବାର ବେଳ ଆସିଲା ସେତେବେଳେ ସେ କହିଲେ, ''ଜାନ୍, ତୁ ମୋ ପୁଅର ଜୀବନ ରକ୍ଷା କଲୁ। ମୁଁ ତୋ ଗଣ କିପରି ଶୁଝିବି, ବୁଝିପାରୁନାହିଁ? ବର୍ତ୍ତମାନ ତୁ ନିଜେ କହ, କ'ଣ ପାଇଲେ ତୁ ଖୁସି ହେବୁ। ତୁ ଯାହା ମାଗିବୁ; ମୁଁ ତାହା ଦେବାକୁ ପ୍ରସ୍ତୁତ।''

ଜାନ୍ କହିଲା, ''ତା'ହେଲେ ଆପଣ ଶପଥ କରି କହନ୍ତୁ।'' ଜାନ୍ ଯାହା ମାଗିବ ତାହା ଦେବେ ବୋଲି ସର୍ପରାଜା ଶପଥ କଲେ। ଏଥର ଜାନ୍ କହିଲା, ''ମହାରାଜ, ଆପଣଙ୍କର ମଣିମୁକୁଟଟି ପାଇଲେ ମୁଁ ସନ୍ତୁଷ୍ଟ ହେବି; ମୋର ଆଉ କିଛି ଦରକାର ନାହିଁ।''

ସର୍ପରାଜା କହିଲେ, ''ତୁ ପାଗଳ ହେଲୁ କି! ମୋର ଏ ମୁକୁଟ ତୋର କୌଣସି କାମରେ ଲାଗିବ ନାହିଁ। ଧନରତ୍ନ ମାଗ, ନିଶ୍ଚୟ ଦେବି; ସେଥିରେ ସୁଖରେ ରହିବୁ।'' କିନ୍ତୁ ଜାନ୍ ଏ କଥାରେ ଭୁଲି ନଯାଇ ମଣିମୁକୁଟ ପାଇଁ ଜିଦ୍ ଧରି ବସିଲା। ତା' ଜିଦ୍ ଦେଖି ସର୍ପରାଜା କହିଲେ, ''ଭାବୁଛି, ମୋର ଏ ଅଗ୍ଭଣର ପୁଅଟାହିଁ ତୋ ମନରେ ଏ ମଣିମୁକୁଟ ଲୋଭ ଲଗାଇ ଦେଇଛି। ତୁ ଯାହା ମାଗିବୁ ଏ ମୁକୁଟ ତାହା ଦେବ ସତ, ହେଲେ ମଣିଷ ଏଥିରୁ ସ୍ଥାୟୀ ସୁଖଶାନ୍ତି ପାଇବ ନାହିଁ। ଦିନ ଆସିବ, ଯେତେବେଳେ ତୁ ନିଜେ ଏଠାକୁ ଆସି ମତେ ମୋ ମୁକୁଟ ଫେରାଇଦେଇଯିବୁ।'' ତା'ପରେ ସେ ମଣିମୁକୁଟଟି ଜାନ୍ ହାତକୁ ବଢ଼ାଇ ଦେଇ କହିଲେ –

''ଶୁଣ ଶୁଣ ମୋର ମୁକୁଟମଣି, କାହାକୁ ଆପଣା ପର ନ ମଣି।
ଯେ ତୋତେ ଧରିଣ ମାଗିବ ଯାହା, ନିଶ୍ଚୟ ତାକୁ ତୁ ଦେବୁ ଜେ ତାହା।''

ସର୍ପରାଜାଙ୍କ ମଣିମୁକୁଟ ଧରି ଜାନ୍ ସେଠାରୁ ବିଦାୟ ନେଇ ଚାଲିଆସିଲା। ଘରମୁହାଁ ହୋଇ ଆସୁ ଆସୁ ଦେଖିଲା ଗଲାବେଳେ ଯେଉଁ ସବୁ ବିପଦ ପଡ଼ିଥିଲା, ଫେରିଲାବେଳେ ସେଥିରୁ ଗୋଟିଏ ବି ପଡ଼ିଲା ନାହିଁ। ବାଟ ସଅଳ ସଅଳ ସରିଗଲା। ଅଳ୍ପ କେତେଟା ଦିନ ଭିତରେ ସେ ଆସି ଘରେ ପହଞ୍ଚିଗଲା। ସେତେବେଳକୁ ତା' ମାଆ ଅବସ୍ଥା ନିତାନ୍ତ ଖରାପ। ପୁଅକୁ ଦେଖିବ ବୋଲି ବୁଢ଼ୀ ଝୁରି ହେଉଥାଏ ଯେ ଖିଆପିଆ ଛାଡ଼ି ଦେଇଥାଏ। ଜାନ୍‌ର ପୋଷା କୁକୁର ଓ ବିରାଡ଼ି ମଧ୍ୟ ତାକୁ ଝୁରି ହୋଇ ଦରମରା ହୋଇଯାଇଥାନ୍ତି। ମାଆ ବୁଢ଼ୀ ଓ ପ୍ରିୟ ପଶୁ ଦୁଇଟିର ଅବସ୍ଥା ଦେଖି ଜାନ୍ କାନ୍ଦିପକାଇଲା। ସେମାନଙ୍କୁ କିଛି ଖାଇବାକୁ ଦେବ ବୋଲି ଖୋଜେ ତ ଘରେ କିଛି ବୋଲି କିଛି ନାହିଁ। ସେ ଆଉ ବିଳମ୍ବ ନକରି ସର୍ପରାଜାଙ୍କ ମୁକୁଟଟି ଧରି କହିଲା –

''ସର୍ପ ରାଜାଙ୍କ ମୁକୁଟମଣି, ପାରୁଥିବୁ ତୁ ତ ମୋ ମନ ଜାଣି।
ଏବଠାରୁ ହେଉ ମୋର ଏ ଘର, ଖାଦ୍ୟ-ବସ୍ତ୍ରଭରା ଲକ୍ଷ୍ମୀଭଣ୍ଡାର।''

Digitized by srujanika@gmail.com

ତା' ପାଟିରୁ ଏତକ ବାହାରିଛି କି ନାହିଁ, ଶୂନ୍ୟରୁ ନାନାଜାତିର ଖାଦ୍ୟ ଆସି ବଢ଼ାହୋଇଗଲା। ମାଆ ପୁଅ ବସି ମନତୃପ୍ତି କରି ଖାଇଲେ, ଜୁଜୁର ବିରାଡ଼ିକୁ ବି ପେଟପୂରା ଖୁଆଇଲେ। ସେମାନେ ଖାଇପିଇ ଉଠିବାବେଳକୁ ଦେଖନ୍ତି ତ ଘରଟା ପୂରାପୂରି ବଦଳି ଯାଇଛି। ବୈଠକ ଘର, ଶୋଇବା ଘର, ରୋଷଘର, ଭଣ୍ଡାର ଘର ହୋଇ ଗୁଡ଼ିଏ ବଖରା ହୋଇଯାଇଛି; ସେ ଭିତରେ ଜିନିଷପତ୍ର ଭରିହୋଇ ରହିଛି। ସେହି ଦିନଠାରୁ ଘରେ ଆଉ ଖିଆପିଆ, ଲୁଗାପଟା, ବାସନକୁସନର କୌଣସି ଅଭାବ ରହିଲା ନାହିଁ। କିନ୍ତୁ ଘରେ ଧନ ସମ୍ପଦ ଭରିହୋଇଯିବା ପରେ ପରେ ଜାନ୍ ମୁଣ୍ଡରୁ ଶାନ୍ତି ଚାଲିଗଲା। ସେ ଯେତେ ପାଇଲା, ତା'ର ସେତେ ଲୋଭ ବଢ଼ିଲା। ଶେଷକୁ ସେ ଭାବିଲା, ଏ ବଣଜଙ୍ଗଲରେ ନରହି ସହରକୁ ଚାଲିଯିବ। ରାଜାଙ୍କ ଗଡ଼କୁ ଚାଲିଗଲେ ଖୁବ୍ ଭଲହେବ। ସେଠାରେ ବଡ଼ଲୋକଙ୍କ ସହିତ ବନ୍ଧୁତା ବାନ୍ଧି ଘର କରି ରହିବ।

ବଡ଼ଲୋକ ହେବାର ଆଶା ରଖି ସେ ଦୁଇ-ତିନିଥର ରାଜାଙ୍କ ଗଡ଼ ବୁଲିଆସିଲା। ସେ ଭିତରେ ଦିନେ ସେ ଖବର ପାଇଗଲା ଯେ, ସେ ଦେଶ ରାଜାଙ୍କ ଝିଅଟି ଭାରି ସୁନ୍ଦରୀ। ତାକୁ ବାହା ହେବା ଲାଗି କେତେଆଡୁ କେତେ ରଜାପୁଅ ଆସୁଛନ୍ତି। ଏ ଖବର ଶୁଣି ତା'ର ଇଚ୍ଛାହେଲା ସେ ରଜାଝିଅକୁ ବାହାହୋଇ ନଅରରେ ରହିଗଲେ ଜୀବନଟା ସୁଖରେ କଟିଯାଆନ୍ତା। ଏପରି ଭାବି ସେ ସର୍ପରାଜାଙ୍କ ମଣି ମୁକୁଟକୁ କହିଲା –

''ସର୍ପରାଜାଙ୍କ ମୁକୁଟମଣି, ପଟୁଆର ସଜ କର ଏକ୍ଷଣି।
ନାନା ଉପହାର ସାମଗ୍ରୀ ଧରି, ଆଜି ଯିବି ରାଜଦର୍ଶନ କରି।''

ଚାହୁଁ ଚାହୁଁ ଏକ ବିରାଟ ପଟୁଆର ବାହାରିପଡ଼ିଲା। ଗାଡ଼ି ଗାଡ଼ି ଉପହାର ସାମଗ୍ରୀ ଆସିଗଲା। ବାଜା, ବାଣ, ଫୁଲଗଛ ଧରି ଶହ ଶହ ଲୋକ ଠିଆହୋଇଗଲେ। ଏ ପଟୁଆର ଭିତରେ ଭଲ ଲୁଗାପଟା ପିନ୍ଧି ଗୋଟାଏ ଅତି ସୁନ୍ଦର ଘୋଡ଼ାଗାଡ଼ିରେ ବସି ଜାନ୍ ଯାଇ ରାଜାଙ୍କ ନଅର ଆଗରେ ପହଞ୍ଚିଗଲା। ଏପରି ଆଡ଼ମ୍ବର କରି କିଏସେ ନଅରକୁ ଆସିଲା ବୋଲି ନିଜେ ରାଜା ସିଂହଦ୍ୱାରକୁ ଧାଇଁଆସିଲେ। ସେ ପଟୁଆର ଦେଖି, ଜାନ୍‌ର ବେଶଭୂଷା ଦେଖି ଓ ତା'ର ଉପହାରମାନ ପାଇ ରାଜା ଏତେ ଖୁସିହୋଇଗଲେ ଯେ ତାକୁ ସତ୍କାର କରିବା ଲାଗି ଅନ୍ତଃପୁରକୁ ନେଇଗଲେ। ନିଜ ଝିଅକୁ ଡାକି ଜାନ୍ ସହିତ ତା'ର ପରିଚୟ କରାଇଦେଲେ। ଜାନ୍‌ର ଆଡ଼ମ୍ବର ଦେଖି ରଜାଝିଅ ପ୍ରଶଂସା କଲା ସତ, ହେଲେ ଜାନ୍ ଦେହଟା ତାକୁ ଗନ୍ଧାଇଲା। ଜାନ୍‌ର ଆଦବକାଇଦା ଦେଖି ସେ ମନେ ମନେ ଘୃଣା କଲା। କାରଣ ମଣିମୁକୁଟ ବଳରେ ସେ ଧନ ସମ୍ପଦ ପାଇଗଲା ସତ, ହେଲେ ବଡ଼ଲୋକଙ୍କ ଆଦବକାଇଦା, କଥାଭାଷା ସେ ଜାଣିନଥିଲା, ନିଜ ଦେହକୁ ପରିଷ୍କାର ପରିଚ୍ଛନ୍ନ କରିବା ଜାଣିନଥିଲା। ରଜାଝିଅ ଭାବିଲା, ଏଇଟା ଗୋଟାଏ ଜଙ୍ଗଲୀ ସର୍ଦାର, ସୁନ୍ଦର ନୁହେଁ କି ଭଦ୍ର ନୁହେଁ। ଏ ଲୋକଟାର ବେଶରୁ ମତେ କ'ଣ ମିଳିବ? ରାଜାଙ୍କ ପାତ୍ରମନ୍ତ୍ରୀମାନେ ବି ଜାନ୍ ଉପରେ ବିରକ୍ତ ହୋଇଗଲେ। କିନ୍ତୁ ରାଜାଙ୍କ

Digitized by srujanika@gmail.com

ଆଗରେ କେହି ମନକଥା ଖୋଲି କହିଲେ ନାହିଁ। ସେମାନେ ବି ତା'ର ପ୍ରଶଂସା କଲେ। ତେଣୁ ରାଜା ଜାନ୍‌କୁ ନଅରରେ ଅତିଥି କରି ରଖିଲେ।

ନଅରରେ ରହି କିଛି ଦିନ ଭୋଗକରିବା ପରେ ଦିନେ ସେ ରାଜାଙ୍କ ଆଗରେ ବସିଛି, ରାଜା ପଚାରିଲେ, ''ତୁମେ ଏତେ ଉପହାର ଆଣି ଦେଇଛ ଯେ ସେସବୁ ରଖିବା ଲାଗି ମୋ ଭଣ୍ଡାରରେ ଜାଗା ନାହିଁ। ମୁଁ ତୁମକୁ କ'ଣ ଦେଇ ଖୁସି କରି ପାରିବି।''

ଜାନ୍ କହିଲା, ''ମଣିମା, ମୁଁ ଆପଣଙ୍କ ଝିଅକୁ ବିବାହ କଲେ ସୁଖୀ ହୁଅନ୍ତି।''

ଏ କଥା ଶୁଣୁ ଶୁଣୁ ରାଜା ବିରକ୍ତ ହୋଇଗଲେ; କାରଣ ଏ ଭିତରେ ସେ ଅନ୍ୟ ଜଣେ ରଜାପୁଅ ସହିତ ଝିଅର ବିହାଘର ଠିକ୍ କରିସାରିଥିଲେ। ନିର୍ବନ୍ଧ ବି ହୋଇସାରିଥିଲା। ତଥାପି ଏଡ଼େ ବଡ଼ଲୋକର ମୁହଁ ଉପରେ କିପରି ନାସ୍ତିବାଣୀ ଶୁଣାନ୍ତେ। ସେ ଗୋଟିଏ କୂଟ ପାଞ୍ଚିଲେ। କହିଲେ, ''ଠିକ୍ ଅଛି, ତୁମେ ଯଦି ଗୋଟିଏ କାମ କରିଦେଇ ପାରିବ, ତେବେ ମୁଁ ତୁମ ପ୍ରସ୍ତାବ ବିଚାର କରିବି।'' ଜାନ୍‌ର ତ କୌଣସି କଥାକୁ ଖାତିର ନଥାଏ, ସେ କହିଲା, ''ଆପଣ ଯାହା କହିବେ ମୁଁ ତାହା କରିଦେବି।''

ରାଜା କହିଲେ, ''ମୋ ନଅର ପଛରେ ସେ ଯେଉଁ ପାହାଡ଼ଟି ଦେଖୁଛ, ତା' ପଛରେ ଗୋଟିଏ ବଡ଼ ହ୍ରଦ ଅଛି। ହ୍ରଦ ପାଖର ଗହୀର ଜମିରେ ବର୍ଷସାରା ପାଣି ଜମିରହିବା ଫଳରେ ସେଠାରେ କୌଣସି ଫସଲ ହୋଇପାରୁନାହିଁ। ତୁମେ ଯଦି ତିନିଦିନ ଭିତରେ ଏ ପାହାଡ଼ ଭାଙ୍ଗି ସେ ହ୍ରଦ ପୂରାଇଦେବ ଏବଂ ତା' ପାଖ ଗହୀରରେ ମାଟି ପକାଇ ସମତଳ ଜମି କରିଦେଇ ପାରିବ, ତେବେ ମୁଁ ସନ୍ତୁଷ୍ଟ ହେବି।'' ରାଜା ଭାବିଥିଲେ ଏସବୁ କାମ କରିବା ମଣିଷ ପକ୍ଷରେ ଅସମ୍ଭବ; ତେଣୁ ଏ ପ୍ରକାର ବରାଦ ଦେଲେ ଜାନ୍ ଆପଣା ଲାଜରେ ଆପେ ମୁହଁ ଲୁଚାଇ ଚାଲିଯିବ; ଆଉ ବିବାହ ପ୍ରସ୍ତାବ ଦେବ ନାହିଁ। କିନ୍ତୁ ଜାନ୍ କହିଲା, ଏଇଟା ତା' ବାଆଁ ହାତର କାମ। ସେ ସଙ୍ଗେ ସଙ୍ଗେ ନିଜ ଝୋଠରିକୁ ଚାଲିଯାଇ ମଣିମୁକୁଟକୁ କହିଲା –

''ସର୍ପରାଜର ମୁକୁଟମଣି, ଲାଗିଯିବୁ କାମେ ତୁ ଏହିକ୍ଷଣି।
ପାହାଡ଼ ଭାଙ୍ଗିବୁ ହ୍ରଦ ଭରିବୁ, ଗହୀର ପୋତିଣ ଜମି କରିବୁ।
ତିନିଦିନେ କାମ ହୋଇବ ଶେଷ, ତେବେ ଏହି ରାଜା ହେବେ ମୋ ବଶ।''

ସେ ମଣିମୁକୁଟର କି ଶକ୍ତି କେଜାଣି, ତିନିଦିନ କାହିଁକି ରାଖନ୍ତା, ଦିନ ଗୋଟାଏ ଯାଇଛି କି ନାହିଁ ସବୁ କାମ ଶେଷ ହୋଇଗଲା। ଜାନ୍‌କୁ ଏପରି ଭାବରେ ତଡ଼ିହେବ ବୋଲି ରାଜା ନିଶ୍ଚିନ୍ତରେ ଥାଆନ୍ତି। ସେଦିନ ଦାନ୍ତ ଘଷୁ ଘଷୁ ସେ ଟିକିଏ ପାହାଡ଼ ଆଡ଼େ ଚାହିଁଦେଲେ। ସେତେବେଳକୁ ପାହାଡ଼ର ଅଧେ କୁଆଡ଼େ ଉଡ଼ିଯାଇଥାଏ। ଦେଖିଲେ ହ୍ରଦଟା ମାଟି ପଥରରେ ପୂର୍ଣ୍ଣ ହୋଇ ଯାଇଛି। ତା' ପାଖ ଗହୀରଗୁଡ଼ାକ ସମତଳ ହୋଇଯାଇଛି। ଏ ଅଘଟନ କିପରି ଘଟିଲା ବୋଲି ରାଜା ତଟସ୍ଥ ହୋଇ ଚାହିଁରହନ୍ତି। ଏ ସମୟରେ ଜାନ୍ ଆସି ସେଠାରେ

Digitized by srujanika@gmail.com

ପହଞ୍ଚିଗଲା। କହିଲା, ''ମହାରାଜ, ଆପଣ ତିନିଦିନ ସମୟ ଦେଇଥିଲେ; କିନ୍ତୁ ମୁଁ ଦିନକ ଭିତରେ ସବୁ କାମ ଶେଷ କରିଦେଇଛି। ଏଥର ବାହାଘରର ଯୋଗାଡ଼ ଆରମ୍ଭ କରନ୍ତୁ।''

ରାଜାଙ୍କ ପାଟିରୁ ଉତ୍ତର ବାହାରିଲା ନାହିଁ। ସେ ତଳକୁ ମୁଣ୍ଡ ପୋତିଦେଲେ। ଏତିକିବେଳକୁ ରଜାଝିଅ ଆସି ସେଠାରେ ପହଞ୍ଚିଗଲା। ସବୁ କଥା ଶୁଣି ସେ କହିଲା ଯେ ସେ ଛାନ୍‌କୁ ବିବାହ କରିବାକୁ ରାଜି। ରାଜା ବା ଆଉ କ'ଣ କହନ୍ତେ? ପୂର୍ବରୁ ଯେଉଁ ରଜାପୁଅ ସହିତ ଝିଅକୁ ବାହାଦେବେ ବୋଲି ସେ ନିର୍ବନ୍ଧ କରିଥିଲେ, ତାଙ୍କ ପାଖକୁ ନାସ୍ତିବାଣୀ ପଠାଇଦେଲେ ଏବଂ ଛାନ୍ ସହିତ ଝିଅର ବିବାହ କରାଇଦେଲେ। ରାଜାଙ୍କର ପୁଅ ନଥାନ୍ତି; ସେହି ଗୋଟିକ ବୋଲି ଝିଅ। ତେଣୁ ଛାନ୍ ଘରଜୋଇଁ ହୋଇ ନଅରରେ ରହିଗଲା। ରାଜାଙ୍କ ଅନ୍ତେ ସେ ରାଜା ହେବ। ମନସ୍କାମନା ପୂର୍ଣ୍ଣ ହେଲା ଦେଖି ଛାନ୍ ଖୁସିରେ ତା' ମାଆ ଓ ପୋଷିଥିବା କୁକୁର ବିରାଡ଼ିଙ୍କୁ ପୂରା ଭୁଲିଗଲା।

କିନ୍ତୁ ରଜାଝିଅ ଛାନ୍‌କୁ ସତରେ ଭଲ ପାଉନଥାଏ। ଛାନ୍‌ର ଛଙ୍ଗଲୀ କଥା ଶୁଣି, ତା' ଚାଲିଚଳଣ ଦେଖି ସେ ଘଡ଼ିଘଡ଼ିକେ ନାକ ଟେକୁଥାଏ; ତଥାପି ଉପରକୁ ଛାନ୍‌କୁ ଆଦର କରି କଅଁଳ କଥା କହି ସତେ ଯେପରି ଗୋଟିକଯାକ ତା'ର, ସେପରି ଦେଖାଇ ହେଉଥାଏ। ଛାନ୍ ତ ସରଳ ଲୋକ; ବଡ଼ଲୋକ ହେବ ବୋଲି ଗୁଡ଼ାଏ ଆଶା ସିନା କରିପକାଇଲା; ହେଲେ ଏତେ କୂଟକପଟ ଜାଣେନି; ସେ ରଜାଝିଅ ହାତରେ ନିଜକୁ ପୂରାପୂରି ଛାଡ଼ି ଦେଲା। ସେ ହାତମୁଠାକୁ ଆସିଗଲା ଦେଖି ଦିନେ ଖା'ପିଅବେଳେ ରଜାଝିଅ ତାକୁ ଆଦର କରି କହିଲା, ''ସତରେ ଛାନ୍. ତୁମ ପରି ବଳବାନ୍ ଲୋକ ଏ ଦୁନିଆଁରେ ଆଉ କେହିନଥିବେ। ଦିନ ଗୋଟାକ ଭିତରେ ଏତେ ବଡ଼ ପାହାଡ଼ ଟାଳି ଏତେ ବଡ଼ ହ୍ରଦ ପୋତିଦେଲ। ପୁଣି ସେ ଯେଉଁ ଗହୀର, ଚାହିଁଲେ ଆଖି ପାଉନଥିଲା, ତାକୁ ପୋତି ସମତଳ କରିଦେଇ। ଏ କାମ କ'ଣ ସାଧାରଣ ଲୋକଙ୍କ ଦେଇ ହୋଇପାରନ୍ତା?''

ଛାନ୍ ଖୁସିରେ କହି ପକାଇଲା, ''ମୋ ପାଖରେ ସେପରି କିଛି ଅଛି ବୋଲି ମୁଁ କରିପାରିଲି; ଏ କାମ କ'ଣ, ତୁମେ ଯାହା କହିବ ମୁଁ ତା' କରିଦେବି, ଯାହା ଚାହିଁବ ତା' ଆଣିଦେବି।''

ରଜାଝିଅ ଭାରି ଚତୁରୀ। ସେ ଜାଣିଗଲା ଯେ ଛାନ୍ ପାଖରେ କିଛି କୁହୁକ ଶକ୍ତି ରହିଛି। ତେଣୁ ସେ ସେହିଦିନୁ ସେ କୁହୁକ ଶକ୍ତିଟା କ'ଣ, ତାହା ଜାଣିବା ଲାଗି ଛାନ୍ ପଛରେ ଲାଗିଲା। ଶେଷକୁ ଦିନେ କହିଲା, ''ତୁମ ପାଖରେ କି କୁହୁକ ଶକ୍ତି ଅଛି ଆଜି ଯଦି ନକହ, ତେବେ ଜାଣିବି ତୁମେ ମୋତେ ଭଲପାଉନାହଁ।'' ଛାନ୍ ବାଧ୍ୟହୋଇ ନିଜ ଜାମା ପକେଟ୍ ଭିତରୁ ସର୍ପରାଜାଙ୍କ ମଣିମୁକୁଟଟି ବାହାର କରି ରଜାଝିଅକୁ ଦେଖାଇଦେଲା। କହିଲା, ''ତୁମେ ଯେତେବେଳେ ମୋ ରାଣୀ, ମୁଁ ଆଉ ତୁମକୁ ଲୁଚାଇ ଲାଭ ନାହିଁ। ଏ ଯେଉଁ ଛୋଟିଆ ମୁକୁଟଟି ଦେଖୁଛ, ଏହାକୁ ଧରି ତୁମେ ଯାହା ଚାହିଁବ ତା' ପାଇବ, ଯାହା କହିବ ତାହା ହେବ।

Digitized by srujanika@gmail.com

ଏ ହେଉଛି ସର୍ପରାଜାଙ୍କ ମଣିମୁକୁଟ। ତା'ପରେ ସେ ନିଜର ସକଳ ବୃତ୍ତାନ୍ତ କହିଗଲା।

ଏ ଗୁମର କଥାଟି ଜାଣିଦେବାକ୍ଷଣି ରଜାଝିଅ ମୁକୁଟଟି ହାତପଇଠ କରିବାକୁ ଓର ଉଷୁଳିଲା। ଦି'ଦିନ ପରର କଥା। ସେ ଜାନ୍‌କୁ ନିଜ ହାତରେ ଖୋଇଦେବ ବୋଲି ଆଦର କରି ଡାକିଲା। ଜାନ୍ ତ ସେତେବେଳକୁ ପୋକ୍ଷା କୁଆ। ସେ ମନା ନକରି ରଜାଝିଅ ହାତରୁ ଖାଇଲା ଏବଂ ଖୁଆଉ ଖୁଆଉ ରଜାଝିଅ ତାକୁ ଏକ କଡ଼ା ନିଶା ଔଷଧ ଖୁଆଇଦେଲା। ନିଶାରେ ଘାରିହୋଇ ଜାନ୍ ସେହି ଅଇଁଠା ଥାଳି ପାଖରେ ଶୋଇପଡ଼ିଲା। ତା' ନିଦ ଟିକିଏ ପାକଳ ହେଉ ହେଉ ରଜାଝିଅ ତା' ଜାମା ପକେଟରୁ ମଣିମୁକୁଟଟି ନେଇଆସି କହିଲା—

''ସର୍ପରାଜାଙ୍କ ମଣିମୁକୁଟ, ସତେ ଯଦି କରିପାରୁ ତୁ କୂଟ
ଏ ଜଙ୍ଗଲୀ ଟୋକା ଯାଉ ତା' ଘର, ତା' ଧନ ସମ୍ପଦ ହେଉ ମୋହର।''

ଏତକ କହିଦେଇ ସେ ସଙ୍ଗେ ସଙ୍ଗେ ମଣିମୁକୁଟଟି ନିଜ ପାଟି ଭିତରେ ପୂରାଇଦେଲା। ଶକ୍ତି ସିନା ଅକଳନ, ହେଲେ ମଣିମୁକୁଟଟି ନିତାନ୍ତ ଛୋଟ। ରଜାଝିଅର ଜିଭ ତଳେ ରହିଯିବା ଫଳରେ ତାକୁ ଆଉ କେହି ଦେଖି ପାରିଲେ ନାହିଁ।

ମୁକୁଟ ତା' କାମ କରିଗଲା। ଏ ପଟେ ଜାନ୍‌ର ନିଶା ଛାଡ଼ିଯିବା କ୍ଷଣି ତା' ନିଦ ଭାଙ୍ଗିଗଲା। ଆଖି ମଳିମଳି ଚାହିଁ ଦେଖିଲା ବେଳକୁ ନାହିଁ ସେ ରଜାଝିଅ, ନାହିଁ ସେ ରାଜନଅର। ସେ ତା' କୁଡ଼ିଆ ଘର ଚଟାଣରେ ଶୋଇଛି। ତା' ପୋକ୍ଷାକୁକୁର ଓ ବିରାଡ଼ି ବସି ତା' ପାଦ ଚାଟୁଛନ୍ତି। ସେମାନଙ୍କୁ ନଚାହିଁ ସେ ଡାକ ପକାଇଲା, ''ମାଆ!'' କିନ୍ତୁ କେହି ଉତ୍ତର ଦେଲେ ନାହିଁ। ପୁଅକୁ ଝୁରି ଝୁରି ମାଆ ସେତେବେଳକୁ ମରିଗଲାଣି। ଜାନ୍ ତରବର ହୋଇ ତା' ଜାମା ପକେଟ୍ ଅଣ୍ଡାଳି ପକାଇଲା। କିନ୍ତୁ ହାୟ, ତା' ମଣିମୁକୁଟ ସେତେବେଳକୁ ଆଉ ତା' ପକେଟରେ ନାହିଁ। ତା'ର ଆଉ ଜାଣିବାକୁ ବାକି ରହିଲା ନାହିଁ ଯେ, ସେ କପଟୀ ରଜାଝିଅହିଁ ମଣିମୁକୁଟ ଚୋରାଇ ନେଇଛି। ବିଚ୍‌ରା ଅନେକ ହା-ହତାଶ ହେଲା। ନିଜ ଦୁର୍ବୁଦ୍ଧି ଲାଗି ନିଜକୁ ବହୁତ ନିନ୍ଦିଲା। ବହୁ ଅନୁତାପ କଲା। କୁକୁର ବିରାଡ଼ି ଦୁଇଟିଙ୍କୁ ଧରି ଗୁଡ଼ାଏ କାନ୍ଦିଲା। କୁକୁର ବିରାଡ଼ି ତା' ଦୁଃଖ ସହିପାରିଲେ ନାହିଁ। ସେମାନେ ପଚାରିଲେ, ''ଜାନ୍, କଥା କ'ଣ? ତୁମେ ଏତେ ଦିନ ହେଲା କୁଆଡ଼େ ଚାଲିଯାଇଥିଲ? ଏବେ ଆସି ଏପରି କାନ୍ଦୁଛ କାହିଁକି?''

ଜାନ୍ ସେମାନଙ୍କୁ ସବୁକଥା କହିଗଲା। ସବୁ ଶୁଣି ସାରି ସେମାନେ କହିଲେ, ''ତୁମେ ଏବେ ଯେଉଁ ଭୁଲ୍ କଲ, ଜୀବନରେ ଆଉ ସେପରି ଭୁଲ୍ କରିବ ନାହିଁ। ବର୍ତ୍ତମାନ ଚାଲ, ଆମେ ତିନିହେଁ ଯାଇ କଳେ ବଳେ କୌଶଳେ ରଜାଝିଅ ହାତରୁ ସେ ମଣିମୁକୁଟଟି ନେଇଆସିବା। ମଣିଷ ମାତ୍ରେ ଲୋଭୀ; ଏପରି ଜିନିଷ ମଣିଷ ହାତରେ ରହିବା ଉଚିତ ନୁହେଁ।''

ମଣିମୁକୁଟ ନେଇ ଆସିବାଲାଗି ତିନି ବନ୍ଧୁ ବାହାରିପଡ଼ିଲେ। ଜଙ୍ଗଲ ଭିତରେ ବାଟ କାଟି କାଟି ଅନେକ ଦୂର ଯିବା ପରେ ରାଜାଙ୍କ ଗଡ଼ ପଡ଼ିଲା। ସେତେବେଳକୁ

Digitized by srujanika@gmail.com

ସନ୍ଧ୍ୟା ହୋଇଆସୁଥାଏ । ଗଡ଼ ଭିତରକୁ ଗଲେ ଲୋକେ ତାକୁ ଚିହ୍ନିଦେବେ ବୋଲି ଛାନ୍ ଚଙ୍ଗଲଧାରରେ ଲୁଚି ରହିଲା ଏବଂ କୁକୁର ଓ ବିରାଡ଼ି ନଅର ପାଖକୁ ଚାଲିଲେ । ଯାଇ ଦେଖନ୍ତି ତ ସିଂହଦ୍ୱାର, ରାଜାଙ୍କ ନଅର ଭିତରକୁ ଯିବାଲାଗି କେବଳ ଗୋଟିଏ ବୋଲି ବାଟ । ଚାରିଆଡ଼େ ମେଘନାଦ ପାଚିରି, ପାଚିରିକୁ ଲାଗି ଗଡ଼ଖାଇ । ସେଥିରେ ପୁଣି ଅକାତକାତ ପାଣି । ସିଂହଦ୍ୱାର ବାଟରେ ତ ଯାଇ ହେବ ନାହିଁ । ପାଚିରି ଚଢ଼ି ଯିବା ଲାଗି କୁକୁର ବିରାଡ଼ିକୁ ପିଠିରେ ବସାଇ ଗଡ଼ଖାଇ ପହଁରି ପହଁରି ପାଚିରି ଧାରକୁ ଚାଲିଗଲା । ଅନ୍ଧାର ରାତିରେ ବିରାଡ଼ି ଭଲ ଦେଖିପାରେ । ସେ ବିଚରା ଚାରିପଟ ବୁଲିଆସିଲା; କିନ୍ତୁ ପାଚିରିରେ ଏପରି ଚିକ୍‌କଣ ପଲସ୍ତରା ହୋଇଥାଏ ଯେ, ସେ ଯେତେ ଚେଷ୍ଟା କଲା ମୋଟେ ଚଢ଼ିପାରିଲା ନାହିଁ । ଦିହିଁକି ଦିହେଁ ନିରାଶ ହୋଇ କ'ଣ କରିବା କ'ଣ କରିବା କହିହେଉଛନ୍ତି, ଏ ସମୟରେ ପାଚିରି ଭିତରୁ ଶଙ୍ଖ, ମହୁରି, ଢୋଲ ବଜାଇ ଗୋଟିଏ ପଟୁଆର ଆସୁଥିବାର ଶବ୍ଦ ଶୁଭିଲା ।

କି ପଟୁଆର ଆସୁଛି ଜାଣିବା ଲାଗି ଦିହେଁ କାନପାରି ବସିଛନ୍ତି, ଦେଖିଲେ ପାଚିରି ତଳେ ଥିବା ଗୋଟିଏ ମୃଷାଗାତ ଭିତରୁ ମୃଷାମାନେ ବାହାରି ପଟୁଆର କରି ଆଉ ଗୋଟିଏ ମୃଷାଗାତକୁ ଚାଲିଛନ୍ତି । ଦେଖୁ ଦେଖୁ ଭୁଆ ଜାଣିଗଲା ସେଇଟା ଗୋଟିଏ ମୃଷା ବାହାଘର ପଟୁଆର । ଆଗରେ ବାଜାଦାରମାନେ ଚାଲିଗଲେ, ତା' ପଛରେ ଆସୁଥାଆନ୍ତି ଭଦ୍ରଲୋକମାନେ । ମାଇପି ମରଦ ଦଳକୁ ଦଳ ହୋଇ ଭଲିକି ଭଲି ଲୁଗାପଟା ପିନ୍ଧି ଖୁସିଗପ କରି ଚାଲିଥାନ୍ତି । ମୃଷାଦଳକୁ ଦେଖି ଭୁଆ ପାଟି ଲାଲେଇଲା । କିନ୍ତୁ କୁକୁର ତାକୁ ସାବଧାନ କରି କହିଲା, ''ଏ ଲୋଭୀ, ଚୁପ୍ ହୋଇ ବସ, ହାତ ଉଠେଇଲୁ ତ ସବୁ ଭଣ୍ଡୁର କରିଦେବୁ । ଚାହିଁଥା, ଭଦ୍ରଲୋକଙ୍କ ପଛକୁ ବନ୍ଧୁବାନ୍ଧବମାନେ ଆସିବେ, ତା' ପଛକୁ ଆପଣା ଘର ଲୋକଙ୍କ ଗହଣରେ ମୃଷା ବର ତା' କନିଆକୁ ଧରି ଆସୁଥିବ । ପାଖରେ ନିଶ୍ଚୟ ମଧ୍ୟସ୍ଥି, ପୁରୋହିତ, ସାଙ୍ଗସୁଖ ହୋଇ କେତେଜଣ ଥିବେ । ମୁଁ ସଫା ଦେଖିପାରୁଛି ବାହାଘର ପରେ ଏମାନେ ବର କନିଆଁଙ୍କୁ ଧରି ଫେରୁଛନ୍ତି । ତୁ ଆଉ କାହା ଦେହରେ ହାତ ନଦେଇ ଗୋଟିଏ ଝାମ୍ପରେ କନିଆଁ ପିଲାଟିକୁ ଉଠାଇ ଆଣ । ଦେଖିବୁ, ଆମ କାମ ହାସଲ ହୋଇଯିବ ।''

ଭୁଆ ପଚାରିଲା, ''କିପରି ? ଏଗୁଡ଼ାକ ଆମର କି କାମ କରିବେ ।'' କୁକୁର କହିଲା, ''ମୁଁ ଯାହା କହିଲି, ତୁ ତା' କର । ତା' ବାଦ୍ କ'ଣ ହେବ ମୁଁ ଜାଣେ ।''

ଭୁଆ ବଡ଼ଭାଇ କଥା ଅମାନ୍ୟ ନକରି ଛକି ବସିଲା । ମୃଷାଗୁଡ଼ାକ ବାଜାଦାରଙ୍କ ସଙ୍ଗେ ତାଳ ଦେଇ ଏପରି ନାଚୁଥାନ୍ତି ଯେ ସେମାନଙ୍କର ଗୋଡ଼ଶବୁ ଭୁଆଟା ଏତେ ପାଖରେ ଥିଲେ ବି କେହି ଜାଣି ପାରିଲେ ନାହିଁ । ଶେଷକୁ କୁକୁର କହିଥିବା ପ୍ରକାରେ ବର କନିଆଁ ମଧ୍ୟସ୍ଥି ଓ ପୁରୋହିତଙ୍କ ମଝିରେ ହାତ ଧରାଧରି ହୋଇ ଚାଲିଆସିଲେ । ହସ ଖୁସିରେ ସମସ୍ତେ ଚାଲିଛନ୍ତି । ଭୁଆ ଥିଲା ଥିଲା, ଗୋଟାଏ ଝାମ୍ପ ଦେଲା ଯେ କନିଆଁ ପିଲାଟିକୁ ଗୋଟାସୁଦ୍ଧା ଉଠାଇ ଆଣି ଦି'ପଞ୍ଚାରେ

Digitized by srujanika@gmail.com

ମାଡ଼ିବସିଲା। ମୂଷାଙ୍କ ଉପରେ ଗୋଟାଏ ଅକାଳ ଚଡ଼କ ପଡ଼ିଗଲା ଜାଣ। କିନ୍ତୁ ଭାରି ତରକା ଜୀବ ସେଗୁଡ଼ାକ। ଆଖିପିଛୁଳାକେ ଏତେ ମୂଷା କୁଆଡ଼େ ଯେ ଭାଗି ପଳାଇଗଲେ, ଜାଣି ହେଲା ନାହିଁ। ଭୁଆ କୁକୁରକୁ କହିଲା, ''ବଡ଼ଭାଇ, ସବୁ ତ ଗଲେ, ଏଇଟି ଭାରି ଗୁଲୁଗୁଲିଆଟିଏ ହୋଇଛି, ମୁଁ ଏଇଟିକୁ ଖାଇଲି।''

କୁକୁର ପାଟି କଲା, ''ଆରେ ମୂର୍ଖ ! ଏକୁ ଖାଇଦେଲେ ସର୍ବନାଶ କରିଦେବୁ। ତା' ଦେହରେ ନଖଟିଏ ବି ମାରନା କହୁଛି। ସମସ୍ତେ ଚାଲିଗଲେ ସତ, ହେଲେ ବର ତା' କନିଆଁ ପିଛା ଛାଡ଼ିବନି। ଦେଖିବୁ, ଆଉ ଟିକିଏ ପରେ ସେ ଆସି ଗାତ ମୁହଁରେ ଉଁକି ମାରିବ। ସେତିକିବେଳେ ତା' ସହିତ କଥାଭାଷା ହେବା। ଧୈର୍ଯ୍ୟ ଧର।''

ସତକୁ ସତ କିଛି ସମୟ ପରେ ମୂଷା ବର ଟୋକା ଆସି ଗାତ ମୁହଁରେ ଚୁଁ ଚୁଁ ହୋଇ ଉଁକି ମାରିଲା। ସଙ୍ଗେ ସଙ୍ଗେ କୁକୁର ତାକୁ ଡାକ ପକାଇଲା, ''ହୋ ଜ୍ୱାଇଁପୁଅ, ଟିକିଏ ଶୁଣିଯାଅ, ଆମେ ତୁମର କିଛି କ୍ଷତି କରିବୁ ନାହିଁ। ଦେଖ, ତୁମ କନିଆଁ ପିଲାର ବି କିଛି କ୍ଷତି କରିନାହୁଁ। ଯଦି ତୁମେ ଆମର ଗୋଟିଏ କାମ କରିଦେବ, ତେବେ ତୁମ କନିଆଁ ତୁମକୁ ନିଖୁଣ ଭାବରେ ଫେରାଇଦେବୁ।''

ମୂଷା କହିଲା, ''ନାଇଁ ଲୋ ବାପ, ମୋ ମାଆ ମତେ ଛନମହେଲା ଦିନୁ ଶିଖାଇଛି, ସମସ୍ତଙ୍କୁ ବିଶ୍ୱାସ କରିବ— ଭୁଆକୁ ନୁହେଁ। ମୁଁ ଏଠି ଗାତ ଭିତରେ ଅଛି, ତୁମେ ସେହି ବାହାରେ ରହି ଯାହା କହିବାର କହ।''

''ତୁମ ରଜାଝିଅ କରିଣ କୂଟ, ସର୍ପରାଜାଙ୍କ ମଣିମୁକୁଟ
ଜାନ୍ ହାତରୁ ତୋରାଇ ନେଇ, ନଅର ଭିତରେ ରଖିଛି ଜାହିଁ।
ଯଦି ସେ ମୁକୁଟ ନେଇ ଆସିବୁ, ଅଭଙ୍ଗା ଅଡୁଟା ଆମକୁ ଦେବୁ।
ତେବେ ତୁ କନିଆଁ ପାଇବୁ ଫେରି, ନହେଲେ ଏ ଭୁଆ ଖାଇବ ମାରି।''

ଏତେ ସୁନ୍ଦର କନିଆଁଟିକୁ ଭୁଆ ମାରି ଖାଇଯିବ ଶୁଣି ମୂଷାର ଛାତି ଦାଉଁ ଦାଉଁ ହୋଇ ପଡ଼ିଲା। ସେ ଡୋକ ଗିଳି ଗିଳି କହିଲା—

''କୁକୁର ଭାଇ ରେ କୁକୁର ଭାଇ, ମୋ ଅଢଣା ଛାଗା ଜଗତେ ନାହିଁ।
ନଅରର ଯେତେ ପେଡ଼ି ପେଟରା, ସବୁ ଦେଖିଛି ରେ ମୁଁ ଦେଶଫେରା।
ହେଲେ ରଜାଝିଅ ଭାରି ଚତୁରୀ, ମୁକୁଟ ନ ରଖେ କେଉଁଠି ତରି।
ଦିନଯାକ ରଖିଥାଏ ଛାତିରେ, ପାଟିରେ ପୂରାଇ ଦିଏ ରାତିରେ।''

ଏ କଥା ଶୁଣି କୁକୁରର ବୁଦ୍ଧି ହଜିଗଲା। ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ସତେ!!'' ମୂଷା କହିଲା, ''ମୁଁ କିଛି ମିଛ କହୁନି ଭାଇ! ଭୁଆ ଆଗରେ ମିଛ କହିବ, ଇମିତି ପୁଅ ଆମ ଛାତିରେ ଛନମ ହୋଇ ନାହାନ୍ତି। ମୁଁ ରଜାଝିଅ ପାଟିରୁ ମଣିମୁକୁଟଟି କିପରି ଆଣିବି କହ ଭଲା ?''

ଏ ପର୍ଯ୍ୟନ୍ତ ଭୁଆ ଚୁପ୍ ହୋଇ ବସିଥିଲା। ମୂଷାକଥା ଶୁଣି ସେ କହି ଉଠିଲା, ''ହଇରେ, ତୋ ପାଟି କହୁଛି ତୁ ଚାଳୁଆ ନୋହୁ କି ଗାତୁଆ ନୋହୁ,

Digitized by srujanika@gmail.com

ତୁ ଚୁଟିଆଟାଏ। ତୁ କହୁଛୁ ରଜାଝିଅ ପାଟିରୁ ମଣିମୁକୁଟଟା ଆଣିପାରିବୁ ନାହିଁ!! ବଦମାସ୍, ତୁମେ ଚାହିଁଲେ ମଣିଷ ପେଟଭିତରୁ ଛିନିଷ କାଢ଼ିଆଣିବ; ପାଣି ଭିତରୁ ଆଣି ପାରିବୁ ନାହିଁ ବୋଲି କ'ଣ କହୁଛୁ? ଶୀଘ୍ର ଯାଅ; ମଣିମୁକୁଟ ନେଇଆସ, ନହେଲେ ମୁଁ ରାତିପାହି ସକାଳ ହେବା ପୂର୍ବରୁ ତୋ କନିଆଁକୁ ଖାଇଯିବି।''

''ହଉ, ଯାଇ ଚେଷ୍ଟାକରେ''— କହି ମୂଷା ଚାଲିଗଲା। ସେତେବେଳକୁ ରଜାଝିଅ ତା' ପଲଙ୍କରେ ଶୋଇଥାଏ। ମୂଷା ପଲଙ୍କରେ ଚଢ଼ିଯାଇ ରଜାଝିଅ ପୋଷାକ ଉପର ଦେଇ ତା' ମୁହଁ ପର୍ଯ୍ୟନ୍ତ ଚାଲିଗଲା। ସେଠାରେ ବସି ନିଜର ସରୁ ଲାଞ୍ଜଟାକୁ ହଲାଇ ରଜାଝିଅ ଓଠ ପାଖରେ ଖାଲି ସୁଲୁସୁଲୁ କଲା। କଣଟା ଏପରି ହେଉଛି ବୋଲି ରଜାଝିଅ 'ଧେତ୍' କହି ପାଟି କରିଦେଲା। ସେତିକିରେ ତା' ପାଟି ମେଲା ହୋଇଗଲା ଏବଂ ମଣିମୁକୁଟଟି ତକିଆ ଉପରେ ପଡ଼ିଗଲା। ମୂଷା ତ ଛକି ବସିଥିଲା, ସେ ମୁହୂର୍ତ୍ତକ ଭିତରେ ସେଇଟିକୁ ନେଇ ଦେଲା ଚମ୍ପଟ୍ ଛୁ। ରଜାଝିଅ ମଣିମୁକୁଟଟି ଗୋଟାଇବା ଲାଗି ତକିଆ ଉପର ତଳ ଦରାଣ୍ଡି ହେଲା; ନପାଇବାରୁ ଦୀପ ଲଗାଇ ଖୋଜିଲା; କିନ୍ତୁ ସେ କି ଆଉ ପାଏ? ସଙ୍ଗେ ସଙ୍ଗେ ସେ ଦାସୀ, ପୋଇଲୀଙ୍କୁ ଡକାଇ ଘରତମାମ ଖୋଜିଗଲା। ଖୋଜୁ ଖୋଜୁ ମୂଷା ଗାତ ଦେଖି ଘରତମାମ ଖୋଳିଗଲେ। ସେମାନେ ମୂଷାଗାତ ଖୋଳିବାରେ ଲାଗିଛନ୍ତି, ମୂଷା ମଣିମୁକୁଟଟି ଆଣି ବିରାଡ଼ି ହାତରେ ଦେଇଦେଲା। ବିରାଡ଼ି ତା' କନିଆଁଟିକୁ ଛାଡ଼ି ଦେଉ ଦେଉ ସେ ଏକାଡିଆଁକେ ଗାତ ଭିତରେ ପଶିଗଲା; କିନ୍ତୁ ମୂଷା ବଗ ନିଜର କୃତଜ୍ଞତା ଜଣାଇ ବିରାଡ଼ି ଓ କୁକୁରଙ୍କ ପାଇଁ ନଅର ରୋଷଘରୁ ନାନାପ୍ରକାର ଖାଦ୍ୟ ଆଣି ଯୋଗାଇଦେଲା।

ଖାଇପିଇ ବିରାଡ଼ି କୁକୁର ଫେରିବାକୁ ବସିଲେ। କୁକୁର କହିବା ଅନୁସାରେ ବିରାଡ଼ି ମଣିମୁକୁଟଟି ପାଟିରେ ଧରି କୁକୁର ପିଠି ଉପରେ ବସିଲା ଏବଂ କୁକୁର ଗଡ଼ଖାଇ ପହଁରି ଚାଲିଲା। କିଛି ବାଟ ପହଁରିଛି କି ନାହିଁ କୁକୁର ପଚାରିଲା, ''କିରେ, ମଣିମୁକୁଟଟା ଠିକ୍ ବାଗରେ ଧରିଛୁଟି? ଖସିଗଲେ ବାର ବରଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବ।'' ବିରାଡ଼ି ମୁଣ୍ଡ ଟଙ୍ଗାରି ହୁଁ ମାରିଲା; କିନ୍ତୁ କୁକୁର ତାହା ଦେଖି ନପାରି ଥରକୁ ଥର ପଚାରି ଦେଲା, ''ଆରେ, ଠିକ୍ ଧରିଛୁ ନା ନାହିଁ, କହୁନୁ କାହିଁକି?''

ଶେଷକୁ ବିରାଡ଼ି ବିରକ୍ତ ହୋଇ ପାଟି କରି କହିଲା, ''ଆହେ, ଧରିଛି ମ; ତୁମେ ଏତେ ଛାନିଆ ହେଉଛ କାହିଁକି? ମୁଁ ପାଟି କରି କହିଲେ ମଣିମୁକୁଟଟା ମୋ ପାଟିରୁ ଖସିଯିବ ନାହିଁ?'' ସତକୁ ସତ ସେ ଏପରି କହୁ କହୁ ତା' ପାଟିରୁ ମଣିମୁକୁଟଟି ପାଣିକୁ ଖସିପଡ଼ିଲା। ସେ ବିଚରାର ବୁଦ୍ଧି ହଜିଗଲା। କୁକୁର କୂଳକୁ ଆସି ବିରାଡ଼ିକୁ କହିଲା, ''କାହିଁ, ମତେ ମଣିମୁକୁଟଟା ଦେ; ତୁ କେଉଁଠି ଖସାଇ ଦେବୁ।'' କିନ୍ତୁ ସେତେବେଳକୁ ଆଉ ମଣିମୁକୁଟ ତା' ପାଖରେ ଅଛି ଯେ ସେ ଦେବ। ଓଲଟି ସେ କୁକୁରକୁ ଦୋଷ ଦେଇ କହିଲା, ''ତୁମେ ତ ଗଡ଼ଖାଇ ମଝିରେ ଥରକୁ ଥର ପଚାରି ପଚାରି ମତେ ଅଥୟ କରିଦେଲ। ମୁଁ ପାଟିକରି

Digitized by srujanika@gmail.com

ଉତ୍ତର ଦେବାବେଳକୁ ମଣିମୁକୁଟଟି ପାଣିରେ ଖସି ପଡ଼ିଲା। ମୋର ଆଉ ଚାରା କ'ଣ ?''

କୁକୁର ନିଜକୁ ଦୋଷ ନଦେଇ ରହିପାରିଲା ନାହିଁ। ଦିହେଁ ବହୁତ ଛିଡ଼ିକାର ହେଲେ। ଯାହା ହେବାର ହେଲାଣି, ବର୍ତ୍ତମାନ ଉପାୟ କ'ଣ ବୋଲି ଭାବୁ ଭାବୁ କୁକୁର ମୁଣ୍ଡରେ ଆଉ ଗୋଟିଏ ବୁଦ୍ଧି ଖେଳିଗଲା। ସେ କହିଲା, ''ଭୁଆ, ତୁ କୂଳରେ ବସ। ମୁଁ ପାଣି ଭିତରେ ପଶି ଏ ଖାଇରେ ଯେତେ ମାଛି ଅଛନ୍ତି, ସମସ୍ତଙ୍କୁ ତୋ' ପାଖକୁ ଡଡ଼ି ଆଣିବି। ମୁକୁଟ ପାଣିରେ ପଡ଼ିଗଲା, ତେଣୁ ମାଛଙ୍କ ଭିତରୁ କେହି ଜଣେ ନିଶ୍ଚୟ ଗିଳି ଦେଇଥିବ। ତୁ ମାଛଙ୍କୁ ଧରି ସେମାନଙ୍କର ପେଟ ଫାଡ଼ିପକା – ମୁକୁଟ ବଳେ ମିଳିଯିବ।''

ଭୁଆ ନିଶ୍ଚ ଫୁଲାଇ କୂଳରେ ବସିଲା। କୁକୁର ପାଣିରେ ପଶି ମାଛଙ୍କୁ ତାରି ଆଡ଼କୁ ତଡ଼ି ଆଣିଲା। ଭୁଆ ସେମାନଙ୍କୁ ଧରି ପେଟ ଫାଡ଼ି ଚାଲିଥାଏ। ଏପରି ହେଉ ହେଉ ଅନେକ ମାଛ କୂଳରେ ମରିପଡ଼ିଲେ। ମାଛ ରାଜ୍ୟରେ ଚହଳ ପଡ଼ିଗଲା। କଥା କ'ଣ କାହିଁକି ଏପରି ହତ୍ୟାକାଣ୍ଡ ଚାଲିଛି ? ବୁଝୁ ବୁଝୁ କଥା କ'ଣ ନା, ଭୁଆ ବସି ଏ କାଣ୍ଡ କରୁଛି। ସଙ୍ଗେ ସଙ୍ଗେ ମାଛମାନେ ଯାଇ ସେମାନଙ୍କ ରାଜାଙ୍କୁ ସବୁକଥା ଜଣାଇଲେ। ପ୍ରଜାଙ୍କ ଗୁହାରି ଶୁଣି ନିଜେ ମାଛରାଜା କୂଳକୁ ଧାଇଁଆସି କରପଦ୍ମ ଯୋଡ଼ି ଭୁଆ ଆଗରେ ଠିଆ ହେଲା। କହିଲା –

''ପ୍ରଭୁ, କିବା କଲୁ ଆମେ ଦୋଷ !
ବିନା କାରଣରେ ମାଛଙ୍କ ଉପରେ କାହିଁକି ଏପରି ରୋଷ ?''

ଭୁଆ କହିଲା –

''ସର୍ପରାଜାଙ୍କ ମଣିମୁକୁଟ ମୋ ପାଟିରୁ ପଡ଼ିଲା ଖସି,
କେଉଁ ମାଛ ତାକୁ ଗିଳି ପକାଇଣ ଆରାମେ ଯାଇଛି ବସି।
ଜାଣିନି ପାପିଷ୍ଠ ସାକ୍ଷାତ ମୁଁ ଯମ, କଷି ନେବି ସୁଧମୂଳ,
ରାତି ନ ପାହୁଣୁ ମୁକୁଟ ନ ଦେଲେ ନାଶିଦେବି ଛାମୁକୁଳ।''

''ରକ୍ଷା କରନ୍ତୁ ଧର୍ମାବତାର, ରକ୍ଷା କରନ୍ତୁ ! ମୁଁ ଏଇଲାଗେ ସବୁକଥା ବୁଝି ଦେଉଛି।'' କହି ମାଛରାଜା ପାଣିରେ ପଶିଗଲା। ସଙ୍ଗେ ସଙ୍ଗେ ରାଜ୍ୟର ସବୁ ମାଛଙ୍କୁ ଡାକି ଆଣିଲା। ସର୍ପରାଜାଙ୍କ ମଣିମୁକୁଟ କିଏ ଗିଳିଛି ବୋଲି ସେ ଗୋଟି ଗୋଟି କରି ସବୁ ମାଛଙ୍କୁ ପଚାରିଲା। କିନ୍ତୁ ସମସ୍ତେ କହିଲେ, ''ଆମେ ଦେଖିନୁ, ଆମେ ଜାଣିନୁ।'' ଖାସା କଥା ! ମୁକୁଟଟା ଯଦି ପାଣିରେ ପଡ଼ିଲା, ଗଲା କୁଆଡ଼େ ? ଖୋଜ ଖୋଜ, କେଉଁ ପଙ୍କ ଭିତରେ କି ଗେଣ୍ଡା ଖୋଜ ଭିତରେ ରହିଯାଇ ଥାଇପାରେ। ରାଜାଙ୍କ ବୋଲ ମାନି ମାଛମାନେ ଗଡ଼ଖାଇ ଗୋଟିକ ଯାକ ଖୋଜି ପକାଇଲେ। ସର୍ପରାଜଙ୍କ ମଣିମୁକୁଟ ମିଳିଲା ନାହିଁ। ସେପଟେ ରାତି ପାହିବାକୁ ବସିଲା। ଗଲା, ମାଛକୁଳ ନାଶ ହୋଇଗଲା ବୋଲି ମାଛରାଜା ମୁଣ୍ଡପୋତି ବସି ପଡ଼ିବା ବେଳକୁ ତା' ସାନପୁଅ କେଉଁଠି ଖେଳୁଥିଲା କେଜାଣି, ଘରକୁ ଦୌଡ଼ିଆସିଲା। ମାଛରାଜାର ଶୁଖିଲା ମୁହଁ ଦେଖି ସେ ପଚାରିଲା, ''ବାପା, ତୁମର କ'ଣ ହୋଇଛି

Digitized by srujanika@gmail.com

କି ? ଏପରି କାହିଁକି ବସିଛ ?''

ମାଇରାଜା ସବୁ କଥା କହିଗଲା। ସବୁ ଶୁଣିସାରି ତା' ସାନପୁଅ କହିଲା, ''ବାପା, ଆଜି ରାତିଅଧବେଳେ ପାଣିରେ ଟୁବ୍ କିନା କ'ଣ ଗୋଟିଏ ଚକଚକିଆ ଚିଜ ଗଳିପଡ଼ିଲା। ମୁଁ ସେଇଟାକୁ ଗିଳିଦେଇଛି। ସେଇଟା କ'ଣ ସର୍ପରାଜାଙ୍କ ମଣିମୁକୁଟ ହୋଇଥିବ ?''

ଏଁ, କାହିଁ, ତୁ ବାନ୍ତି କର, ବାନ୍ତି କର'' କହି ରାଜାରାଣୀ ତାକୁ ମାଡ଼ିବସିଲେ। ଅନେକ ଚେଷ୍ଟା ପରେ ସେ ଅ ଅ ଅ... କରି ବାନ୍ତି କରିପକାଇଲା। ସେହି ବାନ୍ତି ସହିତ ମଣିମୁକୁଟଟି ବାହାରି ଆସିଲା। ମାଇରାଜା କି ଆଉ ଡେରି କରନ୍ତା। ସେ ମୁକୁଟଟି ନେଇ ଭୁଆକୁ ଦେଇଦେଲା। ସେତେବେଳକୁ ରାତି ପାହି ସାରିଥାଏ। ଭୁଆ ଓ କୁକୁର ଦୌଡ଼ିଯାଇ ଜାନ୍ ପାଖରେ ପହଞ୍ଚିଗଲେ। ଏଥର ଜାନ୍‌ର ଖୁସି ଦେଖେ କିଏ !

ସେ ଦିନ ରାଜା ଦରବାରରେ ବସିଥାନ୍ତି। ଜାନ୍ ତା' ଦୁଇ ବନ୍ଧୁ କୁକୁର ଓ ବିରାଡ଼ିକୁ ସଙ୍ଗରେ ଧରି ଦରବାରରେ ପହଞ୍ଚିଗଲା। ରାଜା ତାକୁ ସଙ୍ଗେ ସଙ୍ଗେ ଚିହ୍ନି ପକାଇଲେ। ସେ କହିଲା, ''ମହାରାଜ, ଆପଣଙ୍କ ଝିଅ ଚୋରଣୀ। ସେ ମୋଠାରୁ ଏହି ମଣିମୁକୁଟଟି ଚୋରାଇ ନେଇଥିଲା। ମୁଁ ମୋର ଏହି ବନ୍ଧୁଙ୍କ ସାହାଯ୍ୟରେ ମୋ ଜିନିଷ ଫେରିପାଇଲି।''

ସେତେବେଳକୁ ରଜାଝିଅ ଘରଦ୍ୱାର ଖୋଲି, ମୁହଁ ଗାତମାନଙ୍କରେ ଲଙ୍କାମରିଚ ଧୂଆଁ ଦେଇ ଏପରି କରିଥାଏ ଯେ ରାଜା ସେଥିରେ ବଡ଼ ବିବ୍ରତ ହୋଇ ଯାଇଥିଲେ। କାହିଁକି ଏପରି ଘରଦ୍ୱାର ତାଡ଼ି ପକାଉଛି ବୋଲି ପଚାରିବାରୁ କିଛି କହୁନଥାଏ। ବର୍ତ୍ତମାନ ତା' ନାଆଁରେ ଏ ପ୍ରକାର ଅଭିଯୋଗ ଶୁଣି ରାଜା ସମସ୍ତ ବିଷୟଟି ପଚାରି ବୁଝିଗଲେ। ଶେଷକୁ ସେ ରାୟଦେଲେ ଯେ ଝିଅକୁ ଫାଶୀ ଦେବେ। କିନ୍ତୁ ଜାନ୍ କହିଲା, ''ମଣିମା, ଏସବୁ ମୋ ଦୋଷରୁ ହେଲା। ଧନ ସମ୍ପଦ ବଳରେ ମୁଁ ସଂସାରର ସବୁ କିଛି ପାଇଯିବି ବୋଲି ଭାବିଥିଲି। ଏବେ ଦେଖିଲି, ସମ୍ପଦ ବଳରେ ମୁଁ ସବୁ ପାଇଲେ ବି ମଣିଷର ମନ କିଣିପାରିଲି ନାହିଁ। ଆପଣଙ୍କ ଝିଅ ମତେ ଭଲ ପାଉଥିଲେ ଏପରି ଚୋରି କରି ମତେ ଘରୁ ଅନ୍ତର କରିନଥାନ୍ତା। ତେଣୁ ତା'ର ଠିକ୍ ଦଣ୍ଡ ହେଉଛି ତାକୁ ଆଗର ସେହି ରଜାପୁଅ ସହିତ ବାହାକରିଦିଅନ୍ତୁ।''

ରାଜା ଏଥିରେ ଏକମତ ହେଲେ। ଏଥର ଜାନ୍ ମଣିମୁକୁଟଟି ଧରି ତା' ସାଙ୍ଗମାନଙ୍କ ସହିତ ସର୍ପରାଜାଙ୍କ ପାଖକୁ ଚାଲିଗଲା। ସେଠାରେ ସର୍ପରାଜାଙ୍କୁ ମଣିମୁକୁଟ ଫେରାଇଦେଇ କହିଲା, ''ମହାରାଜ, ଆପଣ ସତ କହିଥିଲେ। ଏ ମଣିମୁକୁଟ ମଣିଷକୁ ସ୍ଥାୟୀ ସୁଖଶାନ୍ତି ଦେବ ନାହିଁ। ତେଣୁ ଆପଣଙ୍କ ମୁକୁଟ ଆପଣ ଫେରାଇ ନିଅନ୍ତୁ।''

ଜାନ୍ ଠିକ୍ ଶିକ୍ଷା ପାଇଗଲା ଦେଖି ସର୍ପରାଜା ଖୁସିହେଲେ। ସେହି ଦିନଠାରୁ ସେ ତାକୁ ଓ ତା' ଦୁଇ ବନ୍ଧୁଙ୍କୁ ନିଜ ପାଖରେ ରଖିନେଲେ।

Digitized by srujanika@gmail.com

ଗଧିଆର ଜଳଖିଆ

ଗଧିଆମାନେ ଦଳ ବାନ୍ଧି ଶିକାର କରନ୍ତି; କିନ୍ତୁ ଗୋଟିଏ ଗୋଠଖଣ୍ଡିଆ ଗଧିଆ ଥାଏ ଯେ ସେ ତା'ର ଏକାଟିଆ ଶିକାର କରେ। ଫଳରେ ଯେଉଁଦିନ ମିଳିଲା ସେଦିନ ଖାଏ, ନ ମିଳିବା ଦିନ ଉପାସ ରହେ। ଥରେ ତିନି-ଚାରି ଦିନ ପର୍ଯ୍ୟନ୍ତ ତାକୁ କିଛି ଶିକାର ମିଳିଲା ନାହିଁ। ଭୋକରେ ଆଉଟୁପାଉଟୁ ହୋଇ ଶୋଇଛି, ପାହାନ୍ତିଆ ବେଳକୁ ଗୋଟିଏ ସ୍ୱପ୍ନ ଦେଖିଲା ଯେ ଜଳଖିଆ କରିବା ଲାଗି ତାକୁ ଏକ ବଡ଼ିଆ ଶିକାର ମିଳିଯାଇଛି; କିନ୍ତୁ ସ୍ୱପ୍ନରେ ଅଧଖିଆ ହୋଇଛି, ନିଦ ଭାଙ୍ଗିଗଲା। ଏଡ଼େ ସୁନ୍ଦର ସ୍ୱପ୍ନ ଭାଙ୍ଗିଗଲା ଦେଖି ବିଚରାର ମନ ଭାରି ଦୁଃଖ ହେଲା। ନିଜକୁ ବୁଝାଇ କହିଲା, ''ଆଗକୁ ଯାହା ହେବାକୁ ଥାଏ, ତାହା ପାହାନ୍ତିଆ ସ୍ୱପ୍ନରେ ଦେଖାଯାଏ। ଆଜି ନିଶ୍ଚୟ ଜଳଖିଆ ମିଳିବ।'' ଏପରି ଭାବି ସେ ଶିକାର ପାଇବା ଆଶାରେ ଗୁହା ଭିତରୁ ବାହାରିପଡ଼ିଲା।

ଶିକାର ଖୋଜୁ ଖୋଜୁ ସେ ଦେଖିଲା, ଗୋଟିଏ ଛେଳି ତା'ର ଛୁଆ ଦୁଇଟି ଧରି ଗାଆଁମୁଣ୍ଡରେ ଚରୁଛି। ଗଧିଆ ପାଇଁ ଛେଳିଠାରୁ ବଳି ଭଲ ଜଳଖିଆ ଆଉ କ'ଣ ଥାଇପାରେ। ସେ ଯାଇ ଛେଳିକୁ କହିଲା, ''ଆଲୋ, ଭୋକରେ ମୋ ପେଟ କେଁ କେଁ ଡାକୁଛି। ଇମିତି ଭୋକ ବେଳକୁ ତୋ ଭଳି ଜଳଖିଆ ମିଳିଛି। ଆଜି ମୁଁ ତୁମ ମାଆପିଲା ତିନିଟାକୁ ଖାଇବି। ଆଗ ତୋ ଛୁଆ ଦିଇଟାକୁ, ତା'ପରେ ତତେ। ଦେ, ଆସ୍।''

ଛେଳି କହିଲା, ''ଏତେ ବଡ଼ ଭୋକ କିପରି ସମ୍ଭାଳିବ ସତେ! ମୋର ବା ତୁମକୁ ମନା କରିବାକୁ ଚାରା କାହିଁ? କିନ୍ତୁ ମୋର ଗୋଟିଏ ମିନତି ଶୁଣ। ମତେ ପାଞ୍ଚଟା ମିନିଟ୍ ଛାଡ଼ିଦିଅନ୍ତୁ; ମୁଁ ଗିର୍ଜାପାଖକୁ ଯାଇ ପଦଟିଏ ଭଜନ ଗାଇ ପଳାଇ ଆସିବି। ତା'ପରେ ତୁମେ ଗୋଟି ଗୋଟି କରି ଖାଇବ କି, ଏକା ସଙ୍ଗେ ଖାଇବ, ତୁମ ଇଚ୍ଛା।''

ଗଧିଆ କହିଲା, ''ହଁ, ହଁ, ମଲାପୂର୍ବରୁ ଭଜନ ଟିକିଏ କରିବା କଥା। ତୋ ମନ ଯଦି ଗିର୍ଜା ଆଡ଼କୁ ଡାକୁଛି, ମନା କରିବି କିଆଁ? କିନ୍ତୁ ତୁମର ରକ୍ଷା ନାହିଁ ଜାଣ; ଖାଇବି ନିଶ୍ଚୟ।''

ଖଣ୍ଡେ ଦୂରରେ ପୁରୁଣା ଗିର୍ଜା ଘରଟିଏ ଥାଏ। ଗଧିଆର ଅନୁମତି ପାଇ ମାଆଛୁଆ ତିନିହେଁ ସେହି ଗିର୍ଜା ପାଖକୁ ଚାଲିଲେ। ସେଠାରେ ପହଞ୍ଚୁ ପହଞ୍ଚୁ ମେଁ ମେଁ ହୋଇ ଏପରି ଚଢ଼ି ଛାଡ଼ିଲେ ଯେ ପାଖଆଖରେ କାମ କରୁଥିବା ଚାଷୀମାନେ କ'ଣ ହେଲା ବୋଲି ଠେଙ୍ଗାବାଡ଼ି ଧରି ଦୌଡ଼ି ଆସିଲେ। ଗଧିଆକୁ ଦେଖୁ ଦେଖୁ ସେମାନେ ତା' ପଛରେ କୁକୁର ଲଗାଇଦେଲେ। ବିଚରା କୌଣସି ପ୍ରକାରେ ପ୍ରାଣ ନେଇ ସେଠାରୁ ପଳାଇଗଲା। ଭାବିଲା, ''ଛି, ମୋରି ବୋକାମି ଯୋଗୁଁ ଏତେ ସୁନ୍ଦର ଜଳଖିଆ ହାତରୁ ଖସିଗଲା।''

Digitized by srujanika@gmail.com

ଗଧିଆ ମନୋଦୁଃଖରେ ଚାଲିଛି, ଦେଖିଲା ଆଗରେ ଗୋଟିଏ ଘୁଷୁରି ତା'ର ନଅଟି ଛୁଆ ନେଇ ଚରୁଛି। ଗଧିଆ ଭାବିଲା, ''ଆରେ! ମୋ ଜଳଖିଆ ଆସି ଏଇଠି ଅଛି; ମୁଁ ଆଉ ଗିର୍ଜା ପାଖରେ ପାଆନ୍ତି କିପରି!'' ଏଥର ସେ ଡିଆଁମାରି ଘୁଷୁରି ଆଗରେ ଠିଆ ହୋଇଗଲା। କହିଲା, ''ହେଇଟି, ମତେ ଏପରି ଭୋକ କରୁଛି ଯେ ତୁମ ମାଆପିଲା ଦଶଟାଙ୍କୁ ଗିଳିଦେଲେ ବି ସେ ଭୋକ ମରିବ ନାହିଁ। ଦେ ଆସ୍, ଆଗେ ତତେ ଖାଇବି, ତା' ପରେ ତୋ ଛୁଆଙ୍କୁ।''

ଘୁଷୁରି କହିଲା, ''ମୁଁ କ'ଣ ତୁମକୁ ରୋକି ପାରିବି ? ତୁମେ ନିଶ୍ଚୟ ଖାଇଦେବ। ଆମକୁ ଖାଇବା ପାଇଁ ତ ଲୋକେ ପୋଷିଛନ୍ତି – ସେମାନେ ଖାଇଥାନ୍ତେ, ନହେଲା ଏବେ ତୁମେ ଖାଇଯିବ– ମୁଁ କାହିଁକି ମନା କରିବି? ମତେ ବି ଏ ଜୀବନ ଆଉ ଭଲ ଲାଗୁନାହିଁ। ଗୋଟେ କି ଦିଇଟା ନୁହଁ, ଏଥିରୁ ନଅନଅଟା ଛୁଆ ଦିନ ନାହିଁ, ରାତି ନାହିଁ ଖାଇବି ଖାଇବି ହୋଇ ମତେ ଦୁହିଁପକାଇଲେଣି। ମରିଗଲେ ଏ ଦହଗଞ୍ଜରୁ ତ୍ରାହି ପାଆନ୍ତି; କିନ୍ତୁ ଦୁଃଖର କଥା, ତୁମକୁ ନକହି ଆଉ କହିବି କାହାକୁ? ନଅଟି ଛୁଆ ଜନମ କରିଛି ଯେ ଏଥିରୁ ଗୋଟିକୁ ବି ନାଆଁ ଦେଇ ପାରି ନାହିଁ। ମୋ ମିନତି ଯଦି ରଖନ୍ତ, ତେବେ ହେଇଟି ସେ ମିଲ୍ ପାଖ ନାଳରେ ଛୁଆଙ୍କ ଉପରେ ପାଣି ମଦିଏ ମଦିଏ ପକାଇ ନାଆଁଟିଏ ଲେଖେ ଦେଇ ନେଇ ଆସନ୍ତି। ତା'ପରେ ତ ଆମେ ତୁମର, ଖସିଯିବୁ କୁଆଡ଼େ ?''

ଗଧିଆ କହିଲା, ''ଯଦି ଖସିଯିବା ମଉକା ନ ଖୋଜିବୁ ତେବେ ଯାଅ। ମୁଁ ନାଳ ଧାରରେ ଜଗି ବସିବି, ତୁ ଛୁଆଙ୍କୁ ନାଆଁ ଦେଇ ଫେରୁ ଫେରୁ ଖାଇଯିବି। ସତରେ ଭାରି ଭୋକ ହେଉଛି।''

ଘୁଷୁରି ଯେଉଁ ନାଳ ପାଖକୁ ଗଲା, ସେ ନାଳ ପାରହେବା ଲାଗି ଗୋଟାଏ ପଟା ପଡ଼ିଥାଏ। ଗଧିଆ ପଟାର ମୁଣ୍ଡରେ ବସିଲା, ଘୁଷୁରି ତା' ଛୁଆଙ୍କୁ ଆଗରେ ପଠାଇଦେଇ ପଛରେ ଚାଲିଲା। ଛୁଆତକ ଅନ୍ୟ କୂଳରେ ପହଞ୍ଚିବା ପରେ ଘୁଷୁରି ପଟାର ଆର ମୁଣ୍ଡରେ ଠିଆହୋଇ ଏପରି ଏକ କୁଦାମାରି ଡେଇଁପଡ଼ିଲା ଯେ ପଟାର ଏ ମୁଣ୍ଡଟା ଡିଙ୍କିପରି ଉପରକୁ ଉଠିଗଲା ଓ ତଳେ କଚିହୋଇ ପଡ଼ିଗଲା। ଭୋକିଲା ଗଧିଆ ନିଜର ଭାର ସମ୍ଭାଳି ନପାରି ସେହି କଚଡ଼ାକେ ସିଧା ଯାଇ ନାଳର ପୋଚାପାଣି ଭିତରେ ଗଳିପଡ଼ିଲା। ପଙ୍କ କାଦୁଅ ଭିତରୁ ବାହାରି କୌଣସି ପ୍ରକାରେ କୂଳକୁ ଉଠିବା ବେଳକୁ ଘୁଷୁରି ତା' ଛୁଆଙ୍କୁ ନେଇ ମିଲ୍ ଭିତରେ ପଶିଗଲାଣି।

ଗଧିଆ ବିଚରା କାନମୁଣ୍ଡା ଆଉଁଷି ସେଠାରୁ ପଳାଇ ଆସିଲା। ମନ ଖରାପ କରି ପଳାଇ ଆସୁ ଆସୁ ଦେଖିଲା ଗୋଟିଏ ଗଞ୍ଜା ଚରୁଛି। ଭାବିଲା, 'ଆଜି ଏଇଟିକୁ ଜଳଖିଆ କରିବି। ଛେଳିଟିଏ କି ଘୁଷୁରିଟିଏ ଖାଇଥିଲେ ପେଟ ପୂରିଥାନ୍ତା; ଗଞ୍ଜାଟା ଗୋଟାଏ କଳକୁ ବି ପାଇବ ନାହିଁ। ତଥାପି ନାହିଁ ମାମୁଠାରୁ କଣା ମାମୁ ଭଲ।' ଏପରି ଭାବି ସେ ଯାଇ ଗଞ୍ଜା ଆଗରେ ଠିଆହୋଇଗଲା। କହିଲା, ''ହେ, ତୁ ଛୋଟ ହୁଅ କି ବଡ଼ ହୁଅ; ମତେ ଭାରି ଭୋକ ହେଉଛି; ମୁଁ ତତେ

Digitized by srujanika@gmail.com

ଖାଇଲି ଜାଣ।''

ଗଞ୍ଜା କହିଲା, ''ମୋର ସେଥିକି ଆପରି ନାହିଁ, କିନ୍ତୁ ମୋର ଗୋଟିଏ କାମ ବାକି ଅଛି। ସକାଳୁ ମୁଁ ମୋଟେ ଥରଟିଏ ରାବିଛି। ସକାଳୁ ରାବି ସାଇପଡ଼ିଶାଙ୍କୁ ନିଦରୁ ଉଠାଇବା ମୋ କାମ। ଲୋକ ଆହୁରି ଉଠି ନାହାନ୍ତି, ମୁଁ ଆଉ ଥରଟିଏ ଭଲକରି ରାବିଦିଏ, ତା'ପରେ ତୁମେ ଖାଇବ।''

ଗଧିଆ ଦି' ଦି'ଥର ଠକି ହୋଇ ତରକି ଯାଇଥାଏ। ସେ କହିଲା, ''ତା' ହୋଇପାରିବ ନାହିଁ। ମୁଁ ତତେ ଟିକିଏ ସୁବିଧା ଦେଲେ ତୁ ଖସି ଚାଲିଯିବୁ।'' ଗଞ୍ଜା କହିଲା, ''ଆଚ୍ଛା କଥା! ତୁମର ଯଦି ଏତେ ସନ୍ଦେହ, ତେବେ ମୋ ଲାଞ୍ଜଟା କାମୁଡ଼ି ଧର। ମୁଁ ଥରଟିଏ ରାବିଦିଏ।''

ଗଧିଆ ଗଞ୍ଜାର ଲାଞ୍ଜପର ଦୁଇଟି କାମୁଡ଼ି ଧରି କହିଲା, ''ତା'ହେଲେ ଯେତେ ରାବୁନୁ ରାବ ଧନ!'' କିନ୍ତୁ ଏ ଭିତରେ ଗଞ୍ଜା ତା' ଗଳା ଫୁଲାଇ, ଡେଣା ହଲାଇ ମୁଣ୍ଡ ଟେକି 'କୁକ୍‌କରେ କୁ— ଉ' ବୋଲି ରଡ଼ି ଛାଡ଼ି ଏପରି ଏକ ହୁଙ୍କାର ଦେଲା ଯେ ପର ଦୁଇଟା ଗଧିଆ ପାଟିରେ ଅଛି, ସେ ଉଡ଼ିଯାଇ ଗଛ ଡାଳରେ ପାଇଗଲା। ଗଧିଆ ହତାଶ ହୋଇ ଚାହିଁଛି, ଗଞ୍ଜା ତାକୁ ଖତେଇ ହୋଇ ଆଉ ଥରେ ରାବିଦେଲା ଏବଂ ଆଉ ଗୋଟିଏ ଡାଳକୁ ଉଡ଼ିଗଲା। ଗଧିଆ ନିଜକୁ ଧିକ୍‌କାର କରି ସେଠାରୁ ପଳାଇ ଆସିଲା। ଭାବିଲା, 'ମୁଁ କି ବୋକା ନୁହେଁ ସତେ! ଜଣେ ନୁହେଁ କି ଅଧେ ନୁହେଁ; ସମସ୍ତେ ମତେ ଠକିଦେଇ ଗଲେ। ଆଜି ଆଉ ଖାଇବାକୁ ମିଳିବ ନାହିଁ।' କିନ୍ତୁ ଖଣ୍ଡେଦୂର ଯାଇଛି କି ନାହିଁ, ଦେଖିଲା ଗୋଟିଏ ବତକ ଚରୁଛି। ବତକ ଆଗରେ ଠିଆହୋଇ ଗଧିଆ କହିଲା, ''ଏ, ମୁଁ ତତେ ଖାଇଲି ବୋଲି ଜାଣ। ତୁ ଆଉ ଖସିଯାଇପାରିବୁ ନାହିଁ।''

ବତକ କହିଲା, ''ତୁମ ହାବୁଡ଼ରୁ ଖସିଯିବାକୁ କାହାର ଭଲା ଜୁ ଅଛି!! ସହଜେ ମୁଁ ବୁଢ଼ୀ ହେଲିଣି ଯେ ଅଣ୍ଡା ପାରିବାକୁ ଆଉ ବଳ ପାଉ ନାହିଁ। କେତେବେଳେ ମରି ପଡ଼ିବି ଠିକ୍ ନାହିଁ। ଆଜିଠୁ ତୁମେ ଖାଇଦିଅ ଯେ ତୁମ ପେଟ ପୂରିବ। କିନ୍ତୁ ଗୋଟିଏ କଥା, . . . ।''

ଗଧିଆ କହିଲା, ''ମୁଁ ଏତେ କଥାଫଥା ଜାଣେନି।''

ବତକ କହିଲା, ''ଆହେ, କଥାଟା ଶୁଣ, ତା'ପରେ ରାଗିବ। ତୁମ ଭଲ ପାଇଁ କହୁଛି। ଅଣ୍ଡା ଉଷୁମାଉଥିଲି ଯେ ଦି'ହପ୍ତା ହେଲା ଘରୁ ବାହାରି ନଥିଲି। ଏତେଦିନ ହେଲା ଗାଧୁଆ ପାଧୁଆ ନାହିଁ। ଦେଖୁନା, ମୋ ଦେହମୁଣ୍ଡ କିପରି ମଳମୂତ୍ର ପଙ୍କକାଦୁଅରେ ଭରିହୋଇଛି। ଇମିତି ଅବସ୍ଥାରେ ଖାଇଲେ ତୁମ ପାଟିକି ଭଲ ଲାଗିବ ନାହିଁ କି ପେଟକୁ ଭଲ ହେବ ନାହିଁ। ଏ ଗଡ଼ିଆ କୂଳରେ ମୁଁ ଟିକିଏ ଗାଧୋଇ ପକାଏ କି, ତା'ପରେ ତୁମେ ଖାଇବ।''

ଗଧିଆ କହିଲା, ''ନା ନା, ତା' ହୋଇପାରିବ ନାହିଁ। ପାଣିରେ ପଶି ମୋତେ ଠକିଦେବୁ। ତତେ ଛାଡ଼ିବି ନାହିଁ।'' ବତକ କହିଲା, ''ନଛାଡ଼ିବ ଯଦି ମୋ ଲାଞ୍ଜଟାକୁ କାମୁଡ଼ି ଧର; ମୁଁ କୂଳରେ କୂଳରେ ଟିକିଏ ଘଷିମାଜି ହୋଇ

Digitized by srujanika@gmail.com

ପଳାଇ ଆସେ।''

ଗଧିଆ ଦେଖିଲା ବତକଟା ସତରେ ବଡ଼ ଅସନା ହୋଇଛି। ଗାଧୋଇ ପକାଇଲେ ପରିଷାର ହୋଇଯିବ ଯେ ଖାଇବାକୁ ସୁଆଦ ଲାଗିବ। ତେଣୁ ସେ ବତକର ଲାଞ୍ଜ କାମୁଡ଼ି ଧରିଲା ଏବଂ ବତକ କୂଳ ପାଖରେ ଚବର ଚବର ହୋଇ ଗାଧୋଇଲା। ଟିକିଏ ଟିକିଏ ଭିତରକୁ ଟାଣିହୋଇ ଗାଧୋଉ ଗାଧୋଉ ସେ ତା' ଡେଣା ଦୁଇଟିକୁ ଏପରି ଭାବରେ ଝାଡ଼ିଦେଲା ଯେ ଗଧିଆ ନାକ ଭିତରେ ପୁଳେ କାଦୁଅ ପାଣି ପଶିଗଲା। ଗଧିଆର ଛିଙ୍କ ବାହାରିପଡ଼ିଲା। ସେ ଛିଙ୍କିଦେଲା ବେଳକୁ ତା' ପାଟିରୁ ବତକର ଲାଞ୍ଜଟା ଖସିଗଲା ଏବଂ ସେହି ସୁଯୋଗରେ ବତକ ଡୁବନ ଦେଇ ପାଣିରେ ପଶିଗଲା ଓ ବାହାରିଲା ଯାଇ ଗାଡ଼ିଆ ମଝିରେ। ଗଧିଆ ଫାଁଗାଲି କୂଳରେ ବସିପଡ଼ିଲା। ସେ ବତକ ଆଉ କୂଳକୁ ଫେରିଲା ନାହିଁ। ଗଧିଆ ନିରାଶ ହୋଇ ସେଠାରୁ ପଳାଇ ଯାଉ ଯାଉ ଦେଖିଲା ପଡ଼ିଆରେ ଗୋଟିଏ ଘୋଡ଼ା ଚରୁଛି। ତା' ପାଖରେ ଛୁଆଟି ବି ଚରୁଛି। ସେ କୁଦା ମାରି ଘୋଡ଼ା ଆଗକୁ ଚାଲିଗଲା। କହିଲା, ''ଭଲଖିଆ ଟିକିଏ କରିବି ବୋଲି ରାତି ପାହାନ୍ତିଆରୁ ଘରୁ ବାହାରିଛି। ଏଯାଁଏ ହାବୁଡ଼ରେ କିଛି ଯୁଟି ନଥିଲା। ମୁଁ ଆଉ ତତେ ନ ଛାଡ଼େ; ତତେ ଖାଇବି, ତୋ ଛୁଆକୁ ବି ଖାଇବି।''

ଘୋଡ଼ୀ ମାଟିକରି କହିଲା, ''ମୂର୍ଖ, ତୁ ଜାଣିନୁ, ମୋ ହାତରେ ମୁଁ ଖୋଦ ମହାରାଜାଙ୍କ ଚିଠି ଧରିଛି; ମୋ ଦେହରେ ଯେ ହାତ ଦେବ ମହାରାଜା ତାକୁ ଫାଶୀକାଠରେ ଝୁଲାଇଦେବେ।''

ଗଧିଆ ଡର ଦେଖାଇ କହିଲା, ''ଏଁ! କାନ କି ନୂଆକଥା ଶୁଣିଲା ହୋ!! କାହିଁ ଦେଖି ସେ ଚିଠି।''

ଘୋଡ଼ା ତା' ଆଗ ଗୋଡ଼ ଦୁଇଟି ଟେକିଦେଇ କହିଲା, ''ଦେଖ, ମୋ ଖୁରାରେ ମଣିମାଙ୍କ ମୋହର ଦିଆ ଚିଠି ରହିଛି।'' କଥା କ'ଣ କି, ସେ ଗୋଟିଏ ପୋଷା ଘୋଡ଼ା; ସେହିଦିନ ସକାଳେ ତା' ଖୁରାରେ ନୂଆକରି ନାଲ ମରାଯାଇଥାଏ। ବୋକା ଗଧିଆ ରାଜାଙ୍କ ଚିଠି ପଢ଼ିବ ବୋଲି ଘୋଡ଼ୀ ଖୁରା ତଳକୁ ଯାଇ ନିରେଖି ଚାହିଁଲା। ଘୋଡ଼ୀ ସେହି ମଉକାରେ ତା' ମୁହଁ ଉପରେ ଦୁଇ ଟାପୁ ପକାଇଦେଇ ଏପରି ଡେଇଁ ପଡ଼ିଲା ଯେ ଗଧିଆ ବିଚରା 'ମରିଗଲି ମରିଗଲି' ବୋଲି ଡାକ ଛାଡ଼ିଲା। ଘୋଡ଼ୀ ତାକୁ ଦୁଇନାତ ମାରି ସେଠାରୁ ଦୌଡ଼ି ପଳାଇଗଲା। ଗଧିଆ କାନମୁଣ୍ଡା ଆଉଁଷି ପଳାଇ ଆସୁ ଆସୁ ଭାବିଲା, 'ମତେ ସମସ୍ତେ ଦଗା ଦେଲେ, ତଥାପି ମୋ ବୁଦ୍ଧି ହେଲା ନାହିଁ।' ଏପରି ଭାବି ଭାବି ଚାଲିଛି, ଦେଖିଲା ପୋଖରୀ କୂଳରେ ଗୋଟିଏ ବୁଢ଼ା ମେଣ୍ଢା ଚରୁଛି। ଏକାକୁଦାକେ ମେଣ୍ଢା ଆଗରେ ଠିଆହୋଇଯାଇ ସେ କହିଲା, ''ମେଣ୍ଢା, ତତେ ମୁଁ ଆଜି ଖାଇଲି। ତୋ ହାଡ଼, ଗୋଡ଼, ଶିଙ୍ଗ, ଚମଡ଼ା କିଛି ବାକି ରଖିବି ନାହିଁ। ଆରେ, ତୁ କେତେ! ଇମିତି ଭୋକ ହେଉଛି ଯେ ପଥର ମିଳିଲେ ବି ଖାଇଯିବି।''

ମେଣ୍ଢା କହିଲା, ''ଖାଇଦେ, ଖାଇଦେ ଭାଇ, ଶୀଘ୍ର ଖାଇଦେ। ମୋର

Digitized by srujanika@gmail.com

ଏ ଦେହ ଧରି ଆଉ କି ଲାଭ ଯେ? ବୁଢ଼ା ହେଲିଣି, ଆଖିକୁ ଦିଶୁନାହିଁ, ପତର ଖାଉ ଖାଉ ଗୋଡ଼ି ଖାଇଦେଉଛି। ବଳ ବୟସ ଖସିଲା; କାଳ ଓଲଟା ହେଲାଣି ଯେ ମୋରି ଆଗରେ ଛନମା ହୋଇଥିବା ମେଞ୍ଚଡ଼ ଟୋକାଗୁଡ଼ାକ ମତେ ମାନ ସମ୍ମାନ ଦେଉ ନାହାନ୍ତି। କଥା କହିଲେ ଲଢ଼େଇ କରିବାକୁ ମୁଣ୍ଡ ଟେକୁଛନ୍ତି। ମତେ ଖାଇଦେ; ଏ ପୋଡ଼ା ଜୀବନ ଚାଲିଗଲେ ତୋର ମଙ୍ଗଳ, ମୋର ବି ମଙ୍ଗଳ। ମୁଁ କହୁଛି, ତୁ ମତେ ଖାଇବା ଆଗରୁ ମୁଁ ତୋ ପାଟି ଭିତରେ ପଶି ଯାଆନ୍ତି କି।''

ଏ କଥା ଶୁଣି ଗଧିଆ ଭାରି ଖୁସି ହୋଇଗଲା। ଭାବିଲା, ଯାହାହେଉ ମେଣ୍ଢାଟା ଦଗା ଦେବ ନାହିଁ। ମେଣ୍ଢା କହିଲା, ''ତୁ ହିଡ଼ ତଳକୁ ଚାଲିଯା, ପୋଖରୀ କୂଳରେ ଠିଆହୋଇ ଆଁ କରି ମୋ ଆଡ଼କୁ ଚାହାଁ। ମୁଁ ହିଡ଼ ଉପରେ ଠିଆହୋଇ ଠିକ୍ ତୋ ପାଟି ଭିତରକୁ ଡେଇଁପଡ଼ିବି ଯେ ସିଧା ଯାଇ ତୋ ପେଟ ଭିତରେ ପଶିଯିବି।''

ଗଧିଆ ମନ ଖୁସିରେ ଯାଇ ପୋଖରୀ କୂଳରେ ଆଁ କରି ଠିଆ ହୋଇଗଲା। ମେଣ୍ଢା ହିଡ଼ ଉପରୁ ଡେଇଁ ଗଧିଆ ମୁହଁରେ ଏପରି ଏକ ମୁଣ୍ଡିଆ ମାରିଲା ଯେ ଗଧିଆ ଯାଇ ମଝି ପୋଖରୀରେ ପଡ଼ିଗଲା, ବିଚରା ଦି' ଚାରି ଡୋକ ପାଣି ପିଇ କାଉଳିବାଉଲି ହୋଇ ପାଣିରୁ ଉଠି ଆସିବାବେଳକୁ ମେଣ୍ଢା ଚମ୍ପଟ ଛୁ ଦେଲାଣି। ନିଜକୁ ଧିକ୍‌କାର କରି ଗଧିଆ କହିଲା, ''ଓଃ, ଏଇ ଛଳଖିଆରେ ଯେ ପେଟ ପୂରିଗଲା। ମୋ ପରି ବୋକାକୁ ଏପରି ଛଳଖିଆ ନମିଳିବ ତ ମିଳିବ କ'ଣ?''

ସାବତମାଆ

ଝିଅଟିଏ ଥାଏ ଯେ ତା' ନାଆଁ ମେରୀସିଆ। ବିଚାରୀର ମାଆ ମରିଯାଇଥାଏ। ସାବତମାଆ ଘରର ମାଲିକିଆଣୀ; ସେ ମେରୀସିଆକୁ ଦି' ଆଖିରେ ଦେଖିପାରେ ନାହିଁ। କଥା କ'ଣ କି, ମେରୀସିଆଟି ସୁନ୍ଦର ଯିମିତି ଗୁଣର ସେମିତି; କିନ୍ତୁ ତା' ସାବତ-ଭଉଣୀ ଆଙ୍ଗୁସିଆଟା ମେଳଛୀଟାଏ; ଚେପ୍‌ଟିନାକୀ, କୋଡ଼ିଦାନ୍ତୀ, ତାକୁ ଦେଖିଲେ ଲାଗେ ବାନ୍ତି; କିନ୍ତୁ ତା' ମାଆ କହେ ତା' ଝିଅ ସମାନ ଜଗତେ ନାହିଁ ଆନ। ବଡ଼େଇ କରି ସିନା କହେ, ହେଲେ ମେରୀସିଆର ସୁନ୍ଦର ମୁହଁ ଦେଖିଦେଲେ ତା' ଦେହରେ ନିଆଁ ଲାଗିଯାଏ। ଆଙ୍ଗୁସିଆ ମାଆ ପାଖରେ ବସି ଦିନରାତି ବେଶ ହେଉଥାଏ, ପୋଷାକ ଉପରେ ପୋଷାକ ପିନ୍ଧୁଥାଏ, ବେଣୀ ଉପରେ ବେଣୀ ବାନ୍ଧୁଥାଏ। ଖାଏ ଯିମିତି ପିଏ ସିମିତି; କିନ୍ତୁ କେତେ କଲେ କ'ଣ ହେବ? 'ମତେ ଯେତେ ମାଠିବୁ ମାଠ, ମୁଁ ସେହି ଦରପୋଡ଼ା କାଠ'— ଆଙ୍ଗୁସିଆର ରୂପ ବଦଳେ ନାହିଁ କି ତା' ଟାଆଁସିଆ କଥା କଅଁଳ ହୁଏ ନାହିଁ।

Digitized by srujanika@gmail.com

ସବୁ ଫନ୍ଦିଫିକର କରି ମାଆ ଯେତେବେଳେ ହାରିଯାଏ, ସେତେବେଳେ ସେ ଦୋଷଯାଜ ମେରୀସିଆ ଉପରେ ଢାଳିଦିଏ।

ମେରୀସିଆଟି ସକାଳୁ ଉଠି ଘର ଓଳାଏ, ବାସନ ମାଜେ, ପରିବା କାଟେ, ବେସର ବାଟେ, ରାନ୍ଧେ, ବାଢ଼େ, ଲୁଗା କାଚେ; କିନ୍ତୁ ଏତେ କରି ବି ସାବତମାଆକୁ ଖୁସି କରିପାରେ ନାହିଁ। ତେଣୁ ସେମାନେ ତାକୁ ଦି'ବେଳା ଦି'ମୁଠା ଖାଇବାକୁ ଦିଅନ୍ତି ନାହିଁ କି ଭଲ କରି ଖଣ୍ଡେ ପିନ୍ଧିବାକୁ ଦିଅନ୍ତି ନାହିଁ। ତା' ଭାଗ୍ୟରେ ଆଜି ନାତ ତ କାଲି ଗୋଇଠା। ଦିନରାତି ଗାଳିମାଡ଼ ଖାଇ ଖାଇ ବିଚାରୀ ଲୁହ ନକାନ୍ଦି ରକତ କାନ୍ଦେ; କିନ୍ତୁ ଏତେସରି ହୋଇ ବି ତା' ରୂପଯଉବନ ଦିନକୁ ଦିନ ଫୁଟିଚାଲିଥାଏ। ଗଲା ଅଇଲା ତାକୁ ଚାହିଁଦେଇ ଦଣ୍ଡେ ଠିଆହୋଇ ଯାଆନ୍ତି। କିଏ କହେ, ମୁଁ ଏଇଟିକୁ ବୋହୂ କରି ନେବି, କିଏ କହେ ମୁଁ ଭାଉଜ କରିନେବି।

ସାବତମାଆ ଦେଖିଲା ଏଥର ମେରୀସିଆକୁ ବାହା ହେବାପାଇଁ ବରଘର ଆସିଯିବ। ଈର୍ଷାରେ ଜଳିପୋଡ଼ି ସେ ଭାବିଲା, ସାବତଝିଅଟାକୁ କୌଣସି ପ୍ରକାରେ ମଗେଇ ହଜେଇ ଦେଲେ ତା' ନିଜ ଝିଅର ଭାଗ୍ୟ ଖୋଲିଯିବ। ଘରେ ଗୋଟିଏ ବୋଲି ଝିଅ ରହିଲେ ସେ ସକଳ ସମ୍ପତ୍ତିର ମାଲିକ ହେବ; ତା' ଧନଲୋଭରେ ବରଘର ଆସିବ। ଏପରି ଭାବି ସେ ମନରେ ଗୋଟିଏ କୂଟ ପାଞ୍ଚିଲା। ସେ ଗାଆଁ ନଈକଡ଼ରେ କେତେ କାଳରୁ କେଚ୍ଛାଣି ଗୋଟିଏ ଭଙ୍ଗା ମିଲ୍‌ଘର ଥାଏ। ସେ ଘର କିଏ ତୋଳିଥିଲା, କିଆଁ ଛାଡ଼ି ପଳାଇଲା, ସେକଥା କେହି ଜାଣେନି; କିନ୍ତୁ କେହି କେବେ ସେ ଘର ପାଖ ମାଡ଼ନ୍ତି ନାହିଁ। ଭିକାରି ମାଗିତିଆ ବି ସେ ଘରେ ପାଦ ପକାନ୍ତି ନାହିଁ; ଫଳରେ ସେ ଘରକୁ ବାଟ ପଡ଼ିନଥାଏ। ଚାରିପଟେ କଣ୍ଟାଗଛ ଉଠି ଜଙ୍ଗଲ ହୋଇଯାଇଥାଏ। ଲୋକେ କହନ୍ତି, ସେ ଘରେ କାଳେ ଭୂତ ଅଛି। ରାତି ଅଧ ହୋଇଗଲେ କାଳେ ସେଠାରେ ଭୟଙ୍କର କାଣ୍ଡ ଘଟେ। କବାଟ ଝରକା ଗୁଡ଼ାକ ଧଡ଼ଧାଡ଼ ହୋଇ ପଡ଼େ, ଫିଟେ। ଆଲୁଅ ଜଳେ, ଲିଭେ। ପୁଣି ଜୋର୍‌ରେ ନାଚ୍‌ଗୀତ ବି ଚାଲେ। ରାତି ପାହାନ୍ତିଆ ହେଲେ ସବୁ ଚୁପ୍‌ଚାପ୍ ହୋଇଯାଏ। ତେଣୁ ଭୂତ ଭୟରେ କେହି ସେ ପାଖ ମାଡ଼ନ୍ତି ନାହିଁ। ସାବତମାଆ ଭାବିଲା ମେରୀସିଆକୁ ସେହି ଭୂତକୋଠିକୁ ଗୋଟିଏ ରାତି ପଠାଇଦେଲେ କାମ ଶେଷ; ତାକୁ ଭୂତ ଖାଇଗଲେ ସବୁ ଅତୁଆ ଟୁଟିଯିବ।

ତା' ବାସିଦିନ କଥା। ସାବତମାଆ ସେଦିନ ଉପରବେଳା ମିଛଟାରେ ମେରୀସିଆ ଉପରେ ରାଗିଗଲା। ତା' ଉପରେ ନାତ ଗୋଇଠା କହୁଣିଆ କରି ବୁହେ ସେକିଦେବା ପରେ ତା' ଆଗରେ ତାଟେ କପା ଓ ଗୋଟିଏ ଅରଟ ଥୋଇଦେଇ କହିଲା, ''ଆଲୋ ସୁକୁମାରୀ, ଆଜି ରାତିକ ଭିତରେ ଏତକ କପା ସୂତା କାଟିବୁ ତ କାଟିବୁ, ନହେଲେ କାଲି ସକାଳୁ ତୋର ମୋର ଦେଖାଦେଖି।''

ମେରୀସିଆ କାନ୍ଦି କାନ୍ଦି କହିଲା, ''ଅନ୍ଧାର ରାତିରେ ମୁଁ କିପରି ସୂତା କାଟିବି? ମତେ ଦୀପଟିଏ ଦେଲେ ମୁଁ ରାତିଯାକ ବସି ସୂତା କାଟିବି।''

ସାବତମାଆ କହିଲା, ''ତୁ ତ ଦୀପ ଜାଳି ରାତିଯାକ ଘରେ ଅରଟ ବୁଲେଇବୁ,

Digitized by srujanika@gmail.com

ଆମକୁ ଶୁଆଇ ବସାଇ ଦେବୁନାହିଁ ନା କ'ଣ ? ନାହିଁ, ଏ ଘରେ ନାହିଁ, ତୁ ସେ ନଈକୂଳର ଭଙ୍ଗା ମିଲ୍‌ଘରକୁ ପଳା ଯେ ସେଇଠି ବସି ସୂତା କାଟିବୁ। ହେଇଟି, ଏ ଚାଲୁଣିଟା ନେ, ଶୋଷକଲେ ନଈରୁ ପାଣି ଆଣି ପିଇବୁ।''

''ମାଆ, ସେ ଭୂତକୋଠିକୁ....!!''

''ଆଲୋ, ତତେ ଭୂତ ଖାଇବନି ଲୋ। ତୁ ତ ମତେ ଖାଇବାକୁ ବଞ୍ଚିଛୁ, ତତେ କିମିତି ଭୂତ କି ଡାହାଣୀ ଖାଇଯିବ ?'' କହି ସାବତମାଆ ଖତେଇ ହେଲା। ମେରୀସିଆ ଯେତେ ନେହୁରା ହୋଇ କହିଲା, ତା'ର କୌଣସି କଥାକୁ କାନରେ ପକାଇଲା ନାହିଁ। ଶେଷକୁ ମେରୀସିଆ କପାଟାଟକ ମୁଣ୍ଡାଇ, କାଖରେ ଅରଟ ଛାକି ଦୀପ, ଚାଲୁଣି ଧରି ନଈକୂଳକୁ ଚାଲିଲା। କୌଣସି ପ୍ରକାରେ ବାଟ ଦରାଣ୍ଡି ସେ ଯାଇ ଭଙ୍ଗା ମିଲ୍ ଘରେ ପଶିଗଲା। ତା' ଭିତରେ ଉଇହୁଙ୍କା ହୋଇ ଯାଇଥାଏ। ଭଙ୍ଗା ଦଦରା ଝରକା କବାଟ ସବୁ ପବନରେ ଦୋହଲୁଥାଏ। ମେରୀସିଆ ଲୁଗା କାନିରେ ଘର କୋଣଟା ଟିକିଏ ଝାଡ଼ି ଦେଇ ସେଠାରେ ବସିପଡ଼ିଲା। ସେତେବେଳକୁ ଭୟରେ ତା' ଦେହରୁ ଝାଳ ବୋହିପଡୁଥାଏ। କୌଣସି ପ୍ରକାରେ ମନକୁ ଦୃଢ଼ କରି ସେ ସୂତାକଟା ଆରମ୍ଭ କରିଦେଲା। କାମର ବି ଗୋଟିଏ ନିଶା ଅଛି। ସୂତା କାଟୁ କାଟୁ କେତେବେଳେ ଯେ ଅଧରାତି ହୋଇଗଲା ସେ ଜାଣେନି। ହଠାତ୍ ସେ ଖଣ୍ଡମଣ୍ଡଳ କମ୍ପାଇ ସେ ଘର ପାଖକୁ ଗୋଟିଏ ଗାଡ଼ି ଦୌଡ଼ି ଆସିଲା। କିଏ ଆସିଲା ବୋଲି ମେରୀସିଆ ତକେଇଛି, ଘରର କବାଟଟା ଧଡ଼ାଧଡ଼ ହୋଇ ଖୋଲିଗଲା ଏବଂ ଦୁଇଜଣ ଲୋକ ଛୋଟା ମଡ଼ମାଡ଼ କରି ଘର ଭିତରକୁ ପଶି ଆସିଲେ। ଘରେ ପଶୁ ପଶୁ ଲୋକ ଦୁଇଟା ହୋ ହୋ ହୋଇ ହସି ଉଠିଲେ। କିପରି କେଜାଣି ଘର ଭିତରେ ଆଲୁଅ ବି ଜଳି ଉଠିଲା। ମେରୀସିଆ ଲୋକ ଦୁଇଟାଙ୍କ ମୁହଁକୁ ନଅନାଇ ସୂତା କାଟିବାରେ ଲାଗିଥାଏ। କଣେଇ କଣେଇ ଚାହିଁ ଦେଖିଲା ସତରେ ଦୁଇଟା ବିରାଟ ମଣିଷ। ଗୋଡ଼ରେ କଳା ଛୋଟାକୁ ନାଲି ମୋଜା, ଦେହରେ ଲମ୍ବା ଲମ୍ବା ଜାମା। ମୁହଁରେ ଲମ୍ବା ଲମ୍ବା ନିଶ, ମୁଣ୍ଡରେ କଳା ଟୋପି। ସବୁ ମଣିଷ ଭଳି ହୋଇଥାଏ, କିନ୍ତୁ ଆଖି ଦୁଇଟା ରଡ଼ ନିଆଁ ପରି ଜଳୁଥାଏ ଯେ ସେହି ଆଲୁଅରେ ଘରଟା ଉଜ୍ଜ୍ୱଳ ହୋଇ ଯାଉଥାଏ। ମେରୀସିଆ ଭାବିଲା, 'ଭୂତ ଯଦି ଖାଇଯିବେ, ସାବତମାଆ ଦାଉରୁ ରକ୍ଷାମିଳିବ; ଏ ଗୁଡ଼ାଙ୍କୁ ଡରି ଲାଭ ନାହିଁ।' ଏପରି ଭାବି ସେ ତା'ର ସୂତାକଟାରେ ଲାଗିଥାଏ। ଏପଟେ ଦୁଇ ଭୂତ କରତାଳି ଦେଇ ଘର ଭିତରେ ନାଚ୍ ଆରମ୍ଭ କରିଦେଲେ। ଧେଇକି ଧିନ୍ଦା ନାଚ୍ ଚାଲିଥାଏ ଏବଂ ତା' ସାଥିରେ ଗୀତ ଗାଉଥାନ୍ତି –

''କଳା ଛୋଟା ନାଲି ମୋଜା, ଧେଇକି ଧିନ୍ଦା ମାରେ ମଜା !
ତିନି ଦୁଗୁଣେ ପାଞ୍ଚ, ନାଚ୍‌ରେ ଭାଇ ନାଚ୍ ॥''

ଏପରି ଗୀତ ଗାଇ ଦୁହେଁ ତାଳି ମାରି ଘର ଫଟାଇ ନାଚିବା ପରେ ସେମାନେ ମେରୀସିଆ ଆଡ଼କୁ ଲମ୍ବା ଲମ୍ବା ହାତ ବଢ଼ାଇ ଦେଲେ। କହିଲେ –

''କଳା ଛୋଟା ନାଲି ମୋଜା, ଧେଇକି ଧିନ୍ଦା କିମିତି ମଜା !

Digitized by srujanika@gmail.com

ଆ'ଲୋ ଝିଅ ସୁନ୍ଦରମଣି, ତିନି ଦୁଗୁଣେ ପାଞ୍ଚ ଗଣି।
ତିନି ଦୁଗୁଣେ ପାଞ୍ଚ, କରିବା ଆମେ ନାଚ୍।।''

ମେରୀସିଆର ଦେହ ଶୀତେଇ ଉଠିଲା। ତଥାପି ସେ ସାହସ ଧରି କହିଲା, ''ମୋ ସାବତମାଆ ତ ମତେ ଘରୁ ତଡ଼ିଦେଇଛି। ମୋର କ'ଣ ଅଛି ଯେ ମୁଁ ନାଚିବି?''

ଭୂତମାନେ ପଚାରିଲେ, ''ତୋର କ'ଣ ନାହିଁ?''

ମେରୀସିଆ କହିଲା, ''ମୋର ତ ଜୋତା ନାହିଁ, ମୁଁ ନାଚିବି କିପରି? ଯଦି ନାଲି ଜୋତା ହେଲେ ହୁଅନ୍ତା, ତେବେ ମୁଁ ନାଚନ୍ତି।''

ଭୂତମାନେ କହିଲେ, ''ଓଃ! ଏଇ କଥା! ଆମେ ଆଣିଦେବା।'' ସଙ୍ଗେ ସଙ୍ଗେ ସେମାନେ ଚାଲିଗଲେ ଏବଂ ଅଳ୍ପ ସମୟ ଭିତରେ ହଳେ ସୁନ୍ଦର ନାଲି ଜୋତା ଆଣିଦେଲେ। କହିଲେ, ''ଦେଖ, ଏ ଜୋତା ତୋ ପାଦକୁ ଠିକ୍ ପାଇବ। ସୁନ୍ଦର ହୋଇନି?''

ମେରୀସିଆ କହିଲା, ''ସତରେ ସୁନ୍ଦର ହୋଇଛି; କିନ୍ତୁ ଜୋତା ସାଙ୍ଗକୁ ମୋଜା କାହିଁ?''

''ଓଃ! ସତେ ତ! ଆଚ୍ଛା, ଆମେ ଏଇନେ ଆଣିଦେବା।'' କହି ଭୂତମାନେ ବାହାରିଗଲେ ଏବଂ ଅଳ୍ପ ସମୟ ଭିତରେ ହଳେ ଧଳା ମୋଜା ଆଣି ମେରୀସିଆକୁ ଦେଇଦେଲେ। କହିଲେ – ''ତିନି ଦୁଗୁଣେ ପାଞ୍ଚ, ଆସ ଏଥର ନାଚ୍।''

କିନ୍ତୁ ମେରୀସିଆ କହିଲା, ''ଖାଲି ଜୋତା ମୋଜା ପିନ୍ଧିଦେଲେ କ'ଣ ହୋଇଗଲା – ମୋର ନାଚ୍‌ଛାମା କାହିଁ? ଏ ଚିରା ଛାମା ପିନ୍ଧି ନାଚିବି ନାହିଁ।'' ଭୂତମାନେ ସଙ୍ଗେ ସଙ୍ଗେ ଯାଇ ତା' ପାଇଁ ସୁନ୍ଦର ଛାମା ଆଣିଦେଲେ। ଏହିପରି କରି ମେରୀସିଆ ବ୍ଲାଉଜ, ସାୟା, ଓଢ଼ଣୀ, ରୁମାଲ ଆଦି ପୋଷାକ ଜିନିଷ; ପାଉଁଜି, ନାନାପ୍ରକାର ସୁନାହାର, କାଚ, ହୀରାମୁଦି, କାନଫୁଲ ଆଦି ବିଭିନ୍ନ ଅଳଙ୍କାର; ସ୍ନୋ, ପାଉଡ଼ର, ଅଳତା, ସିନ୍ଦୂର, କଜଳ ଆଦି ପ୍ରସାଧନ ଜିନିଷ ଥରକେ ଗୋଟିଏ ଗୋଟିଏ କରି ମାଗିଚାଲିଥାଏ ଏବଂ ଭୂତମାନେ ଥରକୁ ଥର ବାହାରକୁ ଯାଇ ଏ ସବୁ ଜିନିଷ ଆଣୁଥାନ୍ତି। ସେମାନଙ୍କୁ ପୀନ୍ ପାଇଁ ଥରେ, ପାନିଆଁ ପାଇଁ ଥରେ, ଦର୍ପଣ ପାଇଁ ଥରେ ମଧ୍ୟ ପଠାଇଦେଲା। ''ନାଚିଲାବେଳେ ଝିଅମାନେ ଭ୍ୟାନିଟି ବ୍ୟାଗ୍ (ଥଳି) ଧରିଥାନ୍ତି, ସେଥିରେ କେତେ ପଇସାପତ୍ର ଥାଏ – ମୋର ତ ସେପରି ଥଳି ନାହିଁ, ମୁଁ ନାଚିବି କିପରି?'' –ଏପରି କହି ଭୂତଙ୍କୁ ଆହୁରି ଥରେ ପଠାଇଦେଲା। ଏସବୁ ଆଣୁ ଆଣୁ ଭୂତଙ୍କୁ ଗୁଡ଼ାଏ ସମୟ ଲାଗିଗଲା ସତ, ତଥାପି ସେତେବେଳକୁ ଆହୁରି ଦୁଇ ଘଡ଼ି ରାତି ଥାଏ। କ'ଣ କରି ଭୂତଙ୍କ ହାତରୁ ରକ୍ଷା ପାଇବ ବୋଲି ଭାବୁ ଭାବୁ ମେରୀସିଆକୁ ଗୋଟିଏ ବୁଦ୍ଧି ଦିଶିଗଲା। ସେ ଭୂତଙ୍କୁ କହିଲା, ''ସବୁ ଆଣି ଦେଲ ସତ, କିନ୍ତୁ ପାଣି କାହିଁ? ପାଣି ଟିକିଏ ହେଲେ ସିନା ମୁଁ ଧୁଆଧୋଇ ହୋଇ ନାଚ୍‌କୁ ବାହାରନ୍ତି, ବିନା ପାଣିରେ ତ ହାତ ମୁହଁ ଧୋଇ ହେବ ନାହିଁ।''

Digitized by srujanika@gmail.com

ଭୂତମାନେ କହିଲେ, ''ପାଣି ଆଣି ଦେବା – ଏ ପାଖରେ ତ ନଈ ଅଛି – କାହିଁ ଛାଗା ଦିଅ, ପାଣି ଆଣିଦେବା।''

ମେରୀସିଆ ସେମାନଙ୍କ ହାତକୁ ତା' ମାଆ ଦେଇଥିବା ଭଙ୍ଗା ଚାଲୁଣୀଟି ବଢ଼ାଇଦେଲା। ଭୂତମାନେ ଚାଲୁଣୀ ଧରି ପାଣି ଆଣିବା ଲାଗି ନଈକୂଳକୁ ଧାଇଁଲେ। କିନ୍ତୁ ଚାଲୁଣୀଟି ନେଇ ନଈରେ ବୁଡ଼ାଇ ଦେଇ ଟେକିଦେବା ବେଳକୁ ସେଥିରେ ଆଉ ପାଣି ଥାଏନା – ସବୁ ପାଣି ଗଳି ଯାଇଥାଏ। ଭୂତମାନେ ଚାଲୁଣୀଟିକୁ ଭଲକରି ପାଣିରେ ବୁଡ଼ାଇ ଖୁବ୍ ସାବଧାନରେ ଆସ୍ତେ ଆସ୍ତେ ଉପରକୁ ଉଠାଇଲେ। ଏଥର ପାଣିଟି ଭଲ କରି ବୋହିଗଲା। ଭୂତ ତ ମୂର୍ଖ – ସେମାନେ ଥରକୁଥର ଚାଲୁଣୀରେ ପାଣି ଆଣିବାକୁ ଚେଷ୍ଟା କରିଚାଲିଥାନ୍ତି। ସେପଟେ ରାତି ପାହି ଆସିଲା। ପୂର୍ବଦିଗରେ ସିନ୍ଦୂରା ଫାଟିଲା ମାତ୍ରେ ଭୂତଙ୍କ ଜାଳବେଳ ସରିଯାଏ। ସେମାନେ ସିନ୍ଦୂରା ଫାଟିଆସିଲା ଦେଖି ଚାଲୁଣୀଟାକୁ ନଈରେ ଭସାଇ ଦେଇ ପଳାଇ ଯାଉ ଯାଉ କବାଟ ପାଖରେ ଠିଆ ହୋଇ ମେରୀସିଆକୁ କହିଗଲେ, ''ହଉ ହଉ ଲୋ ଚତୁରୀ ଝିଅ, ଆଜି ସିନା ଆମ ହାବୁଡ଼ରୁ ଖସିଗଲୁ, ଆଉ ଦିନେ ଆସ, ଦେଖିବୁ ଆମେ ତତେ କିପରି ନଚାଇବୁ।'' ଏପରି କହୁ କହୁ ସିନ୍ଦୂରା ଫାଟି ପୂର୍ବଦିଗ ସଫା ହୋଇଗଲା ଓ ଭୂତମାନେ ଅଦୃଶ୍ୟ ହୋଇଗଲେ। ''ପ୍ରଭୁ ରକ୍ଷାକର!'' କହି ମେରୀସିଆ ପ୍ରଭୁଙ୍କୁ ବହୁତ ପ୍ରାର୍ଥନା କଲା।

ସେପଟେ ସାବତମାଆ ସକାଳୁ ଉଠି ମନେ ମନେ ଖୁସି ହୋଇଗଲା ଯେ ଏତେ ଦିନକେ ସେ ସାବତଝିଅଟାକୁ ଘରୁ ବାହାର କରି ଦେଇପାରିଲା। ମେରୀସିଆ ମରୁ କି ହଉ, ସେ କାଟିଥିବା ସୂତାତକ ଥିବ, ସେତକ ନେଇ ଆସିବା ଲାଗି ସାବତମାଆ ଯାଇ ନଈକୂଳର ଭୂତ କୋଠିରେ ପହଞ୍ଚିଗଲା। ସେଠାରେ ଘର ଭିତରକୁ ଚାହିଁଦିଏ ତ ମେରୀସିଆ ରଜାଝିଅ ପରି ବେଶଭୂଷା ହୋଇ ପ୍ରଭୁଙ୍କୁ ପ୍ରାର୍ଥନା କରୁଛି। ତା'ର ସେ ବିଛଣାର ପୋଷାକ, ସେ ସୁନାହାର, ମୋତିମାଳ ଦେଖି ଦେଉ ଦେଉ ସାବତମାଆ ଅଧିକ ଈର୍ଷାରେ ଜଳି ପୋଡ଼ିଗଲା। ହେଲେ ବି ମନକଥା ମନରେ ରଖି ସେ ମେରୀସିଆକୁ ଆଦର କରି ଘରକୁ ନେଇଗଲା। ଘରେ ମାଆ ଝିଅ ମିଶି ଏସବୁ ଗହଣାଗାଣ୍ଠି ଲୁଗାପଟା ସେ କିପରି ପାଇଲା ବୋଲି ତାକୁ ଖୋଳିତାଡ଼ି ପଚାରିବାକୁ ଲାଗିଲେ। ମେରୀସିଆ ଠିକେ ଠିକେ କହିଲା, ''ରାତିରେ ମୁଁ ସୂତା କାଟୁଛି, ଭୂତମାନେ ଆସି ଗୀତ ଗାଇ ନାଚୁକଲେ। ମତେ ନାଚିବାକୁ ଡାକିବାରୁ ମୁଁ କହିଲି ମୋର ତ ନାଚିବାର ବେଶଭୂଷା ନାହିଁ; ଆଣିଦେଲେ ନାଚିବି। ସେମାନେ ସବୁ ଆଣିଦେଲେ।''

ମାଆ ଝିଅ ପଚାରିଲେ, ''ତୁ ଭୂତଙ୍କ ସଙ୍ଗେ ନାଚିଲୁ?''

ମେରୀସିଆ କହିଲା, ''ଏ ମାଆ, ମୁଁ ତ ସେମାନଙ୍କୁ ପାଣି ଆଣିବାକୁ ଚାଲୁଣୀଟା ଦେଇ ପଠାଇଦେଲି ଯେ ପାଣି ଗଲିଗଲା କି କ'ଣ, ସେମାନେ ଆଉ ଆସିଲେ ନାହିଁ। ଏତିକିବେଳେ ରାତି ପାହିଗଲା।''

ସବୁ ଶୁଣି ଆଙ୍ଗୁସିଆ କହିଲା, ''ହୁଁ, ତୁ ତା'ହେଲେ ଏତକ କରିଆସିଛୁ,

Digitized by srujanika@gmail.com

ନା ?''

ମାଆ କହିଲା, ''ଆଲୋ, ତା'ର ସିନା ସାହସ ଅଛି ବୋଲି ସେତକ କରିପାରିଲା; ତୁ ତ ଗେଲବସରର ଝିଅ, ତୁ କ'ଣ ପାରିବୁ ଯେ ପଚାରିହେଉଛୁ ?''

ଆଙ୍ଗୁସିଆ କହିଲା, ''ଦେଖିବୁ ରହ ! ମୁଁ ଆଜି ରାତିରେ ନିଶ୍ଚୟ ସେ ଘରେ ବସି ସୂତା କାଟିବି, ଆଉ ଭୂତଙ୍କୁ ଭଣ୍ଡି ଏହା ତହୁଁ ଅଧିକ ଜିନିଷ ନେଇ ଆସିବି।''

ଝିଅର ସାହସ ଦେଖି ମାଆ ଖୁସି ହୋଇଗଲା। ସଞ୍ଜ ହେଉ ହେଉ ଝିଅକୁ ପେଟେ ଖୁଆଇ ପିଆଇ ଡିବି ଲଣ୍ଠନ ଦେଇ ନଈକୂଳର ସେହି ଭଙ୍ଗା ମିଲ୍ ଘରେ ନେଇ ଛାଡ଼ିଦେଇ ଆସିଲା। ପାଖରେ ଦି' ମୁଠା କପା ଓ ଗୋଟିଏ ଅରଟ ଥୋଇଦେଲା। ଘରେ ତ ଆଉ ଚାଲୁଣୀ ନଥିଲା; ତେଣୁ ଗୋଟିଏ ମାଟି କଳସୀରେ କଣାଟିଏ କରି ଆଙ୍ଗୁସିଆ ପାଖରେ ରଖିଲା; ଭାବିଲା ଭୂତଙ୍କୁ ସେହି କଣା କଳସୀରେ ପାଣି ଆଣ ବୋଲି କହିବ ଯେ ସେମାନେ ମୋଟେ ପାଣି ଆଣି ପାରିବେ ନାହିଁ। ସେ ସୂତା କାଟିବା ବାହାନାରେ ବସିଥାଏ, କେତେବେଳେ ଭୂତମାନେ ଆସିଲେ ସେମାନଙ୍କୁ ମାଗି ଗୁଡ଼ାଏ ଆୟ-ଅଳଙ୍କାର ପାଇଯିବ ବୋଲି ସେ ଟାକି ରହିଛି, ହଠାତ୍ ଗଗନ ପବନ କମ୍ପାଇ ଭୂତଙ୍କ ଗାଡ଼ି ଆସି ମିଲ୍ ପାଖରେ ଲାଗିଗଲା। ଧଡ଼ାଧଡ଼ କରି କବାଟ ଫିଟାଇ ସେମାନେ ଘରେ ପଶିଗଲେ। ସଙ୍ଗେ ସଙ୍ଗେ ତାଳି ବଜାଇ ନାଚ୍‌ଗୀତ ଆରମ୍ଭ କରିଦେଲେ –

''କଳା ଜୋତା ନାଲି ମୋଜା, ଧେଇକି ଧିନ୍ଦା ମାରେ ମଜା।
ତିନି ଦୁଗୁଣେ ପାଞ୍ଚ, ନାଚ୍‌ରେ ଭାଇ ନାଚ୍।''

ସେ ଉଦ୍ଦଣ୍ଡ ନାଚ୍ ଦେଖି ଆଙ୍ଗୁସିଆର ହଂସା ଉଡ଼ିଗଲା। ଭୂତଙ୍କୁ ଯେଉଁ ଯେଉଁ ହାର ଅଳଙ୍କାର ମାଗିବ ବୋଲି ଭାବିଥିଲା, ସବୁ ପାସୋରିଗଲା। କ'ଣ କ'ଣ ମାଗିବ ବୋଲି ପୁଣି ଥରେ ମନେପକାଉଛି ଏତିକିବେଳେ ଭୂତମାନେ ଗାଇ ଉଠିଲେ –

''କଳା ଜୋତା ନାଲି ମୋଜା, ଧେଇକି ଧିନ୍ଦା କେମିତି ମଜା।
ତିନି ଦୁଗୁଣେ ପାଞ୍ଚ, ଆ'ଲୋ ଝିଅ ଚେପଟିନାକୀ,
କାଲି ସିନା ଦେଲୁ ଫାକି, ନାଚିବୁ ପରା ନାଚ୍।''

ଏପରି ଗାଇ ଗାଇ ସେମାନେ ଆଙ୍ଗୁସିଆ ଆଡ଼କୁ ହାତ ବଢ଼ାଇ ଦେଲେ। ଆଙ୍ଗୁସିଆ କହିଲା, ''ଏଁ ! ମୋର ଜୋତା ନାହିଁ କି ମୋଜା ନାହିଁ, ଲୁଗା ନାହିଁ କି ପଟା ନାହିଁ, କାଚ୍ ନାହିଁ କି ହାର ନାହିଁ, ମୁଁ କି ନାଚ୍ ନାଚିବି ? ମୋର ବେଶଭୂଷା ପାଇଁ ଯାହା ଯାହା ଦରକାର ସବୁ ଆଣିଦିଅ, ତା'ହେଲେ ଯାଇ ମୁଁ ନାଚିବି।''

''ହଁ, ହଁ, ଆଣିଦେବୁ'' କହି ଭୂତମାନେ ଚାଲିଗଲେ ଏବଂ ଦୁଇମିନିଟ୍ ଭିତରେ ଆଙ୍ଗୁସିଆର ବେଶଭୂଷା ଲାଗି ଯାହା ଦରକାର ସବୁ ନେଇ ଆସିଲେ; ଏପରିକି ଦରପଣ ପାନିଆ ବି ବାକି ରଖିଲେ ନାହିଁ। ସବୁ ଜିନିଷ ଆସିଗଲା ଦେଖି ଆଙ୍ଗୁସିଆ

Digitized by srujanika@gmail.com

ଭୂତଙ୍କ ହାତକୁ କଣା କଳସୀଟି ଦେଇ କହିଲା, ''ମୋ ପାଇଁ ଏଥିରେ ପାଣି ଆଣିଦିଅ ଯେ ମୁଁ ଧୂଆଧୋଇ ହୋଇ ନାଚ୍‌କୁ ବାହାରିବି।''

ଭୂତ ଦୁଇଟା କଳସୀଟି ନେଇ ପାଣି ଆଣିବାବେଳକୁ କଣାବାଟେ ପାଣିତଳ ଗଳିଗଲା। ସଙ୍ଗେ ସଙ୍ଗେ ସେମାନେ କଳସି କଣାଟି ଆଙ୍ଗୁଠି ଟିପରେ ବନ୍ଦ କରିଦେଲେ ଓ ସେଥିରେ ପାଣି ନେଇ ଆସିଲେ। ଆଙ୍ଗୁସିଆ ତ ବେଶଭୂଷା ହୋଇ ବସିଥାଏ; ପାଣି ଆସିଗଲା ଦେଖି ତା' ବୁଦ୍ଧି ହଜିଗଲା। ସେ ବାଧ ହୋଇ ହାତ ମୁହଁ ଧୋଇ ପକାଇଲା। ଭୂତମାନେ କହିଲେ –

''ଯାହା ମାଗିଛୁ ତାହା ପାଇଛୁ
ନାଚିବାକୁ କିଆଁ ପଛୋଉ ଅଛୁ ?
ତିନି ଦୁଗୁଣେ ପାଞ୍ଚ, ନାଚ୍ ଲୋ ଝିଅ ନାଚ୍।''

ଏପରି କହି ଦୁଇ ଭୂତ ତା'ର ଦୁଇ ହାତକୁ ଦୁଇପଟରୁ ଧରି ତାକୁ ବସିଥିବା ଜାଗାରୁ ଉଠାଇଲେ। ଆଙ୍ଗୁସିଆ 'ମରିଗଲି ଲୋ ମାଆ' ବୋଲି ଗଡ଼ି ଛାଡ଼ି କାନ୍ଦିଲା; କିନ୍ତୁ ଭୂତମାନେ ତା'ର କନ୍ଦାକଟା ନଶୁଣି ତାକୁ ନଚାଇ ନଚାଇ ଦରମରା କରିଦେଲେ। ଶେଷକୁ ତା' ଦୁଇ ହାତ ଧରି ତାକୁ ଏପରି ଘୂରାଇଦେଇ ଯେ ହାତ ଦୁଇଟି ଗଣ୍ଡିରୁ ଛିଡ଼ିପଡ଼ିଲା। ତାପରେ ତା' ଦୁଇ ଗୋଡ଼କୁ ଦୁଇ ପଟୁ ଏପରି ଟାଣିନେଲେ ଯେ ଗୋଡ଼ ଦୁଇଟି ବି ଗଣ୍ଡିରୁ ଛିଡ଼ିଗଲା। ଆଙ୍ଗୁସିଆ ମାଦଳ ହୋଇ ତଳେ ଗଡୁ ଗଡୁ ତା' ପ୍ରାଣବାୟୁ ଉଡ଼ିଗଲା। ଭୂତମାନେ ତା' ମୁଣ୍ଡଟି ଛିଣ୍ଡାଇ ନେଇ ଝରକାରେ ଖଞ୍ଜିଦେଲେ ଏବଂ ଗଣ୍ଡିଟି ନେଇ ନଈରେ ପକାଇ ଦେଲେ। ଏ ଭିତରେ ରାତି ପାହିଗଲା। ଭୂତଙ୍କ କାଳବେଳା ସରିଯିବାରୁ ସେମାନେ ଅଦୃଶ୍ୟ ହୋଇଗଲେ।

ସେପଟେ ଆଙ୍ଗୁସିଆର ମାଆ ପାହାନ୍ତିଆରୁ ଉଠି ଝିଅ କି କି ଆୟ-ଅଳଙ୍କାର ପିନ୍ଧିଛି ଦେଖିବ ବୋଲି ନଈକୂଳକୁ ଦୌଡ଼ିଆସିଲା। ଟିକିଏ ଦୂରରୁ ଝରକାରେ ଖଞ୍ଜା ହୋଇଥିବା ତା' ଝିଅର ମୁଣ୍ଡଟି ଦେଖି ସେ ଭାବିଲା, ଆଙ୍ଗୁସିଆ ତାକୁ ଦେଖି ହସୁଛି। ମାଆ ଭାବିଲା, ଝିଅ ବହୁତ କିଛି ଧନ ସମ୍ପତ୍ତି ପାଇଯାଇଥିବାରୁ ହସୁଛି। କିନ୍ତୁ ଘର ଭିତରେ ପଶି ଯାଉ ଯାଉ ଅସଲ ଘଟଣା ଦେଖିଦେଇ ତା ଜୀବନ ଛାଡ଼ିଗଲା।

ମାଆ ଝିଅ ଦିହେଁ ଏକାଠି ମଲେ, ଭୂତଙ୍କ ସାଙ୍ଗରେ ଭୂତ ହେଲେ।

କୁହୁକ ଖଣ୍ଡା

ଆଗକାଳର କଥା। ପୋଲାଣ୍ଡ ଦେଶରେ ଜଣେ ପରୋପକାରୀ ଲୋକ ଥିଲେ। ସେ ନାଆଁ କରିଥିଲେ ଯିମିତି, ଧନ ଦୌଲତ ଅଛିଥିଲେ ବି ସିମିତି। ତାଙ୍କର ଘରଦ୍ୱାର, ଜମିବାଡ଼ି, ଚାକରବାକର କୌଣସିଥିରେ କମ୍ ନଥିଲା। କିନ୍ତୁ ସବୁ

Digitized by srujanika@gmail.com

ଦିନକୁ ସବୁ ରହେନି। କ୍ରମେ ବୟସ ଖସି ଆସିଲା। ବୁଢ଼ା ଦେହଦୁଃଖରେ ପଡ଼ିଲେ। ବୁଢ଼ାଙ୍କ ପୁଅ ବୋଲି ଗୋଟିଏ, ଝିଅ ବୋଲି ଗୋଟିଏ। ସେ ଦୁଇ ଜଣ ପୁଣି ସାବତ ଭାଇଭଉଣୀ। କିନ୍ତୁ ଭାଇଟି ଭଉଣୀକୁ ଭାରି ଭଲପାଏ। ମରଣକାଳ ଉପସ୍ଥିତ ହେଲା ଜାଣି ବୁଢ଼ା ତାଙ୍କର ଏକମାତ୍ର ପୁଅ ଜନ୍‌କୁ ପାଖକୁ ଡାକି ଏକାନ୍ତରେ କହିଲେ, ''ବାପରେ, ମହୀମଣ୍ଡଳେ ଜନ୍ମ ହୋଇ, ଦେବତା ହୋଇଲେ ମରଇ— ମୁଁ କିବା ଛାର। ମୁଁ ଏଥର ଚାଲିଲି। ଦୁନିଆର ରୀତି— ମଣିଷ ଆଜି ମଲେ କାଲିକି ଦି'ଦିନ। ବଞ୍ଚିଥିବା ଲୋକେ ମଲା ଲୋକଙ୍କୁ ପାସୋରିଯାଆନ୍ତି। ତୁ ବି ମତେ ପାସୋରିଦେବୁ। କିନ୍ତୁ ମତେ ମେପରି ତୁ କାଳକାଳକୁ ମନେରଖିପାରିବୁ, ସେଥିପାଇଁ ମୁଁ ତୋ ହାତରେ ଏଇ ଖଣ୍ଡାଟି ଦେଇଯାଉଛି।'' ଏପରି କହି ସେ ନିଜ ତକିଆ ତଳୁ ଗୋଟିଏ ଖଣ୍ଡା ବାହାରକରି ପୁଅ ହାତକୁ ବଢ଼ାଇଦେଲେ। ସାଧାରଣ ଖଣ୍ଡାଟିଏ; କିଛି ସୁନା, ରୂପା ଜଲେଇ ହୋଇନଥାଏ କି ମଣିମୁକ୍ତା ଖଞ୍ଚା ହୋଇନଥାଏ। ପୁଅ ଆଶ୍ଚର୍ଯ୍ୟ ହୋଇ ଖଣ୍ଡାଟିକୁ ଚାହୁଁଛି ଦେଖି ବାପା କହିଲେ, ''ଏ ଖଣ୍ଡା ପାଖରେ ଥିଲେ ଶତ୍ରୁ ତୋର କୌଣସି କ୍ଷତି କରି ପାରିବ ନାହିଁ। ଏହି ଖଣ୍ଡା ବଳରେ ତୁ ସକଳ ଯୁଦ୍ଧରେ ଜୟୀ ହୋଇ ଦିଗ୍‌ବିଜୟୀ ବୀର ହୋଇପାରିବୁ। କିନ୍ତୁ ମୋର ଗୋଟିଏ କଥା ମନେରଖିଥା— ଏ ଖଣ୍ଡା ଧରିବା ଦିନୁ କାହାରି ପ୍ରତି ନିର୍ଦୟ ହେବୁ ନାହିଁ, ଅନ୍ୟାୟରେ ଟୋପାଏ ରକ୍ତ ଢାଳିବୁ ନାହିଁ ଏବଂ ଏ ଖଣ୍ଡାର କୁହୁକ ଶକ୍ତି ବିଷୟରେ ମଲା ପର୍ଯ୍ୟନ୍ତ ଆଉ କାହାରିକୁ କିଛି କହିବୁ ନାହିଁ। ମୋ କଥାକୁ ବ୍ରତ ଭଳି ପାଳିଲେ ତୁ ସୁଖୀ ହେବୁ।''

ଜନ୍ ପଚାରିଲା, ''ଭଉଣୀ ଆନୁସିଆକୁ ବି କହିବି ନାହିଁ?''

''ନା, ତାକୁ ବି କହିବୁ ନାହିଁ।'' —କହୁ କହୁ ବୁଢ଼ା ସବୁଦିନଲାଗି ଆଖି ବୁଜିଦେଲେ।

ବୁଢ଼ା ମରି ଶ୍ୱଶୁରଘର ଯିବାର କିଛିଦିନ ପରେ ଜନ୍ ତା ସାବତଭଉଣୀକୁ ଡାକି କହିଲା, ''ଭଉଣୀ! ବାପା ଆମ ପାଇଁ କିଛି କମ୍ ଧନ ସମ୍ପଦ ରଖିଦେଇ ଯାଇ ନାହାନ୍ତି। ସେତକ ସମ୍ଭାଳି ପାରିଲେ ଆମେ ଆରାମରେ ଚଳିଯିବା। କିନ୍ତୁ ମୋର ଇଚ୍ଛା ମୁଁ ଟିକିଏ ଚାରିଦେଶ ବୁଲି ଦେଖିବି, ପାଞ୍ଚକଥା ଜାଣିବି। ମୋ ଜୀବନରେ ସେ ଗୋଟିଏ ଅଭିଯାନ ହେବ। ତୁ ଘର ସମ୍ଭାଳି ରହ, ମୁଁ ତୋ ହାତରେ ସକଳ ସମ୍ପତ୍ତି ଛାଡ଼ିଦେଇ ଯାଉଛି।''

କିନ୍ତୁ ଭାଇ କଥା ଶୁଣି ଭଉଣୀ କହିଲା, ''ତୁମେ ଯଦି ଯିବ ମୁଁ କାହିଁକି ରହିବି? ମୁଁ ବି ତୁମ ସହିତ ଯିବି, ଦେଶ ବୁଲି ଆସିବି। ଏ ଘରଦ୍ୱାର ଜମିବାଡ଼ି ବିକିଦାଙ୍ଗି ଦେଇ ଟଙ୍କାସୁନା ଧରି ଚାଲ ବାହାରିପଡ଼ିବା।''

ଭାଇ ଭଉଣୀକୁ ମନା କରି ପାରିଲା ନାହିଁ। ଶେଷକୁ ଜମିବାଡ଼ି ଘରଦ୍ୱାର ସବୁ ବିକିଦାଙ୍ଗି ଦେଇ ଟଙ୍କାସୁନା ଧରି ଦିହେଁ ଦେଶ ବୁଲି ବାହାରିପଡ଼ିଲେ। ସେ କାଳରେ ଆଜିକାଲିକା ପରି ସଡ଼କ ନଥାଏ କି ଗାଡ଼ି ମୋଟର ନଥାଏ। ଲୋକେ ଘୋଡ଼ା ଚଢ଼ି କିମ୍ବା ଚାଲି ଚାଲି ବିଦେଶ ଯାଉଥିଲେ। ପାଦରେ ଚାଲି ଚାଲି

Digitized by srujanika@gmail.com

ଯାଉ ଯାଉ ଏ ଦିହେଁ ପାହାଡ଼ ପର୍ବତ ନଦୀନାଳ ପାରହୋଇ ଅନେକ ଦୂର ଚାଲିଗଲେ। ଦିନଯାକ ଚାଲନ୍ତି, ରାତିହେଲେ ଗାଆଁ ପଡ଼ିଲା ତ କାହା ପିଣ୍ଡାରେ, କି କେଉଁ ସରେଇଘରେ ରହନ୍ତି। ବଣ ପଡ଼ିଲା ତ କେଉଁ ଗଛମୂଳେ ଶୋଇ ପଡ଼ନ୍ତି। ଯେଉଁଠି ଯାହା ମିଳିଲା ଖାଇପିଇ ଚାଲୁ ଚାଲୁ ସାତ ଦିନ ସାତ ରାତି ବିତିଗଲା। ଅଷ୍ଟମ ଦିନ ସନ୍ଧ୍ୟା ବେଳକୁ ସେମାନେ ଯାଇ ଅଗନାଗ୍ନି ବଣ ଭିତରେ ପହଞ୍ଚିଗଲେ। ବଣ ପାର ହେବାଲାଗି ଯେତେ ପାଦ ଚଞ୍ଚଳ କଲେ ବି ବଣ ସରିଲା ନାହିଁ। ରାତି ଅନ୍ଧାର ହୋଇଗଲା। ସେ ଅନ୍ଧାରରେ କଣ୍ଟାଖୁଆ ଆଡ଼େଇ ତାଳପତ୍ର ଭାଙ୍ଗି ଆଉ ଆଗକୁ ଯାଇହେଲାନାହିଁ। ଚାଲି ଚାଲି ପାଦ ଦରଜ ହୋଇଗଲା। ସକାଳୁ କିଛି ଖାଇନଥାନ୍ତି ଯେ ପେଟରେ ଭୀଷଣ ଭୋକ। ଆଖିକୁ ନିଦ ମାଡ଼ି ଆସୁଥାଏ। କିନ୍ତୁ ବଣ ଭିତରେ ଶୋଇପଡ଼ିଲେ ହିଂସ୍ରଜନ୍ତୁ ଖାଇଯିବେ ବୋଲି ଭୟ। କ'ଣ କରିବେ କିଛି ଠିକ୍ କରି ପାରିଲେ ନାହିଁ। ଶେଷକୁ ଭାଇ ଗୋଟିଏ ଡେଙ୍ଗା ଗଛରେ ଚଢ଼ି ଭଉଣୀକୁ କହିଲା, ''ଆନୁସିଆ, ମୁଁ ଏ ଗଛ ଟିପକୁ ଚଢ଼ି ଚାରିଆଡ଼କୁ ଚାହିଁବି ଯଦି ଗାଆଁଗଣ୍ଡା ଦେଖାଯାଏ ତେବେ ସେଠାକୁ ଚାଲିଯିବା।''

ଗଛରେ ଚଢ଼ି ଚାରିଆଡ଼କୁ ଚାହିଁବା ପରେ ବହୁ ଦୂରରେ ଗୋଟିଏ ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଆଲୁଅ ଦେଖାଗଲା। ଭାଇ ଭାବିଲା ସେଠାରେ ନିଶ୍ଚୟ ଗାଆଁ ଥିବ, ସେଠାକୁ ଚାଲିଯିବେ। କିନ୍ତୁ ଗଛରୁ ଓହ୍ଲାଇପଡ଼ିଲେ ତ ଆଲୁଅ ଦିଶିବ ନାହିଁ, ଦିଗ ବି ଭୁଲ୍ ହୋଇଯିବ! ଏପରି ଭାବି ସେ ଆଲୁଅ ଦିଶୁଥିବା ଦିଗକୁ ନିଜ ଖଣ୍ଡାଟି ଫୋପାଡ଼ିଦେଇ ଭଉଣୀକୁ କହିଲା, ''ଖଣ୍ଡାଟା ଜେଉଁଠି ପଡ଼ିଲା; ଲକ୍ଷ୍ୟ ରଖ।'' ତା'ପରେ ସେ ଗଛରୁ ଓହ୍ଲାଇଆସି ଖଣ୍ଡାଟି ଉଠାଇ ଆଣିଲା ଏବଂ ଗଛର ଯେଉଁ ଦିଗରେ ଖଣ୍ଡା ପଡ଼ିଥିଲା ଭାଇଭଉଣୀ ସେହି ଦିଗକୁ ଚାଲିଲେ। କିଛି ବାଟ ଚାଲିବା ପରେ ଦେଖିଲେ ସେହି ଦିଗକୁ ଗୋଟିଏ ଫାଙ୍କତା ବାଟ ପଡ଼ିଛି। ସେହି ବାଟ ଧରି ଚାଲୁ ଚାଲୁ ସେମାନେ ଯାଇ ଗୋଟିଏ ବଡ଼ ଘର ପାଖରେ ପହଞ୍ଚିଗଲେ। ପାଖରେ ଆଉ ଗାଆଁଗଣ୍ଡା ନଥାଏ। ଏମାନେ ଭାବିଲେ, ସେଇଟି ନିଶ୍ଚୟ ଗୋଟିଏ ସରାଇଖାନା। ତେଣୁ ଦିହେଁ ଘର ଭିତରକୁ ପଶିଗଲେ। ଦେଖିଲେ ସେ ଘରେ ବଡ଼ ବଡ଼ ହୋଇ ଗୁଡ଼ିଏ ବଖରା ରହିଛି। କାନ୍ଥରେ ବଡ଼ ବଡ଼ ଆଇନା ଲାଗିଛି, ଛାତରୁ ଝାଡ଼ ଝୁଲୁଛି। ଶଙ୍ଗମଲମଲ ପଥର ପଡ଼ିଛି। ଘରର ଭୂଇଁ ତଳେ ବି ବଖରା ଅଛି ଯେ ସେ ଭିତରକୁ ସିଡ଼ି ପଡ଼ିଛି। ଏତେ ସବୁ ଅଛି; କିନ୍ତୁ ଘରେ କେହି ଲୋକ ନାହାନ୍ତି। ତା' ହେଲେ ଆଲୁଅ ଜାଳିଛି କିଏ? ଘର ଖୋଲା ରଖିଛି କିଏ? ଏ ବଖରା ସେ ବଖରା ଖୋଜୁ ଖୋଜୁ ଦେଖିଲେ ରୋଷଘରେ ଜଣେ ବୁଢ଼ୀ ବସି କ'ଣ ସବୁ ରାନ୍ଧୁଛି। ବୁଢ଼ୀକୁ ଜନ୍ ପଚାରିଲା, ''ମାଉସୀ, ତୁମେ ଏ ଘରର ମାଲିକଟି? ତୁମେ ଏଇଠି ବସି ରାନ୍ଧୁଛ, ଆମେ ତେଣେ ଘରତମାମ୍ ଖୋଜିବୁଲୁଛୁ।''

ବୁଢ଼ୀ ଏ ଦୁହିଁଙ୍କୁ ଦେଖି ପଚାରିଲା, ''ତୁମେ କିଏରେ ପୁଅ?''

ଜନ୍ କହିଲା, ''ମୋ ନାଆଁ ଜନ୍, ଏ ହେଉଛି ମୋ ସାବତଭଉଣୀ ଆନୁସିଆ।

Digitized by srujanika@gmail.com

ଆମେ ଦିହେଁ ଦେଶ ବୁଲି ବାହାରିଛୁ। ଆଜି ରାତିଟା ତୁମ ସରାଇଖାନାରେ ଆମକୁ ରଖ। ଏ ଅନ୍ଧାର ରାତିରେ ଆଉ କୁଆଡ଼େ ଯିବୁ!''

ବୁଢ଼ୀ ଦେଖିଲା ଦିହେଁଯାକ ଭଲ ଜାମା ପୋଷାକ ପିନ୍ଧିଛନ୍ତି, ପାଖରେ ନିଶ୍ଚୟ ଭଲ ଟଙ୍କା-ପଇସା ଥିବ। ବୁଢ଼ୀର ମନ ଲୋଭେଇଲା। କହିଲା, ''ହଁ ମ ପୁଅ, ରାତି ଅନ୍ଧାରରେ ଆଉ ଯିବ କୁଆଡ଼େ? ଆମର ଏଇଠି ରହିଯାଅ, ଖାଇପିଇ ଶୋଇପଡ଼; ସକାଳ ହେଲେ ଯେଉଁ ଜଥା। ଯାଅ, କୂଅ ମୂଳେ ହାତ ମୁହଁ ଧୋଇ ଆସିବ, ରନ୍ଧା ସରିଲାଣି; ମୁଁ ଖାଇବାକୁ ବାଢ଼ିଦେବି।''

ଜନ୍ ଓ ଆନୁସିଆ ହାତ ମୁହଁ ଧୋଇ ବସିଲେ। ବୁଢ଼ୀ ଭାଇଉଉଣୀ ଦୁଇଜଣଙ୍କୁ ଖାଇବାକୁ ବାଢ଼ିଦେଇ ଆହୁରି ବାରଜଣଙ୍କ ଲାଗି ମଧ୍ୟ ଠା'କରି ବସିଲା। ଜନ୍ ପଚାରିଲା, ''ତୁମେ ତ ଜଣେ, ଆଉ ଏତେ ଜଣଙ୍କ ପାଇଁ ବାଢୁଛ କାହିଁକି?''

ବୁଢ଼ୀ କହିଲା, ''ମୋର ବାର ପୁଅ ପାରିଧିକି ଯାଇଛନ୍ତି; ଫେରିବା ବେଳ ହେଲାଣି। ସେହିମାନଙ୍କ ପାଇଁ ବାଢ଼ି ଦେଉଛି, ହାଲିଆ ହୋଇ ଆସିଥିବେ ଯେ ଖାଇ ଦେଉ ଦେଉ ଶୋଇପଡ଼ିବେ।'' ବୁଢ଼ୀ ଏପରି କହୁଛି, ସତକୁ ସତ ବାରଜଣ ଭେଣ୍ଡା ଖଣ୍ଡା କାତି ଧରି ଝୁମ୍‌ଝାମ୍ ହୋଇ ଘର ଭିତରକୁ ମାଡ଼ି ଆସିଲେ। ସେମାନଙ୍କ ଭିତରୁ କିଏ ଟଙ୍କା ଥଳି ଆଣିଥାଏ ତ କିଏ ଲୁଗା ଗଣ୍ଠିଲି। ଆଣିଥିବା ଜିନିଷଗୁଡ଼ାକ ଘର ମଝିରେ କୁଡ଼ାଇଦେଇ ସମସ୍ତେ ଖାଇ ବସି ପଡ଼ିଲେ। ସେମାନଙ୍କ କଥାବାର୍ତ୍ତା ଶୁଣି ଓ ହାବଭାବ ଦେଖି ଜନ୍ ବୁଝିଗଲା ସେଗୁଡ଼ାକ ବାରଭାଇଆ ଡକାୟତ; ଏଇଠି ଆଡ଼ୁାକରି ରହିଛନ୍ତି। ଏଗୁଡ଼ାକୁ ଠିକ୍ ଦଣ୍ଡ ନଦେଲେ ଲୋକେ ବଡ଼ କଷ୍ଟ ଭୋଗିବେ। ସେ ମନେ ମନେ ଏପରି ଭାବୁଛି, ଏ ସମୟରେ ବାରଭାଇ ଖିଆପିଆ ସାରି ଗୋଟିଏ ବେଖାତିରିଆ ହସ ହସିନେଲେ। ହସି ହସି ଡକାୟତ ସର୍ଦ୍ଦାର ଜନ୍‌କୁ ପଚାରିଲା, ''କିହୋ କୁଣିଆ, ତୁମେ କୁଆଡ଼ିକା ଲୋକ?''

ଜନ୍ କହିଲା, ''ଏ ଜଙ୍ଗଲ ମୂଲକ ପାର ହେଲେ ଯେଉଁ ଭଦ୍ରଲୋକଙ୍କ ମୂଲକ ରହିଛି, ମୁଁ ସେଇଠିକା ଲୋକ।''

ଡକାୟତ ପଚାରିଲା, ''କୁଆଡ଼େ ବାହାରିଛ?'' ଜନ୍ କହିଲା, ''ଦେଶ ବୁଲି ଲୋକ ଚିହ୍ନିବାକୁ ବାହାରିଛୁ।'' ଡକାୟତ ପୁଣି ପଚାରିଲା, ''ତୁମ ବ୍ୟବସାୟ ଧନ୍ଦା କ'ଣ?'' ଜନ୍ କହିଲା, ''ଯେଉଁଠି ଯେଉଁ ଧନ୍ଦା ମିଳିବ ସେଇଠି ତାହା କରୁଛୁ।''

ଡକାୟତ କହିଲା, ''ତା'ହେଲେ ତୁମେ ଆମ ଧନ୍ଦା କରି ପାରିବ? ଦେହରେ ତାକତ୍ ଅଛିଟି?''

ଜନ୍ କହିଲା, ''ବିନା ପରୀକ୍ଷାରେ କ'ଣ ତାକତ୍ ଜଣାପଡ଼ିବ?''

''ତା'ହେଲେ ଟିକିଏ ପରୀକ୍ଷା କରିଦେବା,'' କହି ଡକାୟତ ସର୍ଦ୍ଦାର ଖଣ୍ଡା ଧରି ଠିଆହୋଇଗଲା।

''ଟିକିଏ କାହିଁକି, ଭଲକରି ପରୀକ୍ଷା ହୋଇଯାଉ।'' କହି ଜନ୍ ମଧ୍ୟ ତା' ଖଣ୍ଡା ଧରି ଯୁଝିବାକୁ ଠିଆହୋଇଗଲା। ଆଖିପିନ୍ଧୁଲାକେ ଦୁଇଜଣଙ୍କ ମଧ୍ୟରେ

Digitized by srujanika@gmail.com

ଘମାଘୋଟ ଲଢ଼ାଇ ଆରମ୍ଭ ହୋଇଗଲା। ଡକାୟତ ସର୍ଦ୍ଦାର ତା'ର ସବୁ କୌଶଳ ଦେଖାଇ ଖଣ୍ଡା ବୁଲାଉଥାଏ; କିନ୍ତୁ ଛନ୍‌ର କୁହୁକ ଖଣ୍ଡା ଆଗରେ ସେ କ'ଣ ବା କରିପାରନ୍ତା ? ଚାହୁଁ ଚାହୁଁ ଛନ୍ ତାକୁ ଦୁଇଗଡ଼ କରି କାଟିଦେଲା। ସର୍ଦ୍ଦାର ପଡ଼ିଗଲା ଦେଖି ବାକି ଏଗାର ଜଣ ଡକାୟତ ନିଜ ନିଜର ଖଣ୍ଡାଛୁରା ଧରି ଲଢ଼େଇକୁ ଡେଇଁ ପଡ଼ିଲେ। ଆନୁସିଆ ଭୟରେ ଚିତ୍କାର କରୁଥାଏ। ବୁଢ଼ୀ ଆବାକାବା ହୋଇ ଚାହିଁଥାଏ। ଏଗାର ଜଣଯାକ ଛନ୍ ଉପରକୁ କୁଦିପଡ଼ିଲେ। କିନ୍ତୁ କୁହୁକଖଣ୍ଡାର ବଳ ଆଗରେ ମଣିଷର ବଳ କେତେ ? ଜଣ ଜଣ ହୋଇ ଏଗାର ଜଣଯାକ ଡକାୟତ ମରିପଡ଼ିଲେ। ଆଖି ଆଗରେ ବାର ପୁଅଙ୍କୁ ହରାଇ ବୁଢ଼ୀ ଆଉ ସମ୍ଭାଳ ଧରିଲା ନାହିଁ। ସେ ଛନ୍‌ର ପାଦତଳେ ପଡ଼ି କହିଲା, ''ହେ କୁମର, ମୁଁ ନିର୍ଦୋଷ, ମୋ ପୁଅ ଗୁଡ଼ାକ ଅଝଟ; ସେମାନଙ୍କ ଭୟରେ ମୁଁ ଏ ଘର ସମ୍ଭାଳିଥିଲି, ନହେଲେ ମୁଁ ଦିନେ ହେଲେ ପାପ କରି ନାହିଁ। ମତେ ମାର ନାହିଁ। ମୋ ଜୀବନ ରକ୍ଷାକର।''

ଛନ୍ କହିଲା, ''ବୃଥା କନ୍ଦାକଟା କରନା; ମୁଁ ଯାହା କହୁଛି ତାହା କର। ତୋ ପୁଏ କେଉଁଠି ଧନ ସମ୍ପତ୍ତି ସବୁ ଲୁଚାଇ ରଖିଛନ୍ତି କହ, ପୁଣି ଏ ଭୂଇଁତଳ ଘରର ଚାବି କେଉଁଠି ରଖିଛୁ ଆଣ।''

ବୁଢ଼ୀ କାଉଲି ବାଉଲି ହୋଇ ଘରର ଚାବିମାଳଟା ଛନ୍ ହାତକୁ ବଢ଼ାଇ ଦେଲା। ଛନ୍ କହିଲା, ''ଏତେ ଚାବି କ'ଣ ? ଚାଲ, କେଉଁଟା କି ଚାବି ମତେ ଚିହ୍ନାଇ ଦେବୁ।'' ବୁଢ଼ୀ ଛନ୍‌କୁ ନେଇ ବଖରା ବଖରା ବୁଲି ଚାବି ଚିହ୍ନାଉ ଚିହ୍ନାଉ ଛନ୍ ଦେଖିଲା ଭୂଇଁ ତଳେ ଗୋଟିଏ ଗାରଦଖାନା ଅଛି ଯେ ସେଥିରେ କେତେ ନାହିଁ କେତେ ମୁର୍ଦ୍ଦାର ପଡ଼ିଛି। ଏ ସବୁ କ'ଣ ବୋଲି ବୁଝୁ ବୁଝୁ ଜଣା ପଡ଼ିଲା ଯେ ଡକାୟତମାନେ ଗଲାଅଇଲା ଲୋକଙ୍କୁ ଧରିଆଣି ଧନରତ୍ନ ଲୁଟି ନେବା ପରେ ସେମାନଙ୍କୁ ମାରି ଏ ଭିତରେ ପକାଇ ଦିଅନ୍ତି। ଜନ୍ ସଙ୍ଗେ ସଙ୍ଗେ ବାର ଡକାୟତଙ୍କ ମୁଣ୍ଡ ଗଣ୍ଡି ନେଇ ସେ ଭିତରେ ପକାଇଦେଲା। ବୁଢ଼ୀକୁ ସେହି ଗାରଦଖାନା ଭିତରେ ପୂରାଇ ଦେଇ କହିଲା, ''ମୁଁ ତୋ ପ୍ରାଣ ନେଉନାହିଁ। ଏ ଭିତରେ ପଡ଼ିଲେ ୬ ପ୍ରାଣ ଆପେ ଆପେ ଚାଲିଯିବ।''

ବୁଢ଼ୀ କିନ୍ତୁ ନାନା ଜଡ଼ିବୁଟି ଜାଣେ। ଗାରଦଖାନା ଭିତରେ କେତେ କାଳରୁ କେତେ ଘାସ ଶିଉଳି ଉଠିଥିଲା। ବୁଢ଼ୀ ସେ ସବୁ ଛିଣ୍ଡାଇ ଆଣି ଜଡ଼ିବୁଟି କରି ନିଜ ପୁଅଙ୍କ ମୁଣ୍ଡଗଣ୍ଡି ଯୋଡ଼ିବାରେ ଲାଗିଗଲା। ଏଣେ ଛନ୍ ଓ ଆନୁସିଆ ପାଣି ଢାଳି ଚଟାଣର ରକ୍ତ ଧୋଇବା ପରେ ଆରାମରେ ଶୋଇପଡ଼ିଲେ। ତା' ପରଦିନ ସକାଳେ ଛନ୍ ତା' ଭଉଣୀକୁ କହିଲା, ''ଆନୁସିଆ, ତୁ ଘରେ ଥାଅ, ମୁଁ ବଣକୁ ଯାଇ କିଛି ଫଳମୂଳ ଆଣେ। ଶିକାର ମିଳିଗଲେ ବି ନେଇ ଆସିବି।''

ଭାଇ ବଣକୁ ଚାଲିଯିବା ପରେ ଭଉଣୀକୁ ଘର ଭିତରେ ଏକା ଏକା ବସି ବିରକ୍ତ ଲାଗିଲା। ଭୂଇଁତଳ ଗନ୍ତାଘରେ ଡକାୟତମାନେ ଯେଉଁ ଧନ ସମ୍ପଦ ଭରିକରି ରଖିଥିଲେ ସେ ସବୁ ଦେଖିବ ବୋଲି ସେ ଚାବି ନେଇ ଚାଲିଗଲା। ଗନ୍ତାଘର ଖୋଲି ଏଇଟା କ'ଣ ସେଇଟା କ'ଣ ବୋଲି ଦେଖୁଛି, ଶୁଣିଲା ଗାରଦଖାନା

Digitized by srujanika@gmail.com

ଭିତରୁ କେହି ଜଣେ ତାକୁ ଚୁପ୍‌ଚାପ୍ କରି ଡାକୁଛି। କିଏ ଡାକୁଛି ଦେଖିବା ଲାଗି ସେ ଯାଇ ଗାରଦଖାନା ପାଖରେ ଠିଆହୋଇଗଲା। ଭିତରକୁ ଚାହିଁ ଦେଖେ ତ ବାରଭାଇ ଡକାୟତ ଚେଇଁ ବସିଛନ୍ତି; ସେମାନଙ୍କ ମାଆ ବୁଢ଼ୀ ବି ବସିଛି। ବାର ଭାଇ ଭିତରୁ ସାନଭାଇଟି ଦେଖିବାକୁ ଭାରି ସୁନ୍ଦର, ଭାରି କଅଁଳକୁହା। ସେହି ସାନଭାଇଟି ଆନୁସିଆକୁ ନାଁ ଧରି ଡାକୁଥାଏ। ଡକାୟତଙ୍କୁ ଦେଖୁ ଦେଖୁ ଆନୁସିଆ ପଚାରିଲା, ''କିରେ, ତୁମକୁ ତ ମୋ ଭାଇ ହାଣି ଦି' ଦିଗଡ଼ କରି ଦେଇଥିଲେ – ତୁମ ମୁଣ୍ଡ ଗଣ୍ଠି ଯୋଡ଼ିହେଲା କିପରି ? ବଞ୍ଚିଲ କିପରି ?''

ସାନଭାଇ ଡକାୟତ କହିଲା, ''ଆଗୋ ସୁନ୍ଦରୀ, ଆମ ମାଆ ସାକ୍ଷାତ୍ ଦେବୀଟିଏ ଜାଣ। ସେ ଔଷଧପତ୍ର ଲଗାଇ ଆମକୁ ବଞ୍ଚାଇ ଦେଲେ। ଆମେ ତ ନିର୍ଦ୍ଦୋଷ – ମରନ୍ତୁ କିପରି ?''

ଆନୁସିଆ ପାଟିକଲା, ''ଏଁ, ଇମିତି କଥା ? ମୋ ଭାଇ ବଣରୁ ଫେରୁ ଫେରୁ ମୁଁ ତାଙ୍କୁ ଏ ଖବର ଦେଇଦେବି। ଏଥର ସେ ଆଉ ମାଆ ପୁଅ କାହାକୁ ଛାଡ଼ିବେ ନାହିଁ।''

ମାଆ ପୁଅ ମିଶି କାକୁତି ମିନତି ହୋଇ କହିଲେ, ''ନାହିଁ, ନାହିଁ ମାଆ; ଭାଇକୁ ଏକଥା ମୋଟେ କହିବ ନାହିଁ। ତୁମରି ଭଲ ଲାଗି ଗୋଟିଏ କଥା କହୁଛୁ, ଶୁଣ।''

''ମୋ ଭଲ ! ମୋ ଭଇ ଲାଗି ତୁମେ କ'ଣ କହିବ ? ମୋ ଭାଇ ଅଛନ୍ତି।''

ଡକାୟତଙ୍କ ମାଆ କହିଲା, ''ଆଲୋ ମାଆ, ଭାଇ ଭାଇ ହେଉଛୁ, ଯେ ସେ ତୋର କି ଭାଇରେ ଭାଇ ? ହଇଲୋ, ସାବତଭାଇ, ଆଜି ଅଛି ତ କାଲି ନାହିଁ, ସେଥିକି ହେଉଛୁ ମିଛେ ବାଇ। ତୁ ଡଉଲଡାଉଲ ସୁନ୍ଦର ଝିଅଟିଏ, ବାହାଚୂଡ଼ା ହେଇ ଖୁପିରେ ଘରଦ୍ୱାର କରନ୍ତୁ, ସୁଖଆଦର ପାଆନ୍ତୁ, ଭୋଗବିଳାସ କ'ଣ ଜାଣନ୍ତୁ। ଏ ଭାଇଟା ପାଖରେ ରହିଲେ ତୁ କ'ଣ ପାଇବୁ ? ହଇଲୋ, ଝିଅ-ଜନମ ପରଘରକୁ; କିନ୍ତୁ ତତେ ତ ବଅସ ହୋଇଗଲାଣି, ବଅସ ବି ଖସିବାକୁ ବସିଲାଣି। ବଅସ ଖସିଗଲେ ତତେ ଆଉ ବାହା ହେବ କିଏ ଯେ ତୁ ଘରଦ୍ୱାର କରି ସୁଖ ପାଇବୁ ?''

କଥାଟା ଆନୁସିଆ ମନକୁ ଛୁଇଁଲା। ସେ ଚୁପ୍ ହୋଇ ଠିଆ ହୋଇଗଲା ଦେଖି ବୁଢ଼ୀ ଭାବିଲା ଔଷଧ ଠିକ୍ କାମ କରିଛି। ସେ କହିଚାଲିଲା – ''ମୋ ସାନପୁଅଟିକି ତ ଦେଖୁଛୁ ? ହୁନ୍ଦର ଯିମିତି ସୁନ୍ଦର ସିମିତି। ତତେ ଦେଖିଲାବେଳୁ ମୋ ମନ କହୁଛି, ତୁ ତା'ର ବୋହୂ ହୋଇ ରହିଗଲେ ଭାରି ସୁଖରେ ଦିନ କାଟନ୍ତୁ। ଆଲୋ, ମୋ ଘରେ ନାହିଁ କ'ଣ ? ମୋ ପୁଏ ରାତିଏ ଗଲେ ହାତୀଏ ବୋହି ଆଣୁଛନ୍ତି। ତୁ ଯଦି ହଁ କରନ୍ତୁ, ମୁଁ ତହିଁକି ଉପାୟ କରନ୍ତି।''

ଆନୁସିଆ କହିଲା, ''ସତ୍ୟ ସତ ଯେ, ମୋ ଭାଇ ହଁ କଲେ ସିନା ମୁଁ ବାହା ହୁଅନ୍ତି। ନହେଲେ . . .''

ବୁଢ଼ୀ କହିଲା, ''ଆଲୋ, ସେଇ ଭାଇ ମୋହ ତତେ ଖାଇବ, ତୁ ନିଜର

Digitized by srujanika@gmail.com

ବୋଲି କିଛି ପାଇବୁ ନାହିଁ। ସେଥିପାଇଁ କହୁଛି ସେ ଭାଇଜି ଦୂରେଇଦେ।''

ଆନୁସିଆ କହିଲା, ''ତା'ହେଲେ ମୁଁ ତାବି ଖୋଲିଦେଉଛି, ତୁମେ ସବୁ ବାହାରକୁ ପଳାଇଆସ ଯେ ଆମ ରାସ୍ତା ଆମେ ଧରିବା।''

ଏକଥା ଶୁଣି ବାଘ ଡକାୟତ କହିଲେ, ସେଥିରେ କିଛି ଲାଭ ହେବ ନାହିଁ। ସେ ଆମକୁ ଧରିଆଣି ମାରିପକାଇବ। ସେ ନମଲା ପର୍ଯ୍ୟନ୍ତ କିଛି ହୋଇପାରିବ ନାହିଁ।''

''କିନ୍ତୁ ମୋ ଭାଇକୁ ମାରିବ କିଏ ?''

''ଚାହିଁଲେ ତୁ ମାରି ଦେଇ ପାରିବୁ।''

''ହେ ଦଇବ! ତୁମେ ବାଘ ଭାଇ ଯାହାକୁ ପାରିଲ ନାହିଁ, ମୁଁ ଝିଅଟି ହୋଇ ତାକୁ ପାରିବି କିପରି ? ମୋ ହାତରେ ସେତକ ହୋଇ ପାରିବ ନାହିଁ।''

ବଡ଼ ଡକାୟତ କହିଲା, ''ହାତରେ ନହେଲେ ଭାତରେ ମାର। ମୋ କଥା ଶୁଣ। ଭାଇ ବଣରୁ ଫେରିବା ବେଳକୁ ତୁ ଦେହ ଖରାପ ଲାଗୁଥିବାର ବାହାନା କର। କହ, ପେଟ କ'ଣ ହେଉଛି– ଠେକୁଆ ଦୁଧ ନପିଇଲେ ପେଟ ଭଲ ହେବ ନାହିଁ। ତୁ ଠେକୁଆ ଦୁଧ ଖାଇବାକୁ ଅଡ଼ି ବସିଲେ ତୋ ଭାଇ ଠେକୁଆ ଧରିବାକୁ ବଣକୁ ବାହାରିପଡ଼ିବ। କିନ୍ତୁ ଏ ଯେଉଁ ବଣ ଦେଖୁଛୁ, ଆମେ ଏଠାରେ ପିଲାରୁ ବଡ଼ ହେଲୁଣି, ଏଠାରେ ଦିନେ ହେଲେ ଠେକୁଆ ଦେଖିନୁ। ଏ ବଣର ନାଆଁ ସାତକୋଶିଆ ବଣ– ଦୀର୍ଘରେ ସାତ କୋଶ, ଆଡ଼ରେ ସାତ କୋଶ। ଏଠି କିନ୍ତୁ ଠେକୁଆ ନାହାନ୍ତି; ତେଣୁ ତୋ ଭାଇକୁ ଠେକୁଆ ଦୁଧ ମିଳିବ ନାହିଁ। ସେ ଖୋଜି ଖୋଜି ଥକ୍‌କା ହୋଇଯିବ; ଶେଷକୁ ଆପଣା ଲାଜରେ ଆପେ ରହିଯିବ ଯେ ଆଉ ତୋ ଆଗରେ ମୁହଁ ଦେଖାଇବ ନାହିଁ। ତା'ପରେ ତୁ ତୋର ବାହାଚୂଡ଼ା ହୋଇ ସୁଖରେ ରହିବୁ।''

ଏହିତକ ଖଳବୁଦ୍ଧି ନେଇ ଆନୁସିଆ ଭାଇର ଫେରିବା ବାଟକୁ ଚାହିଁ ରହିଲା। ଜନ୍ ଘରକୁ ଫେରୁ ଫେରୁ ସେ ପେଟ ମୋଡୁଥିବାର ବାହାନା ଆରମ୍ଭ କରିଦେଲା– ''ଇଲୋ, ମୋ ପେଟ କ'ଣ ହୋଇ ଯାଉଛି ଲୋ! ଆହେ ମୋ ଭାଇ, ମୁଁ ମରିଗଲି ହେ! ଆହେ, ମୋ ପେଟ ମାରୁଛି– ଇଲୋ ଲୋ ଲୋ ଲୋ ଲୋ, ମୁଁ କି ବୁଦ୍ଧି କରିବି ଲୋ! ଏପରି ରଡ଼ି କରି ଖଟରେ ଗଡ଼ିଲା। ଭଉଣୀର ଏ ଅବସ୍ଥା ଦେଖି ଭାଇ ଛାନିଆ। ''ଆଲୋ, କ'ଣ ହୋଇଛି କହ ? କ'ଣ ଖାଇବୁ କହ ?'' ବୋଲି ପଚାରିଦେଲା। ଅନେକ କନ୍ଦାକଟା ପରେ ଆନୁସିଆ କହିଲା, ''ମୋର ମନେପଡୁଛି, ପିଲାଦିନେ ଥରେ ମୋର ଏପରି ପେଟ ମୋଡ଼ା ରୋଗ ହୋଇଥିଲା ଯେ, କେତେ ଔଷଧ ମୌଷଧିରେ ଭଲ ହେଲା ନାହିଁ। ଶେଷକୁ ଠେକୁଆ ଦୁଧ ପିଇବାରୁ ଭଲ ହେଲା। ତୁମେ ଯଦି ସତରେ ମତେ ଭଉଣୀ ବୋଲି ଭାବୁଥିବ, ତେବେ ଏଇଲାଗେ ଯାଇ ଠେକୁଆ ଦୁଧ ଆଣିଦିଅ। ଠେକି ନେଇ ଚାଲିଯାଅ। ଠେକୁଆ ଦୁଧ ଠେକିଏ ଆଣିଦେଲେ ତୁମ ଆନୁସିଆ ବଞ୍ଚିବ, ନହେଲେ ମଲା ବୋଲି ଜାଣ।''

Digitized by srujanika@gmail.com

''ଆନ୍ଥା, ଆନ୍ଥା, ମୁଁ ଠେକି ନେଇ ବଣକୁ ଯାଉଛି। ଖୋଜି ଖୋଜି ଠେକୁଆ ଦୁଧ ନେଇ ଆସିବି– ତୁ ବ୍ୟସ୍ତ ହୁଅନା।'' ଭାଇ ଠେକି ଧରି ବାହାରିବା ବେଳକୁ ଭଉଣୀ ଶୁଣାଇ ଦେଲା, ''ହେଇଟି, ସତେ ଯଦି ତୁମେ ମୋ ଭାଇ ହୋଇଥିବ, ତେବେ ଠେକୁଆ ଦୁଧ ନଆଣି ଘରକୁ ଫେରିବ ନାହିଁ। ଠେକୁଆ ଦୁଧ ନଃ ଣିଲେ ମୁଁ ତୁମ ମୁହଁ ଚାହିଁବି ନାହିଁ– ମରି ତ ଯିବି– ଇଲୋ, ମୋ ପେଟ ଲୋ।''

ଜନ୍ ଠେକିଟିଏ ଧରି ଠେକୁଆ ଦୁଧ ଆଣିବା ଲାଗି ବଣକୁ ଚାଲିଗଲା। ଖଣ୍ଡେ ବାଟ ଯାଇଛି କି ନାହିଁ, ଦେଖିଲା ବାଟ ଉପରେ ଗୋଟିଏ ମାଈ ଠେକୁଆ ବସିଛି। ଭାବିଲା ଫାଶ ପକାଇ ଠେକୁଆଟିକୁ ବାନ୍ଧିଦେଲେ ଦୁଧ ଦୁହିଁବ। ସେ ଦଉଡ଼ିରେ ଫାଶ ପକାଇ ଠେକୁଆ ଉପରକୁ ଫାଶ ଫୋପାଡ଼ିବ ବୋଲି ସଜ ହେଉଛି, ଦୂରରୁ ଠେକୁଆ ଡାକ ପକାଇଲା–

''ବୀରକୁମାର ! ଅକାରଣେ ପଶୁପକ୍ଷୀ ନ ମାର, ଠେକି ଭରି ଦୁଧ ଦେବି
ସାଥୀ କରି ଯଦି ପାଖରେ ରଖିବ, ସବୁ ଦିନ ସାହା ହେବି।''

ଠେକୁଆଟା ମଣିଷ ପରି କଥା କହୁଛି ଦେଖି ଜନ୍ ଅବାକ୍ ହୋଇଗଲା। ତା' ଉପରକୁ ଫାଶ ନପକାଇ ସେ ତା' ପାଖକୁ ଚାଲିଗଲା। ଠେକୁଆ ଦୌଡ଼ି ନପଳାଇ ଦୁଧ ଦେବା ଲାଗି ଠିଆହୋଇଗଲା। ଜନ୍ ଠେକିଏ ଦୁଧ ଦୁହିଁସାରି ଠେକୁଆଟିକୁ ସାଙ୍ଗରେ ନେଇ ଘରକୁ ଚାଲିଆସିଲା। ଘରେ ତାକୁ ଅଣ୍ଡାଳି ଆଉଁଷି ଖୁଆଡ଼ ଭିତରେ ଛାଡ଼ିଦେଲା ଏବଂ ଭଉଣୀ ପାଖକୁ ଯାଇ କହିଲା, ''ଆନୁସିଆ ଲୋ, ନେ, ହେଇଟି ତୋ ପାଇଁ ଠେକୁଆ ଦୁଧ ଆଣି ଦେଇଛି।'' ଆନୁସିଆ ଦୁଧତକ ପିଇ ଦେଇ କହିଲା, ''ମୋ ସୁନା ଭାଇନା ! ତୁମେ ଥିଲ ବୋଲି ସିନା ମୋ ମନ ଜାଣି ଠେକୁଆ ଦୁଧ ଆଣିଦେଲ, ନହେଲେ ତ ମୁଁ ଆଜି ନିଶ୍ଚୟ ମରିଯାଇଥାନ୍ତି। ...ଓଃ ହୋ; ଦୁଧତକ ପିଇଦେବାରୁ ମୋ ପେଟଟା କି ଆରାମ ଲାଗୁଛି।''

ସେଦିନ ଖିଆପିଆ ପରେ ଭାଇ ଭଉଣୀ ଶୋଇ ପଡ଼ିଲେ। ରାତି ପାହି ସକାଳ ହେଉ ହେଉ ଭାଇ ଶିକାର କରିବାକୁ ଚାଲିଗଲା। ସେହି ମଉକାରେ ଭଉଣୀ ଭୂଇଁତଳ ଗାରଦଖାନାକୁ ଯାଇ ବାର ଡକାୟତଙ୍କୁ କହିଲା, ''ଆହେ, ସବୁ ଫସର ଫାଟିଗଲା। ଏଠି ଠେକୁଆ ନାହାନ୍ତି ବୋଲି କ'ଣ ତୁମେ କହୁଥିଲ– ମୋ ଭାଇ ଠେକୁଆ ଦୁଧ ଆଣି ମୋତେ ପିଇବାକୁ ଦେଇଦେଲେ।''

ଏ କଥା ଶୁଣି ଡକାୟତ ବାରଭାଇ କାବା ହୋଇଗଲେ। ମାଆ କହିଲା, ''ଆରେ, କେତେ କେତେ ଉପାୟ ଅଛି; ତମେ ଦବିଯାଉଛ କାହିଁକି ?''

ବାରଭାଇ ବସି ପୁଣି ଥରେ ମନ୍ତ୍ରଣା କଲେ। ତା'ପରେ ସେମାନେ ଆନୁସିଆକୁ କହିଲେ, ''ତୁ ପୁଣି ଥରେ ପେଟ ମୋଡ଼ି ହେଉଛି ବୋଲି ବାହାନା କରି କାନ୍ଦ। ଏଥର କହିବୁ ଗଧିଆ-ଦୁଧ ନପିଇଲେ ପେଟ ମୋଡ଼ା ବନ୍ଦ ହେବ ନାହିଁ। ଦେଖିବୁ ତୋ ଭାଇ ଗଧିଆ ଦୁଧ ଆଣିବାକୁ ଗଲେ ଆଉ ମୋତେ ଫେରିବ ନାହିଁ।''

''କିପରି ମ ?''

Digitized by srujanika@gmail.com

''ତୁ ସିନା ଦେଖି ନାହୁଁ, ଆମେ ଦେଖିଛୁ ଗଧିଆ ଗୁଡ଼ାକ ଖେଦା ଖେଦା ହୋଇ ରହନ୍ତି। ଏ ଦୁଧ ଆଣିବାକୁ ଗଲେ ଯଦି ସେଥିରୁ ଗୋଟିକୁ କାବୁ କରିଦେବ, ତେବେ ଖେଦାର ଆଉ ଗଧିଆମାନେ ଯାକୁ ମାଡ଼ିବସିବେ ଯେ ପୁଅର ହାଡ଼ ଗୋଡ଼ ବାକି ରଖିବେ ନାହିଁ— ଆଉ ଫେରିବ କିପରି? ସେହି ପଟେ ଯମପୁରକୁ ପଳାଇବ।''

କଥାଟି ଆନୁସିଆ ମନକୁ ପାଇଲା। ଛନ୍ ଘରକୁ ଫେରୁ ଫେରୁ ସେ କନ୍ଦାକଟା ଆରମ୍ଭ କରିଦେଲା। କଥା କ'ଣ ବୋଲି ପଚାରିବାରୁ ଆନୁସିଆ କହିଲା, ''ମୋ ପେଟ ପୁଣି ଥରେ ମୋଡ଼ିଲାଣି— ମୋଟେ ବସେଇ ଉଠେଇ ଦେଉ ନାହିଁ। ବଡ଼ କଷ୍ଟରେ ଟିକିଏ ଶୋଇ ପଡ଼ିଥିଲି ଯେ ମତେ କେହି ଜଣେ ସପନରେ କହିଲା ଗଧିଆ-ବାଘ ଦୁଧ ନପିଇଲେ ଏ ପେଟରୋଗ ମୋତେ ଭଲ ହେବ ନାହିଁ।''

ଛନ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ଗଧିଆ ଦୁଧ?'' ଭଉଣୀ ଆହୁରି ସାକୁଲେଇ ହୋଇ କହିଲା, ''ହଁ ପରା। କିନ୍ତୁ ଗଧିଆ କିଏ, ତୁମେ କିଏ, ଯେ ମୋ ପାଇଁ ଗଧିଆ ଦୁଧ ଆଣି ଦେବ? ଆହେ ମୋ ବାପା ହେ, ତୁମେ ହେଲେ ଏତେବେଳେ ବଞ୍ଚି ଥାଆନ୍ତ କି! ...ଆଲୋ, ମୋ ପେଟ କ'ଣ ହୋଇଯାଉଚି ଲୋ... ଆଲୋ, ମୁଁ ମରିଗଲି ଲୋ ମୋ ବୋଉ! ଉଃ! ଉଃ!

ଭାଇ ଭଉଣୀକୁ ଭରସା ଦେଇ କହିଲା, ''ଆନୁସିଆ, ମୁଁ ଥାଉ ଥାଉ ତୋର କିଛି ଅସୁବିଧା ହେବ ନାହିଁ। ମୁଁ ଏଇକ୍ଷଣି ଯାଇ ଗଧିଆ ଦୁଧ ନେଇଆସିବି।''

ଭଉଣୀ ପାଟିକଲା, ''ଗଧିଆ ତୁମକୁ କାମୁଡ଼ି ପକାଇବ। ତୁମେ କ'ଣ ମୋ ପାଇଁ ବୋଲି ତା' ମୁହଁରେ ପଶିବ ଯେ ମୁଁ ବଞ୍ଚିବି! ମୁଁ ମରିଗଲି ଲୋ ମୋ ବୋଉ!''

ଛନ୍ କହିଲା, ''ଗଧିଆ ମୁହଁରେ ପ୍ରାଣ ଗଲେ ପଛେ ଯିବ, ମୁଁ ନିଶ୍ଚୟ ଗଧିଆ ଦୁଧ ଆଣିଦେବି। ଯଦି ନଆଣି ପାଇଲି ତେବେ ତୋ ଆଗରେ ମୁହଁ ଦେଖାଇବି ନାହିଁ ଜାଣ।'' ଏପରି କହି ସେ ଠେକିଟିଏ ଧରି ଦୁଧ ଆଣିବାକୁ ଚାଲିଗଲା। ଖଣ୍ଡେ ଦୂର ଯାଇଛି, ଦେଖିଲା ଗୋଟିଏ ମାଈ ଗଧିଆ ଛିଉ ଲହଲହ କରି ଠିଆ ହୋଇଛି। ତା'ର ଚାରିଟା ଛୁଆ ଦୁଧ ପିଇଯାଉଛନ୍ତି ଯେ ତାଙ୍କ ପାଟିରୁ ଫେଣ ବୋହିପଡୁଛି। ଗଧିଆକୁ ଫାଶରେ ଧରିବ ବୋଲି ଛନ୍ ଦଉଡ଼ିରେ ଫାଶ ପକାଇ ବୁଲାଉଛି, ଗଧିଆ ଡାକ ପକାଇଲା—

''ବୀର କୁମାର, ଅକାରଣେ ପଶୁପକ୍ଷୀ ନ ମାର, ଠେକି ଭରି ଦୁଧ ଦେବି,
ସାଥୀ କରି ଯଦି ପାଖରେ ରଖିବ ସବୁଦିନ ସାହା ହେବି।''

ଗଧିଆ ବି ଠେକୁଆ ପରି କଥା କହୁଛି ଦେଖି ଛନ୍ ତା' ପାଖକୁ ଗଲା। ଗଧିଆ ତାକୁ ଚାଟି ଆଦର କରିବା ଦେଖି ଛନ୍ ତାକୁ ଘରକୁ ଆଣି ଗୁହାଳରେ ରଖି ଅଣ୍ଡଳା ଆଉଁଷା କଲା ଏବଂ ତା'ଠାରୁ ଠେକିଏ ଦୁଧ ଦୁହିଁ ଭଉଣୀକୁ ନେଇ ପିଆଇଦେଲା। ଗଧିଆ ଦୁଧ ଆଇଁସିଆ ଗନ୍ଧାଉଥାଏ— କିନ୍ତୁ ସେଥିପାଇଁ ତ ସେ ଅଡ଼ି ବସିଥିଲା, ପିଇବାକୁ ମନା କରିବ କିପରି? ଆନୁସିଆ ଆଖି ବୁଜି ସେ

Digitized by srujanika@gmail.com

ଦୁଧତକ ପିଇଦେଇ ହସି ପକାଇଲା, ''ଓଃ, ଗଧିଆ ଦୁଧତକ ପେଟରେ ପଡୁ ପଡୁ ବଥାଟା କୁଆଡ଼େ ଉଭେଇଗଲା।''

ତା'ପର ଦିନ ସକାଳୁ ଜନ୍ ତା' ଗଧିଆ ଓ ଠେକୁଆ ସାଙ୍ଗକୁ ଅଣ୍ଡାଳି ଆଉଁଷି ଆଦର କରିବା ପରେ ଫଳମୂଳ ଆଣିବାକୁ ଚାଲିଗଲା। ବଣରୁ ଫେରୁଛି, ଦେଖିଲା ଗୋଟିଏ ଶିଆଳ ଠିଆ ହୋଇଛି। ଶିଆଳଟିକୁ ଦେଖି ଜନ୍ ତାକୁ ଶର ବିନ୍ଧିବାକୁ ସଜ ହୋଇଗଲା। କିନ୍ତୁ ଶିଆଳ ପାଟି କରି କହିଲା –

''ବୀର କୁମାର, ଅକାରଣେ ପଶୁପକ୍ଷୀ ନ ମାର,
ମୋତେ ଯଦି କରି ପାରିବ ସାଥୀ, ସାହା ହେବି ଜାଣ ଦିବସ ରାତି।''

ଜନ୍ ସେ ଶିଆଳଟିକୁ ଆଦର କରି ଘରକୁ ନେଇଆସିଲା।

ଭଉଣୀ ତ ତା' ଯିବା ବାଟକୁ ଅନାଇ ବସିଥିଲା, ଜନ୍ ଘର ଛାଡ଼ିବାକ୍ଷଣି ସେ ଗାରଦଖାନା ପାଖକୁ ଚାଲିଯାଇ କହିଲା, ''ଛିଃ ତୁମ ବୁଦ୍ଧିକୁ। ମୋ ଭାଇକୁ କ'ଣ ଗଧିଆ ବଳାନ୍ତା! ସେ ଠେକିରେ ଠେକିଏ ଗଧିଆ ଦୁଧ ଆଣି ଦେଲେ ଯେ ମୁଁ ପିଇ ପାରିଲି ନାହିଁ।''

ବାର ଡକାୟତ କହିଲେ, ''ତାହେଲେ ତାକୁ ଭୂତମୁହଁକୁ ପଠାଇଦେଲେ କାମ ଶେଷ। ଏ ବଣ ଭିତରେ ଗୋଟିଏ ଅଟାକଳ ଅଛି ଯେ, ସେଥିରେ ମଣିଷ ନାହାନ୍ତି! କେଉଁ କାନରୁ କେଜାଣି ଗୋଟାଏ ଭୂତ ଦିନ ନାହିଁ ରାତି ନାହିଁ ଘର୍‌ର୍ ଘର୍‌ର୍ କରି ଅଟାକଳ ଚକି ଘୂରାଇଚାଲିଛି। ସେ ଭିତରକୁ ଯଦି ମଣିଷ ଯାଉଛି, ତେବେ ଆଉ ଫେରୁ ନାହିଁ। ସେ ଭୂତ ତାକୁ ଖାଇ ଯାଉଛି। ଭାଇକୁ ସେହି ଭୂତମୁହଁକୁ ପଠାଇଦେଲେ ସବୁ ଅଡୁଆ ତୁଟିଯିବ।''

ଆନୁସିଆ ପଚାରିଲା, ''ମୁଁ କି ବାହାନା କରି ତାଙ୍କୁ ସେଠାକୁ ପଠାଇବି?''

ଡକାୟତଙ୍କ ମା' ବୁଢ଼ୀ କହିଲା, ''ଜାହିଁକି, ଗୋଟାଏ ବାହାନା କର ଯେ ତୋର ଚକିପେଷା ଅଟାରେ ପିଠାକରି ଖାଇବାକୁ ଭାରି ଇଚ୍ଛା ହେଉଛି। ବଣ ଭିତରେ କେଉଁଠି ଅଟା ଆସିବ ବୋଲି ସେ ପଚାରିଲେ ତୁ କହିବୁ ଏ ବଣ ଭିତରେ ଗୋଟିଏ ଅଟାକଳ ଅଛି ଯେ ଦିନରାତି ସେଠାରେ କାମ ଚାଲିଛି। ସେ ଯାଇ ସେଠାରୁ ଅଟା ନେଇ ଆସୁ।''

ଆନୁସିଆ କହିଲା, ''ଠିକ୍ କହିଛ, ନହେଲେ କି ତୁମେ ବାର ବାରଟା ଡେଣ୍ଡାପୁଅଙ୍କ ମାଆ ହୋଇଥାଆନ୍ତ!'' ଏପରି କହି ସେ ଭାଇ ଆସିଲା ବେଳକୁ ମୁହଁ ପୋତି ବସିରହିଲା, ପାଟି ଫିଟାଇଲା ନାହିଁ କି ଆଖି ଖୋଲିଲା ନାହିଁ। ଭଉଣୀଟା କାହିଁକି ଏପରି ବସିଛ ବୋଲି ଜନ୍ ତାକୁ ଯେତେ ଡାକିଲା, ସେ ଜମା ଚଳିଲା ନାହିଁ। ଶେଷକୁ ବହୁ ଗଲ ଆଦର ପରେ କହିଲା, ''ତୁମେ ଯଦି ମୋ ପାଇଁ ଚକିପେଷା ଅଟା ଆଣିଦେବ ତେବେ ମୁଁ କଥା କହିବି, ନ ହେଲେ ନାହିଁ।''

''କିଲୋ, ଅଟା ବ'ଣ କରିବୁ?''

''ମୋର ଭାରି ମନ ହେଉଛି – ମୁଁ ଚକିପେଷା ଅଟାରେ ପିଠା କରି ଖାଇବି।''

Digitized by srujanika@gmail.com

କହି ଆନୁସିଆ ମୁହଁ ବୁଲେଇ ବସିପଡ଼ିଲା। ଭଉଣୀ ସୁଆଗୀ ଭାଇ ପଚାରିଲା, ''ଏ ସାତକୋଣିଆ ବଣ ଭିତରେ ମୁଁ ଅଟା କେଉଁଠୁ ଆଣିବି? ଏଠି ସହର ଅଛି ନା ବଜାର ଅଛି ଯେ ଏପରି କହୁଛୁ? ଆଲୋ! ଏପରି ଅବୁଝା ହୁଅନ୍ତି?''

ସଙ୍ଗେ ସଙ୍ଗେ ଆନୁସିଆ କହିଲା, ''ମୁଁ ତ ସ୍ୱପ୍ନ ଦେଖିଛି ଯେ, ଏ ବଣରେ ଗୋଟିଏ ଅଟାକଳ ଅଛି। ସେଠାରେ ଦିନ ରାତି କାମ ଚାଲିଛି। ତୁମେ ଯାଇ ଖୋଜୁନା।'' ଜନ୍ ବି କେତେଥର ବଣ ଭିତରେ ଚକି ଘୂରୁଥିବା ଶବ୍ଦ ଶୁଣିଥାଏ। ସତରେ ଅଟାକଳ ଥିବ ଭାବି ସେ ଥଳିଟିଏ ଧରି ଅଟା ଆଣିବ ବୋଲି ବାହାରିପଡ଼ିଥିଲା। କିନ୍ତୁ କିଛି ବାଟ ଯାଇଛି କି ନାହିଁ ଦେଖିଲା ଆଗରେ ଗୋଟିଏ ବିଲ। ଭିତରୁ ଗୋଟିଏ ଛଅଫେଣିଆ ସାପ ମୁଣ୍ଡ ଟେକି ବାହାରି ପଡୁଛି। ଜନ୍‌କୁ ଦେଖିବାମାତ୍ରେ ସାପଟା ତା' ଛ'ଫଣ ଟେକି ଚାହିଁରହିଲା। ଜନ୍ ଚଟ୍ କରି ଗୋଟିଏ ଗଛ ଉପରକୁ ଚଢ଼ି ଯାଇ ଭାବିଲା, ଏଇଟା ନିଶ୍ଚୟ ଗୋଟାଏ ରାକ୍ଷସ, ମାରି ନଦେଲେ ଏ ବହୁତ କ୍ଷତି କରିବ। ଏପରି ଭାବି ସେ ସାପକୁ ମାରିବ ବୋଲି ଧନୁଶର ସଜ କରିବାକୁ ଲାଗିଲା। କିନ୍ତୁ ତା'ର ସେ ସଜ ଦେଖି ସାପ ଡାକପକାଇଲା –

''ବୀର କୁମାର, ଅକାରଣେ ପଶୁପକ୍ଷୀ ନ ମାର,
ମୋତେ ଯଦି କରି ପାରିବ ସାଥୀ, ସାହା ହେବି ଛାଣ ଦିବସ ରାତି।''

ସାପ ମୁହଁରୁ ଏକଥା ଶୁଣି ଜନ୍ ତଳକୁ ଓହ୍ଲାଇ ଆସିଲା। ସେ ଧନୁଶର ଗଖିଦେବା ଦେଖି ସାପ ତା' ପାଖକୁ ଆସି ତା' ହାତକୁ ଗୋଟିଏ ବଇଁଶୀ ଦେଇ କହିଲା, ''ଏଇଟି ରଖିଥାଅ। ବିପଦ-ଆପଦ ବେଳେ ଏ ବଇଁଶୀ ବଜାଇ ଦେବାମାତ୍ରେ ତୁମେ ଯେଉଁ ଠେକୁଆ, ବିଲୁଆ ଓ ଗଧିଆଙ୍କୁ ସାଙ୍ଗ କରିଛ ସେମାନେ ମୋ ସହିତ ଆସି ନିଶ୍ଚୟ ତୁମକୁ ବିପଦରୁ ଉଦ୍ଧାର କରିବେ।''

ଜନ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ତୁମେ ତା'ହେଲେ ମୋ ସାଙ୍ଗମାନଙ୍କ କଥା ଜାଣିଛ?'' ସାପ କହିଲା, ''ମୁଁ ସବୁ ଜାଣେ। ଯାଉଛି, ସେହିମାନଙ୍କ ପାଖେ ପାଖେ ମୁଁ ରହିଥିବି।''

ଏଥର ଜନ୍ ବଇଁଶୀଟି ଧରି ବଣ ଭିତରେ ସେହି ଅଟାକଳ ଭିତରେ ପଶିଗଲା। ଘର୍‌ର୍ ଘର୍‌ର୍ ହୋଇ ଶବ୍ଦ ଚାଲିଥାଏ। ଧଳା ଧଳା ଅଟା ଉଡୁଥାଏ, କିନ୍ତୁ ସେଠାରେ ଲୋକବାକ ବୋଲି କେହି ନ ଥାଆନ୍ତି। ଜନ୍ ଦେଖିଲା ଆଗ ବଖରାଟିରେ ଟେବୁଲ୍ ଚୌକି ପଡ଼ିଛି। କାଗଜ କଲମ ଥୁଆହୋଇଛି। ପାଖରେ ବସ୍ତା ବସ୍ତା ଅଟା ବି ଥୁଆହୋଇଛି। କଳ ମାଲିକକୁ ଅପେକ୍ଷା କରି ସେ ସେଠାରେ କିଛି ସମୟ ବସିରହିଲା। କିନ୍ତୁ କେହି ଆସୁନାହାନ୍ତି ଦେଖି ସେ ଟେବୁଲ୍ ଉପରେ ପଇସା ଥୋଇ ଦେଇ ଥଳିରେ ଥଳିଏ ଅଟା ନେଇ ସେଠାରୁ ପଳାଇଆସିଲା। କିନ୍ତୁ ସେ ଯାଏ କୁଆଡ଼େ? ଫେରିବାକୁ ମୁହଁ ବୁଲାଉଛି କି ନାହିଁ ଧଡ୍‌ଧାଡ୍ ହୋଇ ଘରର କବାଟ ଝରକା ସବୁ ବନ୍ଦହୋଇଗଲା। ଲୋକବାକ ନାହାନ୍ତି – କବାଟ ଝରକା ଏପରି ବନ୍ଦହୋଇଯିବା ଦେଖି ଜନ୍ ଛାନିଆଁ ହୋଇଗଲା। ଜାଣିଗଲା ଏଇଟା ନିଶ୍ଚୟ ଭୂତପ୍ରେତର କାମ। ଆଚ୍ଛା ବିପଦରେ ପଡ଼ିଗଲା ଦେଖି ସେ ସାପ ଦେଇଥିବା ବଇଁଶୀଟି ଦୁଇଚାରି

Digitized by srujanika@gmail.com

ଥର ବଜାଇଦେଲା।

ଠେକୁଆ ସିନା ଛୋଟ ଜୀବଟିଏ, ହେଲେ ତା' କାନ ବଡ଼ ତୀକ୍ଷ୍ଣ— ସେ ବହୁଦୂରରୁ ଶୁଣିପାରେ। ଅଟାକଳ ଭିତରେ ରହି ଜନ୍ ଯେଉଁ ବଙ୍ଗାଁଶୀ ବଜାଇଦେଲା, ଠେକୁଆ କାନରେ ତାହା ପଡ଼ିଗଲା। ସଙ୍ଗେ ସଙ୍ଗେ ସେ ଗଧିଆ, ବିଲୁଆ ଓ ସାପକୁ ଡାକ ପକାଇ କହିଲା, ''ହେ ଭାଇ, ଆମ ସାଥୀ ବିପଦରେ ପଡ଼ି ବଙ୍ଗାଁଶୀ ବଜାଉଛନ୍ତି। ଆସ ଆସ, ଶୀଘ୍ର ଯାଇ ତାଙ୍କୁ ରକ୍ଷା କରିବା।''

ସେମାନେ କି ଆଉ ଡେରି କରନ୍ତେ! ସଙ୍ଗେ ସଙ୍ଗେ ସେମାନେ ଅଟାକଳ ପାଖରେ ପହଞ୍ଚିଗଲେ ଏବଂ ଫାଟକ କବାଟ ଭାଙ୍ଗି ଜନ୍‌କୁ ସେ ଭିତରୁ ମୁକୁଳାଇ ଆଣିଲେ। ଜନ୍ ଘରକୁ ଆସି ଭଉଣୀକୁ ଅଟା ଥଳି ଧରାଇ ଦେବାରୁ ଭଉଣୀ ହସି ଦେଇ କହିଲା, ''ଏଥର ମୋର ଭାରି ମଜା। ମୁଁ ଯାଉଛି ପିଠା କରିବି। ତୁମେ କେତେ ହାଲିଆ ହୋଇ ମୋ ପାଇଁ ଅଟା ଆଣି ଦେଲ, ଏଥର ଟିକିଏ ଶୋଇପଡ଼ କି ମୁଁ ପିଠା କରିସାରିବା ପରେ ତୁମକୁ ଉଠାଇବି; ଦିହେଁ ମିଶି ଖାଇବା।''

ଜନ୍ ଭଉଣୀର ଜପଟ ଭିତରେ ପଶି ପାରିଲା ନାହିଁ। ଶେଯ ପକାଇ ଆରାମରେ ଶୋଇପଡ଼ିଲା। ତା' ନିଦ ବହଳା ହୋଇଯିବା ସଙ୍ଗେ ସଙ୍ଗେ ଆନୁସିଆ ଚାବିମାଳ ଧରି ଗାରଦଖାନା ପାଖକୁ ପଳାଇଗଲା। ବାର ଭାଇ ପଚାରିଲେ, ''ଏଥର ତା'ହେଲେ ତୁମ ମନ ଶାନ୍ତି ହୋଇଗଲା ନା କ'ଣ?''

ଆନୁସିଆ କହିଲା, ''ଭାଇ ନ ମଲାଯାଏଁ ମୋ ମନରେ ଶାନ୍ତି ନାହିଁ, ତୁମେ ତ ଜହ୍ନଥିଲ ଅଟାକଳ ଭିତରେ ତାଙ୍କୁ ଭୂତ ଖାଇଯିବ; କିନ୍ତୁ ସେ ଥଳିରେ ଥଳିଏ ଅଟା ନେଇ ଚାଲିଆସିଲେ।''

''ଏଁ! ଏ ତ ଅଘଟନ କଥା!! ଏଥିରେ ବି ସେ ମଲାନି?''

''ଏସବୁଥିରେ କିଛି ନାହିଁ। ଏବେ ମୋ ଭାଇ ନିଘୋଡ଼ ନିଦରେ ଶୋଇଛି। ମୁଁ ଚାବି ଖୋଲିଦେଉଛି, ତୁମେ ବାର ଭାଇ ଖଣ୍ଡା ନେଇ ଚାଲି ଆସ ଯେ ତାକୁ ଟିକିଟିକି କରି ହାଣିପକାଇବ। ତା'ପରେ ଯାଇ ମୋ ମନରେ ଶାନ୍ତି।'' ମଣିଷ କି ନିଷ୍ଠୁର ହୋଇ ନ ପାରେ ସତେ!! କିନ୍ତୁ ଆନୁସିଆର ଏକଥା ଶୁଣି ଡକାୟତମାନେ କହିଲେ, ''ନା ନା, ଯେଉଁ ଲୋକ ଏତେ ବଡ଼ ବଡ଼ ବିପଦରୁ ମୁକୁଳି ଆସିଲା, ସେ କଦାପି ମଣିଷ ହାତରେ ମରିବ ନାହିଁ। ତା'ଠାରେ ନିଶ୍ଚୟ କିଛି ଶକ୍ତି ଅଛି। ତୁ ଯଦି ସେ ଶକ୍ତିଟି କ'ଣ ପଚାରି ବୁଝିନିଅନ୍ତୁ, ତେବେ ଆମେ ତାକୁ ନିପାତ କରିଦେଇପାରନ୍ତେ।''

''କିନ୍ତୁ ସେ କ'ଣ ମତେ ସେ କଥା କହିବ?''

ବୁଢ଼ୀ କହିଲା, ''ଝିଅ, ତୁ କି କଥା କହୁଛୁ ଲୋ! ସ୍ତ୍ରୀ ଇଚ୍ଛାକଲେ ପୁରୁଷ ମୁହଁରୁ କୋଉ ଗୁପ୍ତ କଥା କାଢ଼ି ନ ଆଣିବ କହିଲୁ? ଆଲୋ, କଥାରେ ପରା ଅଛି— ''କଅଁଳ କଥା ସୁନ୍ଦର ମୁହଁ, ତା' ଆଗେ କିଛି ଲୁଚାଇ ନୁହଁ।'' ତା' ଆଗରେ ପରା ଉଁଚେଇଲା ଖଣ୍ଡା ନଇଁଯାଏ! ତୁ ତା' ମୁହଁରୁ ଏତିକି ଗୁମର

Digitized by srujanika@gmail.com

କାଢ଼ିପାରିବୁ ନାହିଁ ତ କି ଝିଅ !

ଏପରି ମନ୍ତ୍ରଣା ନେଇ ଆନୁସିଆ ସେଠାରୁ ଫେରିଆସିଲା । ଚାରିଖଣ୍ଡ ପିଠା କରିସାରି ଭାଇ ପାଖକୁ ଯାଇ କଅଁଳେଇ କଅଁଳେଇ ଡାକିଲା, ''ଭାଇ, ଭାଇମ ! ଉଠ ।'' ଜନ୍ ଆଖି ମଳିମଳି ଉଠିଲା । ଆନୁସିଆ ସାକୁଲେଇ ହୋର କହିଲା, ''ଆହା, ମୋ ଭାଇ ମୋ ପାଇଁ କେତେ ଆଡ଼େ ବୁଲୁନାହାନ୍ତି । କେଉଁଠି କେଉଁ ଦିନ କି ବିପଦ ପଡ଼ିଯିବ କିଏ କହିବ ! ମୋ ଭାଇଙ୍କ ଦେହପା ଯଦି କ'ଣ ହୋଇଯାଏ, ମୁଁ କି ବୁଦ୍ଧି କରିବି ଲୋ !''

ଜନ୍ ଭଉଣୀକୁ ଭରସା ଦେଇ କହିଲା, ''ଆଲୋ ପାଗଳୀ, ମୋ ପାଇଁ ତୁ ମୋଟେ ଚିନ୍ତା କରନି । ମୋ ପାଖରେ ଇମିତି ଶକ୍ତି ଅଛି ଯେ ମୋ ଉପରେ କେବେ କୌଣସି ବିପଦ ପଡ଼ିବ ନାହିଁ ।''

ଭଉଣୀ କହିଲା, ''ସତେ !! ତୁମର କେଉଁଥିରେ ଏତେ ଶକ୍ତି ଅଛି ମ ?''

ଜନ୍ କହିଲା, ''ସେ ଏକ ଗୁପ୍ତକଥା ।''

''ମତେ ଟିକିଏ କହୁନ ।''

''ମୁଁ ଶପଥ କରିଛି, ସେ କଥା କାହାରିକୁ କହିବି ନାହିଁ ।''

''ମତେ ବି କହିବ ନାହିଁ ? ମୁଁ କ'ଣ ତୁମର ପର ?'' କହି ଆନୁସିଆ ଲୁହ ଗଡ଼େଇ ପକାଇଲା । ଦେଖୁ ଦେଖୁ କଇଁକଇଁ ହୋଇ କାନ୍ଦିବାକୁ ବି ଲାଗିଲା । ଆନୁସିଆକୁ ଏପରି କୃତ୍ରୀମ କାନ୍ଦଣା ଆସେ ବୋଲି ଜନ୍ ଜାଣିନଥିଲା । ଭଉଣୀର ମିଛ ଲୁହରେ ତା' ମନ ତରଳି ଗଲା । ସେ ଭଉଣୀକୁ ଅନେକ ବୁଝାଇଲା, ଅନେକ ବୋଧିଲା; ହେଲେ ଆନୁସିଆର ଏକା ଜିଦ୍ ଜନ୍‌ଠୁ ଗୁପ୍ତକଥାଟି ନ ଶୁଣିଲା ଯାଏଁ ସେ ତୁନି ହେବ ନାହିଁ ।'' ଶେଷକୁ ଜନ୍ କହିଲା, ''ଆଲୋ, ବାପା ମରିଗଲା ବେଳେ ମତେ ଏ ଯେଉଁ ଖଣ୍ଡାଟି ଦେଇଥିଲେ, ଏ ଏକ କୁହୁକ ଖଣ୍ଡା । ଏ ଖଣ୍ଡାଟି ମୋ ପାଖରେ ଥିବାଯାଏ ମୋର କୌଣସି ବିପଦ ନାହିଁ; କିନ୍ତୁ ସାବଧାନ, ଏ କଥା ଯେପରି ଆଉ କେହି ନ ଜାଣେ ।''

ଆନୁସିଆ କହିଲା, ''ଛି ! ଏହା ପରା କଥାକୁ ମୁଁ ଆନ ଆଗରେ କହିଦେବି !! ତା'ଛଡ଼ା, ଏ ଅଗନାଗ୍ନି ବନ୍ତରେ ଆମ ଦି'ଜଣକୁ ଛାଡ଼ିଦେଲେ ଆଉ ଅଛି କିଏ ଯେ ମୁଁ କହିଦେବି ? ଚାଲ, ଜାମାପଟା ଓହ୍ଲାଅ; ତୁମ ଦେହ ମୁହଁରେ ଅଟାଗୁଡ଼ାକ ପଡ଼ି ଅସନା ଦେଖାଯାଉଛି; ମୁଁ ତୁମକୁ କୂଅମୂନେ ଘଷିମାଜି ଗାଧୋଇଦେବି ।''

ଜନ୍ କହିଲା, ''ମୁଁ କ'ଣ ପାଣି କାଢ଼ି ଗାଧୋଇ ପାରିବି ନାହିଁ ଯେ ତୁ ଗାଧୋଇଦେବୁ ? ଯା, ରନ୍ଧାବଢ଼ା କରିସାରିଲୁଣି ପରା, ଖାଇପକା ।''

ତା'ପରେ ଜନ୍ ପୋଷାକପତ୍ର ଓହ୍ଲାଇ ପକାଇଲା, ଖଣ୍ଡାଟି ମଧ୍ୟ କାନ୍ଥରେ ଝୁଲାଇ ଦେଇ ଗାଧୋଇବାକୁ ଚାଲିଗଲା । ଆନୁସିଆ ତ ଏଇଥିପାଇଁ ଛକି ବସିଥିଲା, ସେ ସଙ୍ଗେ ସଙ୍ଗେ ଖଣ୍ଡାଟି ଧରି ଗାରଦଖାନା ପାଖକୁ ଦୌଡ଼ିଗଲା । ଚାବି ଖୋଇଦେଇ ବାର ଡକାୟତଙ୍କୁ କହିଲା, ''ହେଇଟି, ଏଇ ଖଣ୍ଡାରେ ମୋ ଭାଇର ସବୁ

Digitized by srujanika@gmail.com

ଶକ୍ତି ରହିଛି। ତୁମେ ଏହି ଖଣ୍ଡାରେ ତାକୁ ମାରିପକାଅ ଯେ, କାଳକାଳକୁ ତୁମର କଣ୍ଟା ଯିବ।''

ଡକାୟତମାନେ କୁହୁକ ଖଣ୍ଡା ଧରି କୂଅମୂଳକୁ ଧସି ଆସିଲେ। ସେମାନଙ୍କ ହାତରେ କୁହୁକ ଖଣ୍ଡା ଦେଖି ଦେଉ ଦେଉ ଜନ୍ ନିଜ ଭଉଣୀର ସବୁ କୂଟକପଟ ଜାଣିପକାଇଲା। ଅଷ୍ଟିଚୁରି ଇମିତି ତଣ୍ଟି କାଟେ ବୋଲି ସେ ଜାଣି ନଥିଲା। ଆପଣା ହାତରେ ତ ଜିହ୍ୱା ଛେଦିଛି, ଆଉ କହିବ କାହାକୁ ଭାବି କରପତ୍ର ଯୋଡ଼ି ଡକାୟତମାନଙ୍କୁ ଜଣାଇଲା, ''ଶୁଣ, ତୁମେ ମୋର ସକଳ ଶକ୍ତି ଛଡ଼ାଇନେଇଛ; ମୁଁ ତୁମ ନିକଟରେ ହାର ମାନିଲି। କିନ୍ତୁ ମାରିବା ପୂର୍ବରୁ ମୋର ଗୋଟିଏ ମାଗୁଣି ଅଛି; ସେଇତକ ରକ୍ଷାକର।''

କିନ୍ତୁ ତା' କୁଟିଳା ଭଉଣୀ ଗର୍ଜ୍ଜନ କଲା— ନା, ନା, ତା' କଥା ମୋତେ ଶୁଣ ନାହିଁ। ଶୀଘ୍ର କାମ ସାରିଦିଅ।

ତଥାପି ଡକାୟତ ସର୍ଦ୍ଦାର କହିଲା, ''କ'ଣ ତୋ ମାଗୁଣି, ମାଗ।'' ଜନ୍ କହିଲା, ''ମରିବା ପୂର୍ବରୁ ମୁଁ ଟିକିଏ ବଇଁଶୀ ବଜାଇ ପ୍ରଭୁଙ୍କୁ ପ୍ରାର୍ଥନା କରିବି— ଏତିକି ମାତ୍ର ମୋ ମାଗୁଣି।''

ଏ କଥା ଶୁଣି ବାରଭାଇଯାକ ହସିଉଠିଲେ। ସାନଭାଇ କହିଲା, ''ବୁଝିଲ ଆନୁସିଆ, ମୁଁ ତୁମକୁ ଚାହାହେଲେ ଏ ମୋର ଶାଳକ ହୁଅନ୍ତା। ଦିଅ, ତାକୁ ତା ବଇଁଶୀଟା ଆଣିଦିଅ; ଭିଣୋଇ ଆଗରେ ଟିକିଏ ବଇଁଶୀ ବଜାଉ।''

ବଡ଼ ଅନିଚ୍ଛାରେ ଆନୁସିଆ ଜନ୍‌ର ବଇଁଶୀଟି ଆଣିଦେଲା। ଜନ୍ ପ୍ରଭୁଙ୍କୁ ସ୍ମରଣକରି ଗୋଟିଏ ପ୍ରାର୍ଥନା ଗୀତ ଗାଇ ବଇଁଶୀ ବଜାଇ ଦେଲା। ଠେକୁଆର କାନ ତ ସବୁବେଳେ ବଇଁଶୀ ଆଡ଼କୁ; ତା' କାନରେ ଏ ବଇଁଶୀ ସ୍ୱନ ପଡ଼ିବା ମାତ୍ରେ ସେ ଗଧିଆ, ବିଲୁଆ ଓ ସାପକୁ ଧରି ସେ ପାଖକୁ ଧାଇଁ ଆସିଲା। ହାତରେ କୁହୁକ ଖଣ୍ଡା ଥିଲେ ବି କ'ଣ ହେବ, ମନରେ ସତ୍ ସାହସ ନ ଥିଲେ ମଣିଷ କିଛି କରିପାରିବନାହିଁ। ଡକାୟତମାନେ ତ ଜନ୍‌କୁ ଚାହିଁ ବଇଁଶୀ ଶୁଣୁଥିଲେ; ପଛପଟରୁ ଛଅମୁଣ୍ଡିଆ ସାପ ତା' ଛଅଟା ଯାକ ଫଣା ଟେକି ଯେତେବେଳେ କୁହୁକ ଖଣ୍ଡା ଧରିଥିବା ଡକାୟତ ଉପରେ ଫଁ ଫଁ ହୋଇ ଚଢ଼ିଗଲା, ସେତେବେଳେ ସେ ଛାନିଆ ହୋଇ ଡେଇଁ ପଡ଼ିଲା ଯେ ତା' ହାତରୁ ଖଣ୍ଡାଟା ଖସିପଡ଼ିଲା। ଜନ୍ କି ଆଉ ଅନାଇଁ ରହନ୍ତା? ସେ ଆଖିପିନ୍ଧୁଲାକେ ଖଣ୍ଡାଟି ଉଠାଇ ନେଲା ଏବଂ ଏକା ଚୋଟକେ ମାଆ ପୁଅ ଡେର ଜଣଯାକର ମୁଣ୍ଡ କାଟିପକାଇଲା। ଏ ଜାଡ଼ ଦେଖି ଆନୁସିଆ ସେଠାରୁ ପ୍ରାଣବିକଳରେ ଦଉଡ଼ି ପଳାଇବାକୁ ବସିଛି, ଗଧିଆ ତା' ଲୁଗାକାନି କାମୁଡ଼ି ଧରି ଗର୍ଜ୍ଜି ଉଠିଲା, ''ରହ ଲୋ ପାଷଣ୍ଡୀ, ଖସି ପଳାଉଛୁ କୁଆଡ଼େ?'' ସାପ ତାକୁ ଦଂଶି ଦେବାକୁ ଫଣା ଟେକିଲା। ବିଲୁଆ ଗୋଟାଏ ଟାଙ୍ଗ ଧରି ଟାଣିଦେଲା ଯେ ଆନୁସିଆ ଘିଡ଼ଘାଡ଼୍ ହୋଇ ତଳେ ପଡ଼ିଗଲା। ଭଉଣୀଟାର ଅବସ୍ଥା ଦେଖି ଜନ୍ କହିଲା, ''ସାଥୀମାନେ, ଯାହା ହେବାର ତ ହେଲାଣି, ତାକୁ କ୍ଷମାଦିଅ।''

Digitized by srujanika@gmail.com

ଠେକୁଆ କହିଲା, ''କ୍ଷମା !! ଯେଉଁ ଲୋକ ଅନୁତାପ କରିଜାଣିନି, ତାକୁ କି କ୍ଷମା ? ଯଦି ତୁମେ କହୁଛ, ତେବେ ତାକୁ ଉପରକୁ ଗୋଡ଼, ତଳକୁ ମୁଣ୍ଡ କରି ଝୁଲାଇଦିଆଯାଉ। ତା' ମୁଣ୍ଡତଳେ ଗୋଟିଏ ହାଣ୍ଡି ରଖିଦିଅ। ସେ କାନ୍ଦିବ; ତା' ଲୁହରେ ହାଣ୍ଡି ଭରିଗଲେ ତାକୁ କ୍ଷମାଦେବା।''

ତାହାହିଁ କରାଗଲା। ଆନୁସିଆ ଆଖିରୁ ଅନୁତାପର ଲୁହ ଝରିଲା ନାହିଁ। ଯାହା ଝରିଲା ସେଗୁଡ଼ାକ ରାଗର ଲୁହ, ଭୟର ଲୁହ। ତେଣୁ ସେ ସେମିତି ଲୁହ ଗଡ଼େଇ ଗଡ଼େଇ ମଲା ଓ ଛନ୍ କହିଲା, ''ଏ ବଣ ଭିତରେ ଆଉ ରହି ନୁହେଁ। ଚାଲ, ଯେଉଁଠି ଭଦ୍ରଲୋକ ରହିଛନ୍ତି ସେଠାରେ ରହିବା। ଏହାପରେ ଛନ୍ ତା' ସାଥୀମାନଙ୍କୁ ଧରି ବଣ ଛାଡ଼ି ସେ ଦେଶର ରାଜଧାନୀ ଆଡ଼କୁ ଚାଲିଗଲା। ସେମାନେ ଯାଇ ରାଜଧାନୀର ପାଚେରି ତେଇଁ ଭିତରେ ପଶୁ ପଶୁ ସେଠାରେ ପାଇକମାନେ ଆସି କରପତ୍ର ଯୋଡ଼ି ଛନ୍‌କୁ କହିଲେ, ''ମଣିମା, ଆମେ ଆପଣଙ୍କ ପାଇଁ ସାତଦିନ ହେଲା ଏଠାରେ ଛଗି ରହିଛୁ, ଚାଇନ୍ତୁ, ନଅରକୁ ଯିବା।''

ଚିହ୍ନା ନାହିଁ ପରିଚୟ ନାହିଁ, ହଠାତ୍ ଏପରି ନିମନ୍ତ୍ରଣ ହେଉଛି ଦେଖି ଛନ୍ ତା'ର କାରଣ ପଚାରିଲା। ପାଇକମାନେ କହିଲେ, ''ମଣିମା, ଆମ ରାଜାଙ୍କର ଗୋଟିଏ ବୋଲି ଝେମା; ଆଉ ପୁଅପୁତା କେହି ନାହାନ୍ତି। ଝେମାଙ୍କ ବିବାହ ପାଇଁ ରାଜା ଅନେକ ପ୍ରସ୍ତାବ ଆଣିଲେ। ଝେମା ମନା କରି ଶେଷରେ ଏହି ସାତଦିନ ତଳେ କହିଲେ, ''ଯେଉଁ ଲୋକ ଠେକୁଆ, ଗଧିଆ, ବିଲୁଆ ଓ ଛଅମୁଣ୍ଡିଆ ସାପକୁ ସାଥୀ କରି ଆମ ରାଜଧାନୀ ଭିତରକୁ ଆସିବ, ମୁଁ କେବଳ ତାଙ୍କୁହିଁ ବାହାହେବି। ମହାରାଜାଙ୍କ ଆଦେଶରେ ଆମେ ସେହିଦିନୁ ଏଠାରେ ଛଗି ବସିଛୁ। ହେଇଟି ଦେଖୁଛୁ ଆପଣ ହେଉଛନ୍ତି ସେହି ଲୋକ, ଯାହାକୁ ଝେମା ବାହାହେବେ। ଅନ୍ୟ କାହାରି ଏପରି ସାଙ୍ଗସାଥୀ ନାହାନ୍ତି।''

ପାଇକମାନଙ୍କ ଗହଣରେ ଛନ୍ ଯାଇ ରାଜାଙ୍କ ନଅରରେ ପହଞ୍ଚୁ ପହଞ୍ଚୁ ରାଜଝେମା ତାକୁ ବରଣମାଳା ଦେଇ ଭିତରକୁ ପାଛୋଟି ନେଲେ। ତାହାଘର ଭୋଜିଭାତ ସରିଲା ପରେ ଠେକୁଆ, ବିଲୁଆ, ଗଧିଆ ଓ ସାପ ଚାରିହେଁ ମିଶି ଛନ୍‌କୁ କହିଲେ, ''ବନ୍ଧୁ, ଏଥର ଆମ କାମ ସରିଲା। ତୁମେ ଆମକୁ ଏକାଚୋଟକେ ହାଣି ମାରିଦିଅ।''

ଏକଥା ଶୁଣି ଛନ୍ ଛାତିରେ ହାତ ପିଟି କହିଲା, ''ମୁଁ କ'ଣ ଇମିତି ଅମଣିଷ ହୋଇଛି ଯେ ଯେଉଁ ବନ୍ଧୁମାନେ ମୋ ଜୀବନ ରଖିଲେ, ସେମାନଙ୍କୁ ପ୍ରାଣରେ ମାରିଦେବି। ଏପରି କଥା ପାଟିରେ ଧରନି।''

କିନ୍ତୁ ଠେକୁଆ, ଗଧିଆ, ବିଲୁଆ ଓ ସାପ କହିଲେ, ''ପୂର୍ବଜନ୍ମରେ ଆମେ ଚାରି ରାଜପୁଅ ଥିଲୁ। ଗୋଟିଏ ପାପ କରି ଆମେ ପଶୁ ହୋଇ ଜନ୍ମ ହୋଇଛୁ। ଆମକୁ ପ୍ରଭୁ କହିଛନ୍ତି, ତୁମରି ହାତରେ ମଲେ ଆମେ ଉଦ୍ଧାର ହେବୁ। ମନରେ କୌଣସି ଦୁଃଖ ନରଖି ଆମକୁ ମାରିଦିଅ।''

Digitized by srujanika@gmail.com

ଜନ୍ ଦେଖିଲା, ତା' ବାପା ତାକୁ ଯେଉଁ ଖଣ୍ଡା ଦେଇଛନ୍ତି, ତାହାକୁ ପରର ଉପକାରରେ ଲଗାଇବାକୁ ଦେଇଛନ୍ତି। ମାରିଦେଲେ ଯଦି ଏମାନେ ଜଦ୍ଧାର ହେବେ, ତେବେ ମାରିଦେବାରେ କିଛି ଦୋଷ ନାହିଁ। ତେଣୁ ସେ ଚାରି ବନ୍ଧୁଙ୍କୁ ବହୁ କ୍ଷମା ପ୍ରାର୍ଥନା କରି 'ଦୋଷ ଧରିବ ନାହିଁ' ବୋଲି କହି ଖଣ୍ଡା ଉଠାଇ ଦେଲା। ଖଣ୍ଡା ଚୋଟ ପଡ଼ିବାମାତ୍ରେ ଚାରିଟିଯାକ ପଶୁଙ୍କ ମୁଣ୍ଡଗଣ୍ଡି ଅଲଗା ଅଲଗା ହୋଇଗଲା ଏବଂ ଶୂନ୍ୟରୁ ସେମାନେ କହିବାର ଶୁଣାଗଲା –

''ଧନ୍ୟ ଧନ୍ୟ ତୁମେ ବୀର କୁମାର,
କେବେହେଁ ଅନ୍ୟାୟ କାର୍ଯ୍ୟ ନ କର।
ନିର୍ଦ୍ଦୟ ନୋହିବ କାହାକୁ,
ତେବେ ଯାଇ ପ୍ରଭୁ ସନ୍ତୁଷ୍ଟ ହୋଇବେ
ବଳ ଦେବେ ତୁମ ବାହାକୁ।''

ଏପରି କହୁ କହୁ ସେମାନେ ଆକାଶକୁ ଉଠିଗଲେ। ସେହିଦିନୁ ସେମାନେ ଆକାଶରେ ନକ୍ଷତ୍ରମାଳ ହୋଇ ଶୋଭାପାଉଛନ୍ତି।

ଗପୁଡ଼ୀ ଭାରିଯା

ଗରିବ ଚାଷୀଟିଏ ଥାଏ ଯେ ବିଚରା ବଡ଼ ଦୁଃଖ କଷ୍ଟରେ ଚଳୁଥାଏ। ନିଜର ବୋଲି ତ ଜମି ନ ଥାଏ; ଯା' ତା' ଜମିରେ ମୂଲ ଲାଗି ଯାହା ଆଣେ ସେତକ ସ୍ୱାମୀ ସ୍ତ୍ରୀ ଦି'ଜଣଙ୍କୁ ନିଅଣ୍ଟ ହୁଏ। ଦିନେ ସେ ଗାଁ ଜମିଦାରଙ୍କ ପାଖରେ ନାନା ନେହୁରା ହୋଇ କହିବା ପରେ ସେ ତାକୁ ନିଜ ବଗିଚା ପାଖରେ ଖଣ୍ଡିଏ ପଦର ଜମି ଦେଇ କହିଲେ, ''ଏ ଖଣ୍ଡିକ ଉଠିଆ କରି ପାରିଲେ ତୁମେ ଦି' ପ୍ରାଣୀ ଚଳିଯିବ।''

ଜମିଦାରଙ୍କୁ ମୁଣ୍ଡିଆମାରି ଚାଷୀଟି ଜମି ଉଠିଆ କରିବାରେ ଲାଗିଗଲା। ଦିନେ ଜମି ଭିତରୁ ପାଣି ଖଲାସ କରିବା ଲାଗି ସେ ଗୋଟିଏ ନାଳ ଖୋଳୁଛି, ଏ ସମୟରେ ଦେଖିଲା ମାଟି ଭିତରେ କ'ଣ ଗୋଟିଏ ପୋତା ହୋଇଛି। ସେ ସ୍ଥାନଟି ଟିକିଏ ଭଲକରି ଖୋଳିବା ପରେ ଦେଖାଗଲା ତାହା ଗୋଟିଏ ବଡ଼ ପିତଳହଣ୍ଡା। ତା' ଉପରେ ଗୋଟିଏ ଢାଙ୍କୁଣା ଦିଆଯାଇଛି। ଚାଷୀ ଢାଙ୍କୁଣାଟି କାଢ଼ି ଦେଉ ଦେଉ ଦେଖିଲା ହଣ୍ଡା ଭିତରେ ହଣ୍ଡେ ସୁନାମୋହର। ଏତେ ବଡ଼ ସମ୍ପତ୍ତି ପାଇଗଲା ଦେଖି ତା' ଛାତି କୁଣ୍ଢେ ମୋଟ ହୋଇଗଲା। କିନ୍ତୁ ବିଚରା ଦେଖିଲା, ଯଦି ଜମିଦାରଙ୍କୁ ଏକଥା କହିଦିଏ, ତେବେ ଜମିଦାର ସବୁତକ ମୋହର ନେଇଯିବେ। କିପରି କ'ଣ କରି ମୋହରଡକ ଲୁଚାଇ ରଖିବ ବୋଲି ଭାବୁ ଭାବୁ ତାକୁ ଗୋଟିଏ ବୁଦ୍ଧି ଦିଶିଗଲା। ଭାବିଲା, ମୋହର ହଣ୍ଡାଟି ନେଇ ନିଜ ବାଡ଼ିରେ ପୋତିଦେଲେ ସବୁ ଅଡୁଆ ତୁଟିଯିବ। କିନ୍ତୁ ସେ ଏକୁଟିଆ ଏତେ ବଡ଼

Digitized by srujanika@gmail.com

ହଣ୍ଡା ଟେକିବ କିପରି ? ହଣ୍ଡାର ଦୁଇ ପଟେ ଦୁଇଟି ବଳା ଲାଗିଥାଏ, ଦି'ପଟୁ ଦି'ଜଣ ଲୋକ ନ ଧରିଲେ ହଣ୍ଡା ଉଠିବ ନାହିଁ। କିନ୍ତୁ ଏ କାମରେ ସାହାଯ୍ୟ କରିବା ଲାଗି ସେ କାହାକୁ ବିଶ୍ୱାସ କରି ଡାକିବ, ବୁଝି ପାରିଲା ନାହିଁ।

ତା'ର ସବୁଠାରୁ ଆପଣାର ଲୋକ ହେଲା ତା' ନିଜ ଭାର୍ଯ୍ୟା। କିନ୍ତୁ ସେ ତା' ଭାର୍ଯ୍ୟାକୁ ଭଲକରି ଚିହ୍ନେ। ସେ ଏପରି ଏକ ସ୍ତ୍ରୀ ଯେ ତା' ପେଟରେ କଥା ରହେନି। ଯେତେ ବଡ଼ ଗୁପ୍ତକଥା ହେଉ, ସେ ତା' ସହୀ-ସଙ୍ଗାତକୁ କହିଦେବ। ଦିନରାତି ନ ଗପିଲେ ତାକୁ ଭଲ ଲାଗେନି। ସେ ଗପୁଡ଼ୀକୁ ଅନ୍ୟ ଗପୁଡ଼ୀ ବି ଜୁଟିଯାଆନ୍ତି। ଗପ କରୁ କରୁ ନଅକୁ ଛଅ କରି ଥୋଇଦିଅନ୍ତି। ଏଭଳି ଗପୁଡ଼ୀ ସ୍ତ୍ରୀ ହାତରେ ଏପରି କାମ କରି କିପରି ବା କଥାଟା ଲୁଚାଇବ ? ବିଲ ହୁଡ଼ାରେ ବସି ଭାବୁ ଭାବୁ ସେପଟେ ବେଳ ବୁଡ଼ିଗଲା। ଶେଷକୁ ତା' ମୁଣ୍ଡରେ ଗୋଟିଏ ବୁଦ୍ଧି ଜୁଟିଗଲା। ସେ ହଣ୍ଡାରୁ ଦୁଇଟି ସୁନାମୋହର ନେଇ ଅଣ୍ଟାରେ ଖୋସିଦେଲା। ତା'ପରେ ସ୍ନାନଟିକୁ ଘୋଡ଼ାଇ ଦେଇ ସିଧା ଚାଲିଗଲା ପାଖ ସହରକୁ। ସେଠାରୁ ଦଶ ବାରଟି ପାଉଁରୁଟି, ଗୋଟିଏ କୁକୁଡ଼ା, କିଛି ମାଂସ ତରକାରି ଓ ଗୋଟିଏ ପିଚକାରି କିଣି ଗାଆଁକୁ ଫେରିଲା। ସେତେବେଳକୁ ରାତି ହୋଇ ସାରିଥାଏ। ଗାଆଁ ମୁଣ୍ଡରେ ଗୋଟିଏ ବୁଦା ପଛରେ ବସି ସେ କୁକୁଡ଼ାଟି କାଟି ପକାଇଲା। ପିଚକାରି ଭିତରେ କିଛି କୁକୁଡ଼ାରକ୍ତ ପୂରାଇଦେଇ କୁକୁଡ଼ାଟିକୁ ଟୁକୁଡ଼ା ଟୁକୁଡ଼ା କରି ବାଡ଼ିକୁ ଚାଲିଆସିଲା। ଏହାପରେ ମାଂସ ଓ ରୁଟିତକ ନେଇ ନିଜ ବାଡ଼ିପଟେ ଉଠିଥିବା କଣ୍ଟା ଗଛମାନଙ୍କରେ ଗୁନ୍ଥିଦେଇ ଗଲା ଏବଂ ମଲା କୁକୁଡ଼ାଟିକି ସେଠାରେ ସେ ଆଗରୁ ପକାଇଥିବା ଗୋଟିଏ ଜାଲ ଭିତରେ ରଖିଦେଲା। ଏତକ କାମ ସାରି ପିଚକାରିଟି ପାଖରେ ଲୁଚାଇ ରଖି ସେ ଚାଲିଆସିଲା ଘରକୁ। ଘରେ ପହଞ୍ଚୁ ପହଞ୍ଚୁ ସ୍ତ୍ରୀ ପଚାରିଲା, ''ହଇହେ, ଆଜି ଏତେ ଡେରି ହେଲା କିଆଁ ? ଦିନରାତି ଖଟି ଖଟି ତୁମ ଦେହ କଣ୍ଟା ହୋଇଗଲାଣି – ଦଇବ ଏପରି ପୋଡ଼ା କପାଳ ଦେଲା କାହିଁକି କହିଲ ?''

ଚାଷୀ କହିଲା, ''ଆଲୋ, କପାଳକୁ ନିନ୍ଦି ଲାଭ କ'ଣ ? କ'ଣ ଦି'ଟା ଅଛି ଖାଇବାକୁ ଦେଲୁ।'' ସ୍ତ୍ରୀ କହିଲା, ''ଘରେ ଅଛି କ'ଣ ଯେ ରାନ୍ଧିଥାନ୍ତି। ତୁମ ଆସିବା ବାଟକୁ ଚାହିଁ ଚାହିଁ ଏତେ ବେଳ ହେଲାଣି।''

ଚାଷୀ କହିଲା, ''ଆଚ୍ଛା, ଆମ ବାଡ଼ିପଟ କଣ୍ଟା ବୁଦା ପାଖରେ ମୁଁ ଗୋଟିଏ ଜାଲ ବସାଇଥିଲି। ସେଥିରେ ଚଢ଼େଇ-ଫଡ଼େଇ କିଛି ପଡ଼ିଛନ୍ତି କି ନା ଦେଖିଥିଲୁ କି ?''

ସ୍ତ୍ରୀ କହିଲା, ''ନାହିଁ ନାହିଁ, ସେ ଜାଲରେ କିଛି ପଡ଼ିନାହିଁ। ତହିଁକି ମୁଁ ଆଜି ସକାଳୁ ବାରି ଆଡ଼କୁ ଯାଇନାହିଁ।''

ଚାଷୀ କହିଲା, ''ଆଲୋ, ଏବେ ହେଲେ ଯାଇ ଦେଖିଲୁ। ଯଦି ଚଢ଼େଇ-ଫଡ଼େଇ ପଡ଼ିଥିବ, ତେବେ ସକାଳୁ ସକାଳୁ ମୁଁ ନେଇ ସହରରେ ବିକି ଦେବି ଯେ, ସେ ପଇସାରେ ଦି' ଚାରିଦିନ ଚଳିଯିବା।''

Digitized by srujanika@gmail.com

ସ୍ୱାମୀ କଥା ଶୁଣି ସ୍ତ୍ରୀ ଆଳୁଅଟିଏ ଧରି ବାଡ଼ିପଟ କଣ୍ଢା ବଣକୁ ଚାଲିଲା। କିନ୍ତୁ ସେ ଭିତରେ ପଶିଛି କି ନାହିଁ ମାଂସ ତରକାରି ବାସନାରେ ତା' ପାଟିରୁ ଲାଳ ଝରି ପଡ଼ିଲା। ସେ ପାଟିକରି ଡାକ ପକାଇଲା, ''ଆଗୋ, ଆଜି କ'ଣ କଣ୍ଢା ଗଛ ଗୁଡ଼ାକ ବଡ଼ ଚହଟୁଚି ?''

ଚାଷୀ କହିଲା, ''ଆଲୋ, ତୁ ଜାଲ ଦେଖ; ଚହଟରୁ କ'ଣ ପାଇବୁ।''

ଚାଷୁଣୀ ଆଉ ଦି' ପାଦ ଭିତରକୁ ଯାଇଛି କି ନାହିଁ, କଣ୍ଢା ଗଛରେ ଖଣ୍ଡ ଖଣ୍ଡ ମାଂସ ଗୁଣ୍ଡା ହୋଇଥିବା ଦେଖି ଆନନ୍ଦରେ ଅଧୀର ହୋଇଗଲା। ପାଟି କରି କହିଲା, ''ଆହେ, ଦେଖିଯାଅ, ଦେଖିଯାଅ – କଣ୍ଢା ଗଛରେ ମାଉଁସ ତରକାରି ଫଳିଛି। ଏ ଗଛ, ସେ ଗଛ, ସେ ଗଛ, ସବୁ ଗଛରେ ତ ମାଂସ ତରକାରି ଫଳିଛି !!''

ସ୍ୱାମୀ ତାକିଦ୍ କରି କହିଲା, ''ଧେତ୍, ବୋକୀଟା। କଣ୍ଢା ଗଛରେ କେବେ ମାଉଁସ ତରକାରି ଫଳିଲାଣି ? ଆହୁରି ତରକାରି ସାଙ୍ଗକୁ ରୁଟି ଫଳିଛି ବୋଲି କହୁନୁ କିପରି ! ଧନ୍ୟ ତୋ ଆଖିକି !!'' ଏତିକିବେଳକୁ ତା' ସ୍ତ୍ରୀ କଣ୍ଢା ଗଛରେ ପାଉଁରୁଟି ଲାଗିଥିବା ମଧ୍ୟ ଦେଖିପାରିଲା। ସେ ଆହୁରି ପାଟିକରି ଶୁଣାଇ ଦେଲା, ''ତୁମ ତୁଣ୍ଡ ସୁତୁଣ୍ଡ ହୋଇଥାଉ। ସ୍ୱତରେ ଏ ଗଛମାନଙ୍କରେ ରୁଟି ବି ଫଳିଛି। ହେଇଟି ପରା, ହେଇଟି ପରା, ହେଇଟି ସେ ଗଛରେ ବି ଦୁଇଟା ରୁଟି – ଓଃ, ଆଜି ଆମର କି ଭାଗ୍ୟ ସତେ !!''

ଏପଟୁ ବାଡ଼ିପିଣ୍ଡାରେ ଠିଆହୋଇ ଚାଷୀ କହିଲା, ''ଆଲୋ, ସତ କହୁଛୁଟି ?''

''ମଲା, ମୁଁ ଆଳୁଅ ଧରିଛି, ଜହ୍ନ ଆଳୁଅ ବି ପଡ଼ିଛି, ମୁଁ କ'ଣ ଦେଖି ପାରୁନି ଯେ ମିଛ କହିବି ?'' ଏପରି କହି କହି ସେ ରୁଟି ଓ ମାଂସ ତୋଳୁଛି, ଏତିକିବେଳେ ଚାଷୀଟି ସେ ସବୁ ଦେଖିବାର ବାହାନା କରି ପାଖକୁ ଯାଉ ଯାଉ ତା' ପିଚ୍‌କାରିଟି ଉପରକୁ ମରିଦେଲା। ଏ ଘଟଣାର ଅର୍ଥ ବୁଝିନପାରି ତା' ସ୍ତ୍ରୀ କହିଲା, ''ମଲା, ଏତିକିବେଳକୁ ଏ ବରଷା କେଉଁଠି ଥିଲା କି ! – ଏଁ ଏଁ, କ'ଣ ରଭ୍ଭ ବର୍ଷା ହେଉଛି !''

ଚାଷୀଟି କହିଲା, ''ସତେ ତ ! ଆଜି କେହି ଜଣେ ବଡ଼ଲୋକକୁ ଯମ ଖାଇଗଲା ବୋଧେ। ବଡ଼ଲୋକଙ୍କ ଦେହରେ ବେଶି ରଭ୍ଭ ନା, ଯମ ଖାଉ ଖାଉ ତା ପାଟିରୁ ରଭ୍ଭ ଟୋପା ଟୋପା ହୋଇ ପଡ଼ିଯାଉଛି। ବାଦଲ ନାହିଁ – ବର୍ଷା କେଉଁଠୁ ଆସିବ ? ଯାହା ହେବାର ହେଲାଣି, ଆସ ଆମ କାମ କରିବା।''

ସ୍ତ୍ରୀ ଯାଇ ଜାଲ ପାଖରେ ପହଞ୍ଚୁ ପହଞ୍ଚୁ ମଲା କୁକୁଡ଼ାଟି ଦେଖିବାକୁ ପାଇ ଭାରି ଆନନ୍ଦରେ ଉଠାଇ ଆଣିଲା। ରାତିରେ ସ୍ୱାମୀ ସ୍ତ୍ରୀ ମିଶି ପେଟେ ରୁଟି ଓ ମାଂସ ତରକାରି ଖାଇସାରି କୁକୁଡ଼ାଟି ତା' ପରଦିନକୁ ସଞ୍ଚି ରଖିଲେ। ଘର କାମଦାମ ସାରିବା ପରେ ଚାଷୀ ଚାଷୁଣୀକୁ କହିଲା, ''ହେ, ଆଉ ଗୋଟିଏ ଗୁପ୍ତ କଥା। କାହାରିକୁ କହିବୁ ନାହିଁଟି। ଶୁଣ।''

ଜମିରେ ଥିବା ମୋହର ହଣ୍ଡା କଥା ଶୁଣି ସ୍ତ୍ରୀ ଖୁସି ହୋଇଗଲା। ହଣ୍ଡାଟିକୁ

Digitized by srujanika@gmail.com

ଘରକୁ ବୋହି ଆଣିବା ପ୍ରସ୍ତାବ ଶୁଣି ସେ ଆଗୁଆ ହୋଇ ବାହାରିପଡ଼ିଲା। ଏ ସମୟରେ ଜମିଦାରଙ୍କ ଖୁଆଡ଼ ଭିତରୁ ମେଣ୍ଢା ଦୁଇଟା କାହିଁକି କେଜାଣି ବୋବାଇବାକୁ ଲାଗିଲେ। ଚାଷୀର ବୋକା ସ୍ତ୍ରୀ ପଚାରିଲା, ''କିଗୋ, କିଏ ଏପରି କାନ୍ଦୁଛି କି ?'' ଚାଷୀ କହିଲା, ''ଜମିଦାର ଘର ଚାକରବାକର କାନ୍ଦୁଛନ୍ତି। ଯମ ଆସି ଜମିଦାରଙ୍କୁ ନେଇଗଲା। ତାଙ୍କୁ ଖାଉ ଖାଉହିଁ ସେ ରଙ୍ଗ ବୁନ୍ଦା ଗୁଡ଼ାକ ପଡ଼ି ଯାଉଥିଲା କି କ'ଣ !'' ଦିହେଁ ବିଲକୁ ଯାଇ ମୋହର ହଣ୍ଡାଟିକୁ ବୋହି ଆଣିଲେ। ଘରେ ଥୋଇଦେଲେ। ଏଥର ଭାଗ୍ୟ ବଦଳିଗଲା ବୋଲି ମନଖୁସିରେ ସ୍ତ୍ରୀ ସ୍ୱାମୀକୁ କହିଲା, ''ଆମେ ତ ଏଥର ଧନୀ ହୋଇଗଲେ; ତୁମେ କାଲି ସକାଳୁ ସକାଳୁ ସହରକୁ ଯାଇ ମୋ ପାଇଁ ଭଲ ସିଲ୍‌କ ଶାଢ଼ି କିଣି ଆଣି ଦିଅ। ବେକକୁ ସୁନାହାର, ହାତକୁ ସୁନା ଚୁଡ଼ି ବରାଦ ଦେଇ ଆସିବ ଯେ ଆର ହପ୍ତାକୁ ମୁଁ ସେ ସବୁ ପିନ୍ଧି ମୋ ମାଆଘରକୁ ଯିବି।''

ଚାଷୀ କହିଲା, ''ନା ନା, ଟଙ୍କା ପଇସା ଏପରି ବେଶଭୂଷାରେ ଉଡ଼େଇଦେଲେ ଦି'ଦିନରେ ସରିଯିବ। ମୁଁ ମୋ ଟଙ୍କାରୁ କିଛି ଖର୍ଚ୍ଚ କରିବି ନାହିଁ।''

ସ୍ତ୍ରୀ କହିଲା, ''କାହିଁକି, ତୁମ ଟଙ୍କା ବୋଲି କ'ଣ କହୁଛ ? ସେ କ'ଣ ମୋର ନୁହେଁ କି ? ମୁଁ ଯାଇ ନ ଥିଲେ ତୁମେ କ'ଣ ଏକା ଏକା ବୋହି ଆଣିପାରିଥାନ୍ତ ?''

''ବେଶି ପାଟିତୁଣ୍ଡ କରନା କହୁଛି; ସାଇପଡ଼ିଶା ଲୋକ ଶୁଣିଲେ ଭଲ ହେବ ନାହିଁ।''

''ଶୁଣିଲେ ଶୁଣନ୍ତୁ ହେ — କେତେ ଧମକ ଦେଉଛ !''

ଏପରି କଥାରୁ କଥା ବଢ଼ିବଢ଼ି ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଗୋଟାଏ କଳି ଲାଗିଗଲା। ଶେଷକୁ ସ୍ତ୍ରୀ ଆଉ ସ୍ୱାମୀର ମୁହଁ ଚାହିଁବ ନାହିଁ ଜହି ଯାଇ ଦାଣ୍ଡ ଦୁଆରେ ଶୋଇଲା; ସ୍ୱାମୀ ଶୋଇଲା ବାଡ଼ିଆଡ଼େ। ଦିହେଁ ଶୋଇପଡ଼ିଲେ। କିଛି ସମୟ ଭିତରେ ସ୍ତ୍ରୀ ଘୁଙ୍ଗୁଡ଼ି ମାରି ଶୋଇପଡ଼ିଲା। କିନ୍ତୁ ସ୍ୱାମୀର ଆଖିକୁ ନିଦ ଆସିଲା ନାହିଁ। ସେ ଚୁପ୍‌କିନା ଉଠିଯାଇ ବାଡ଼ି ପଛରେ ଗୋଟିଏ ବଡ଼ ଗାତ ଖୋଳି ପକାଇଲା। କୌଣସି ପ୍ରକାରେ ମୋହର ହଣ୍ଡାଟି ଭିଡ଼ି ଭିଡ଼ି ନେଇ ସେହି ଗାତରେ ପୋତିଦେଲା ଓ ମାଟିଗୋଡ଼ି ପକାଇ ଥାନଟିକୁ ଏପରି ସମତୁଲ କରିଦେଲା ଯେ ସେଠାରେ କିଛି ପୋତା ହୋଇଛି ବୋଲି କେହି କିଛି ସନ୍ଦେହ କରିବ ନାହିଁ।

ତା' ପରଦିନ ଘର କାମଦାମ ଶେଷ କରି ସ୍ତ୍ରୀ ଯେତେବେଳେ ଗପ କରିବାକୁ ସାଙ୍ଗ ମାଇପିଙ୍କ ମେଳକୁ ଚାଲିଗଲା, ସେତେବେଳେ ସ୍ୱାମୀ କହିଲା, ''ହେ, କାହାରିକୁ କିଛି କହିବୁ ନାହିଁ।'' କିନ୍ତୁ ଏ କଥାଟି ଶୁଣାଇ ଦେବା ଲାଗି ତା' ସ୍ତ୍ରୀର ପାଟି ରବେଇ ଖବେଇ ହେଉଥାଏ। ସେ କି ଆଉ ସମ୍ଭାଳି ହୁଏ ? ସେ ତା' ମିତ ଆଗରେ ମୋହର ହଣ୍ଡାଟି ପାଇଥିବା କଥା କହିଦେଲା। କିଛି ସମୟପରେ ତା' ମିତ ଯାଇ କଥାଟି ତା'ର ଆଉ ଜଣେ ମିତକୁ କହିଦେଲା। ଦେଖୁ ଦେଖୁ ଦିନ ଦୁଇଟା ଭିତରେ ଏତେ ବଡ଼ ଗୁପ୍ତ କଥାଟା ଏ କାନରୁ ସେ କାନ ହୋଇ

Digitized by srujanika@gmail.com

ହୋଇ ଗାଆଁ ସାରା ଲୋକ ଜାଣିଗଲେ। ଗାଁ ଜମିଦାର ବା କାହିଁକି ବାଦ ପଡ଼ନ୍ତେ? କିନ୍ତୁ ସେ ଏ କଥା ଜାଣିବାକୁ ପାଇବା ସଙ୍ଗେ ସଙ୍ଗେ ଚଷାକୁ ଡକାଇ ଆଣି ପଚାରିଲେ, ''ହଇରେ, ତୁ ଇମିତି ନିମକହରାମ? ମୋ ଇମିରୁ ତୁ ହଣ୍ଡାରେ ହଣ୍ଡାଏ ମୋହର ପାଇଗଲୁ; ଅଥଚ ମତେ ଆସି ପଦଟିଏ ବି କହିଲୁ ନାହିଁ? ତତେ ମୁଁ ଜମି ଦେଇଥିଲି ଚାଷକରି ଫସଲ ଉଠାରିବା ପାଇଁ; ମୋ ଜମି ଖୋଳି ସେଥିରୁ ମୋହର ହଣ୍ଡା ନେଇଯାଆ ବୋଲି ତତେ ଅଧିକାର ଦେଲା କିଏସେ?''

ଚାଷୀ କିନ୍ତୁ ନିଜ ସ୍ତ୍ରୀର ଗପୁଡ଼ି ବୁଦ୍ଧି ଜାଣି ଆଗରୁ ସାବଧାନ ହୋଇସାରିଥିଲା। ସେ ହାତଯୋଡ଼ି କହିଲା, ''ମଣିମା, ଏଗୁଡ଼ା ସୁଦ୍ଧ ମିଛ କଥା— ମୁଁ କିଏ, ମୋହର କିଏ? ହାଣ୍ଡିରେ ହାଣ୍ଡିଏ ମୋହର ପାଇଥିଲେ ପେଟକୁ ଦାନା ନଖାଇ, ଅଣ୍ଡାକୁ କନା ନଥାଇ ମୁଁ ଏପରି ହୀନିମାନିଆ ଜୀବନ ଧରି ଚଲନ୍ତି କାହିଁକି?''

''ଏଁ! ମୁଁ କ'ଣ ମିଛ କହୁଛି?'' କହି ଜମିଦାର ଯାହା ଯାହାଠାରୁ ଖବର ପାଇଥିଲେ ସେମାନଙ୍କୁ ଡକାଇଆଣିଲେ। ସେମାନେ କେଉଁଠୁ ଏ କଥା ଜାଣିଲେ ବୋଲି ପଚାରୁ ପଚାରୁ ଇଏ ତାକୁ, ସିଏ ତାକୁ ଦେଖାଉ ଦେଖାଉ ଶେଷରେ ଚାଷୀର ସ୍ତ୍ରୀକୁ ଆଣି ଜମିଦାରଙ୍କ ଆଗରେ ଠିଆକରାଗଲା। ଜମିଦାର ଯେତେବେଳେ ତାକୁ କଥାଟା ସତ କି ମିଛ ବୋଲି ପଚାରି ଦିଅନ୍ତି, ସେ ରାଗ-ଗରଗର ହୋଇ କହିଦେଲା, ''ହଁ, ମଣିମା, ନିଜ ଆଖିରେ ଦେଖିଥିବା କଥା— ସତ ନହୋଇ ମିଛ ହେବନା?''

ସ୍ତ୍ରୀ କଥା ଶୁଣି ସ୍ୱାମୀ ପଚାରିଲା, ''ନିଜ ଆଖିରେ କ'ଣ ଦେଖିଲୁ କହିଲୁ?'' ସ୍ତ୍ରୀ କହିଲା, ''ଆମେ ହଣ୍ଡାରେ ହଣ୍ଡାଏ ମୋହର ବୋହି ଆଣିଲେ ନାହିଁ?''

''ମିଛେଇ! ହଉଲୋ କେଉଁ ଦିନ ବୋହି ଆଣିଲେ?''

''ମୋର ଏତେ ଦିନ ବାର ମନେ ନାହିଁ।'' ଏ କଥା ଶୁଣି ସେଠାର ଲୋକେ ହସିଉଠିଲେ। ହସ ଶେଷକୁ ସ୍ୱାମୀ କହିଲା, ''ତେବେ ସେ ଦିନର ଆଉ କିଛି ଘଟଣା ତ ତୋର ମନେଥିବ, କହୁନୁ?''

ସ୍ତ୍ରୀ କହିଲା, ''କାହିଁକି, ସେଦିନ ଆମ ବାଡ଼ିପଟ କଣ୍ଟା ବଣରେ ମାଉଁସ ତରକାରି ଫଳିଥିଲା, ଯେ ଆମେ ଆଣି ଖାଇଥିଲେ।''

ଏ କଥା ଶୁଣି ସମସ୍ତେ ପୁଣି ହସିଉଠିଲେ। ଚାଷୀ କହିଲା, ''ଦେଖନ୍ତୁ ମଣିମା, କଣ୍ଟାଗଛରେ କାଳେ ମାଉଁସ ତରକାରି ଫଳେ ଯେ ଏ ମିଛେଇ ତାକୁ ତୋଳି ଆଣି ଖାଇଥିଲା। ମିଛ, ମିଛ, ସବୁ ମିଛ ମଣିମା!''

ଜମିଦାର କହିଲେ, ''ଆଚ୍ଛା, ଆଉ କଣ କଥା ମନେଅଛି, କହ।''

ସ୍ତ୍ରୀ କହିଲା, ''ସେଦିନ କଣ୍ଟାଗଛରେ ରୁଟି ବି ଫଳିଥିଲା।''

ଲୋକେ ପୁଣି ଜୋରରେ ହସିଉଠିଲେ। ସ୍ୱାମୀ ପଚାରିଲା, ''ଇମିତି ମିଛ କଥା କହନି— ସତରେ କ'ଣ କ'ଣ ଘଟିଥିଲା କହ।''

ସ୍ତ୍ରୀ କହିଲା, ''ସେଦିନ ଜହ୍ନ ରାତିରେ ରଙ୍ଗ ବର୍ଷା ହୋଇନଥିଲା?'' ଏ କଥା ଶୁଣି ଲୋକେ ପୁଣି ହସିଉଠିଲେ। ଜମିଦାର ତାକୁ ତାକିଦ କରି କହିଲେ,

Digitized by srujanika@gmail.com

''ମିଛ କହି ସମୟ ନଷ୍ଟ କରନା। କେବେ କ'ଣ ରକ୍ତ ବର୍ଷା ହୁଏ ଯେ ସେଦିନ ହୋଇଥିଲା ?''

ଚାଷୀର ସ୍ତ୍ରୀ କହିଲା, ''କେବେ ସିନା ହୁଏନି, ସେ ଦିନ ପରା ମଣିମା ମରିଗଲେ ଯେ ଯମ ଆସି ନେଇଗଲା। ମଣିମାଙ୍କ ଚାକରବାକରଗୁଡ଼ାକ କାନ୍ଦୁଥିଲେ। ସେ ଯମ ମଣିମାଙ୍କୁ ଖାଇ ଯାଉ ଯାଉ ତା' ପାଟିରୁ ରକ୍ତଗୁଡ଼ାକ ଟୋପା ଟୋପା ହୋଇ ବରଷିପଡ଼ିଲା।''

ଏ କଥା ଶୁଣି ଜମିଦାର ତ ନିଆଁବାଣ। ସେ କହିଲେ, ''ହଉଲୋ, ''ମୁଁ ସାକ୍ଷାତ ବଞ୍ଚିଛି, ମତେ ଯମ ନେଇଗଲେ ବୋଲି ତୁ କିପରି କହୁଛୁ ? ମିଛୋଣ! ଏଭଳି ମିଛ ଆଉ କେବେ କହିବୁ ନାହିଁ। ମିଛ କହି ତୋ ସ୍ୱାମୀକୁ ହଇରାଣ କରିଛୁ; ମାଗ, ତାକୁ କ୍ଷମା ମାଗ।''

ସ୍ତ୍ରୀ ସ୍ୱାମୀକୁ କ୍ଷମା ମାଗିଲା। ସେହି ଦିନଠାରୁ ସେ ଦୁଇଜଣଙ୍କ କଚ୍ଚି ଟୁଟିଗଲା। ସ୍ୱାମୀ ସ୍ତ୍ରୀକୁ ବୁଝାଇ କହିଲା, ''ଏଥର ତୁ ଆଉ ବେଶି ଗପ କରନା; ପାଟି ସଂଯତ କରି ରହିଲେ ମଣିଷ ସହଜରେ ବିପଦରେ ପଡ଼େନି।''

କୁହୁକ କଳସୀ

ବୁଢ଼ୀଟିଏ ଥାଏ ଯେ ବିଚାରୀ ଭାରି ଗରିବ। ତା' କୁଡ଼ିଆରେ କିଛି ବୋଲି କିଛି ନ ଥାଏ। କଥାରେ ଅଛି, ଗରିବପଣିଆ ଜମିତି ଗୋଟିଏ ଅପରଛନିଆ ଗୁଣ ଯେ ଯଦି ମଣିଷକୁ ଥରେ ଧରିଲା ଆଉ ନ ଛାଡ଼େ; ଜମିତି ଗୁଡ଼େଇଟୁଡ଼େଇ ହୋଇ ଧରିବ ଯେ ଠେଙ୍ଗା ବାଡ଼ି ଧରି ପିଟିଲେ ବି ଛାଡ଼ିବନି। ବୁଢ଼ୀ ବିଚାରୀ ଯା ଦୁଆରେ ତା' ଦୁଆରେ ଭିକ ମାଗି ଚଳେ। ଦେଲାଲୋକ ଦିଅନ୍ତି, ନ ଦେଲାଲୋକ କହନ୍ତି, ''ଆଲୋ, ଆମେ ଦେଇ ଦେଇ କେତେ ଦେବୁ ? ଦେଲାବାଲା ଦଇବ; ସିଏ ଦେଲେ ଛାଣ ରହିବୁ।''

ଦିନକର କଥା। ବୁଢ଼ୀ ଭିକ ମାଗି ମାଗି ବୁଲୁଚି। କେଉଁଠୁ କେଜାଣି ଜଣେ ବାବାଜି ବୁଢ଼ା ଆସି ପହଞ୍ଚିଗଲେ। ବୁଢ଼ୀ ତାଙ୍କୁ ହାତ ପତେଇଦେଲା। ବାବାଜି ତ ବୁଲାଫକିର, ତାଙ୍କ ପାଖରେ ବା ପଇସା-କଉଡ଼ି କେଉଁଠୁ ଆସିବ ? ସେ ନିଜ ଝୁଲାମୁଣିରୁ ଗଣ୍ଡିଏ ଶିମଜଞ୍ଜି କାଢ଼ି ବୁଢ଼ୀ ହାତରେ ଧରାଇଦେଲେ। କହିଲେ, ''ଆଲୋ, ଏ ମଞ୍ଜି ଦି'ଟା ନେଇଯା, ଗଛ ଲଗେଇଦେବୁ ଯେ ଫଳ ଫଳିଲେ ଖାଇବୁ।''

ବୁଢ଼ୀ ମଞ୍ଜିଗଣ୍ଡିକ ଆଣି ଅତି ଯତ୍ନରେ ବାଡ଼ିରେ ପୋତିଦେଲା। ସେ ସାଲ ଶୀତ ଯାଇ ବସନ୍ତ ଆସୁ ଆସୁ ବରଫ ତରଲି ଯେତେବେଳେ ମାଟି ଦେଖାଗଲା, ସେତେବେଳେ ମଞ୍ଜିଗୁଡ଼ିକ ଗଜାମାରିଲା। ଗଛଟିମାନ ବଢ଼ିଯିବାରୁ ବୁଢ଼ୀ କୁଡ଼ିଆର ଚାଳ ଉପରକୁ ଲଟାଗୁଡ଼ିକ ମଡ଼େଇଦେଲା; କିନ୍ତୁ କି ଆଶ୍ଚର୍ଯ୍ୟ କଥା; ଦିନ କେତେଟା

Digitized by srujanika@gmail.com

ଭିତରେ ସେ ଶିମ୍ବଗଛ ଏପରି ବଢ଼ିଗଲା ଯେ ତଳରେ ତଳ ଗୁଡ଼େଇ ହୋଇ ଆକାଶଯାଏ ମାଡ଼ିଗଲା। ଏପରି ବଡୁ ବଡୁ ଶିମ୍ବ ତଳ ମେଘ ଭିତରେ ପଶି ଅଦୃଶ୍ୟ ହୋଇଗଲା — କେତେ ଉଚ୍ଚକୁ ଉଠିଛି ତା' କଳନା କରିହେଲାନାହିଁ।

ଦିନେ ବୁଢ଼ୀ ଭାବିଲା, ଶିମ୍ବ ତଳ ଧରି ଉପରକୁ ଚଢ଼ିଯିବ ଯେ ଯାଇ ମେଘ ରାଇଜରେ ପାଇଯିବ — ଏ ରାଇଜଟା ତ ଇମିତି; ସେ ରାଇଜଟା କିମିତି ଦେଖି ଆସିବ। ଏପରି ଭାବି ବୁଢ଼ୀ ସକାଳୁ ଶିମ୍ବ ଗଛରେ ଚଢ଼ିଗଲା। ଉପରକୁ ଚଡୁ ଚଡୁ ସତରେ ସେ ଯାଇ ମେଘ ରାଇଜରେ ପହଞ୍ଚିଗଲା। ସେଠାରେ କେଉଁଠି କ'ଣ ଅଛି ବୋଲି ଚାହୁଁ ଚାହୁଁ ଦେଖିଲା, ଗୋଟିଏ କୁଲା ଆପେ ଆପେ ଗହମ ଉଡ଼ାଉଛି। ଧାନ ବା ଗହମ ମଳାସରିଲେ ଚାଷୀମାନେ କିପରି କୁଲାରେ ଗହମ ଉଡ଼ାଇ ମଞ୍ଜି ଓ କାଠିକୁଟା ଅଗାଡ଼ି ସବୁ ଅଲଗା କରିଦିଅନ୍ତି, ବୁଢ଼ୀ ତାହା ଗାଆଁ ଖଳାରେ ଦେଖିଥିଲା। କିନ୍ତୁ ଏଠାରେ କୁଲାଟି ଆପେ ଆପେ କିପରି ସେ କାମ କରୁଛି ବୋଲି ସେ ଟିକିଏ ନିରେଖି ଚାହିଁଲା। ନିରେଖି ଚାହିଁବାରୁ ଦେଖିଲା କୁଲା ଗହମ ଉଡ଼ାଉ ନାହିଁ ତ, ଉଡ଼ାଉଛି ସୁନା। ଦାନା ଦାନା ସୁନା ଗୋଟିଏ ସ୍ଥାନରେ ଅଜାଡ଼ି ହୋଇପଡୁଛି; ଧୂଳିଗୁଡ଼ାକ ଦୂରକୁ ଉଡ଼ି ଯାଉଛି; କିନ୍ତୁ ସେଠାରେ ଲୋକବାକ କେହି ବୋଲି କେହି ନାହିଁ। ସାଧାରଣ ଲୋକ ହୋଇଥିଲେ ଲୁଗାକାନିରେ ଗଣ୍ଠିଲି ବାନ୍ଧି ଥୋଡ଼ାଏ ସୁନା ନେଇ ଆସନ୍ତା; କିନ୍ତୁ ବୁଢ଼ୀ ସେମିତି ଲୋକ ନୁହେଁ। ସେ କହିଲା, ''ପରର ସୁନା, ଏପରି ଦରବକୁ ଅଧିକ ବେଳଯାଏଁ ଚାହିଁଲେ ମନରେ ଲୋଭ ହେବ ଯେ ହାତ ବଢ଼େଇଦେବି; ସେଠି ଆଳୁ ଖୋଳୁ ଖୋଳୁ ସାରୁ ବାହାରିବ। ନା, ଆଉ ଏଠାରେ ରହିନୁହେଁ — ଯାଏଁ, ତୁରନ୍ତ ପଳାଇଯାଏ।'' ଏପରି କହି ବୁଢ଼ୀ ପୁଣି ଶିମ୍ବ ତଳ ଧରି ତଳକୁ ଓହ୍ଲାଇ ଆସିଲା।

ଗଛରୁ ଓହ୍ଲାଇ କୁଡ଼ିଆ ଦୁଆରେ ପାଦ ଦେଇଛି କି ନାହିଁ, ଦେଖିଲା ଦୁଆର ମୁହଁରେ ଥୁଆ ହୋଇଛି ଗୋଟିଏ କଳସୀ। କଳସୀ ଭିତରେ କ'ଣ ଅଛି ବୋଲି ଚାହିଁଦେଲାବେଳକୁ ସେ ଭିତରେ ରହିଛି ଗୋଟିଏ ଅଣ୍ଡା। ଗରିବ ବିଚାରୀକୁ କେହି ବୋଧହୁଏ ଦେବ ବୋଲି ଆଣିଥିଲା ଯେ ବୁଢ଼ୀକୁ ନଦେଖି ଦୁଆରେ ରଖିଦେଇ ପଳାଇଛି — ବୁଢ଼ୀ ଏପରି ଭାବି ଅଣ୍ଡାଟିକୁ କାଖରେ ଜାକି ଦେଇ କଳସୀଟି ଆଣି ଘରେ ଥୋଇଦେଲା। ଡଉଲଡାଉଲ କଳସୀଟିଏ ହୋଇଥାଏ। ବୁଢ଼ୀ କହିଲା, ''ଗାଁ କୂଅଟା ଯାଇ ଆରମୁଣ୍ଡରେ, ହାଣ୍ଡି କି ମାଠିଆଟାଏ ନାହିଁ ଯେ ପାଣି ଆଣି ରଖିପାରୁନି। ଏ କଳସୀଟିଏ ଭଲ ହୋଇଛି। ଏଥିରେ କଳସୀଏ ପାଣି ହୋଇଗଲେ ମୋର ଦିନଟିଯାକ ଚଳିଯିବ।''

ଆଶ୍ଚର୍ଯ୍ୟର କଥା, ବୁଢ଼ୀ ମୁହଁରୁ ଏତକ ବାହାରିଛି କି ନାହିଁ କଳସୀଏ ନିର୍ମଳ ପାଣି ଭରିହୋଇଗଲା। ଏ ଘଟଣା ଦେଖି ଦେଇ ବୁଢ଼ୀ ତ ତାଜୁବ୍। ଘଡ଼ିଏ ଚାହିଁରହି ପାଣିତକ ଢକ୍ ଢକ୍ କରି ପିଇପକାଇଲା। କି ସୁନ୍ଦର ମିଠା ପାଣି ଯେ ଆଉ କହି ହେବନି। ବୁଢ଼ୀ ମୁହଁ ପୋଛୁ ପୋଛୁ କହିଲା, ''ଆଲୋ, ପ୍ରଭୁ କ'ଣ ମୋତେ କୁହୁକ କଳସୀଟିଏ ଦେଲେ ନା କ'ଣ! ସତେ ଯଦି ଏଇଟି

Digitized by srujanika@gmail.com

କୁହୁକ କଳସୀ ହୋଇଥିବ ତେବେ ଏଥିରେ କଳସୀଏ ଦୁଧ ଭରି ହୋଇଯିବ ଯେ ମୁଁ ପିଇଦେଲେ ମୋର ଆଜି ଦିନକ ଚଳିଯିବ।'' ତା' ପାଟିରୁ ଏ କଥା ବାହାରୁ ବାହାରୁ କଳସୀଟିଏରେ ମୁହଁଚୁହାଁ ହୋଇ କଳସୀଏ ଦୁଧ ଭରିହୋଇଗଲା, ତା' ଉପରେ ଟୋପା ଟୋପା ହୋଇ ଫେଣ ଲହୁଣି ଭାସୁଥାଏ।

ବୁଢ଼ୀ ପ୍ରଭୁଙ୍କୁ ଧନ୍ୟ ଧନ୍ୟ କହି ମନ୍ଦିଏ ଦୁଧ ପିଇ ବାକିତକ ରାତିକୁ ରଖିଦେଲା। ଦିନତମାମ ବୁଢ଼ୀ କଳସୀକି ଚାହିଁରହିଥାଏ ଓ ପ୍ରଭୁଙ୍କ ଗୁଣ ଗାଉଥାଏ। ରାତି ହେବାରୁ ବାକିତକ ଦୁଧ ପିଇଦେଇ ବୁଢ଼ୀ କହିଲା, ''ଓଃ! ଏତେ ଦିନକେ ଆଜି ବାରଦୁଆର ବୁଲି ହାତ ପତେଇ ଭିକ ମାଗିବାକୁ ପଡ଼ିଲା ନାହିଁ।'' କହୁ କହୁ ସେ ନିଘୋଡ଼ ନିଦରେ ଶୋଇପଡ଼ିଲା। ରାତି ପାହି ସକାଳ ହେଉ ହେଉ କାହାର ଗୋଟାଏ ଡାକରେ ବୁଢ଼ୀର ନିଦ ଭାଙ୍ଗିଗଲା। ଚାହିଁ ଦେଖେ ତ, ସେ କାଖତଳେ ଯେଉଁ ଅଣ୍ଡାଟି ଜାକିଥିଲା ସେଇଟାକୁ ତ କାଢ଼ି ରଖିବାକୁ ତାର ଆଉ ମନେ ନଥିଲା, ସେହି ଅଣ୍ଡାଟି ଫଟେଇ ତା' ଭିତରୁ ଗୋଟିଏ ଧଳା ଗଞ୍ଜା ବାହାରିପଡ଼ିଛି ଯେ ସେ କାନ ପାଖରେ ବସି ଡାକୁଛି— କୁକ୍‌କୁରେ କୁ! କୁକ୍‌କୁରେ କୁ!! କୁକୁଡ଼ା ଡାକି ନଥିଲେ ଆହୁରି କେତେବେଳଯାଏଁ ସେ ଶୋଇପଡ଼ିଥାଆନ୍ତାଟି!

ସେହି ଦିନଠାରୁ ବୁଢ଼ୀ କହିଦେବା ମାତ୍ରେ କଳସୀରେ ଦୁଧ, ଦହି, ରାବିଡ଼ି, ମଲେଇ ଭରିହୋଇଯାଏ; ଫଳରେ ବୁଢ଼ୀର ଖିଆପିଆରେ ଆଉ କିଛି ଅସୁବିଧା ରହିଲାନାହିଁ। କୁକୁଡ଼ାଟି ସଞ୍ଜ ସକାଳେ ଦି'ପହରେ ଠିକ୍ ଘଣ୍ଟାକଣ୍ଟା ପରି ରାବି ରାବି ସମୟ ଜଣାଇ ଦେଲା ଯେ ବୁଢ଼ୀର ଆଉ କାହାରିକି ସମୟ ପଚାରିବା ଦରକାର ହେଲାନାହିଁ। ବୁଢ଼ୀକୁ ଏଥର ସାଙ୍ଗଟିଏ ମିଳିଗଲା ଜାଣ। ବୁଢ଼ୀ ଘରେ ନଥିବାବେଳେ କୁକୁଡ଼ା ଦୁଆରେ ବସି ଘର ଜଗେ, ଘରେ ଥିବାବେଳେ ତା' ଗୋଡ଼ରେ ଗୋଡ଼ରେ ଲାଗି ତା'ଠାରୁ ଆଦର ଖାଉଥାଏ। ଏପରି ଭାବରେ ବୁଢ଼ୀର ଦିନ ଖୁସିରେ କଟିଯିବାକୁ ଲାଗିଲା। ଧୀରେ ଧୀରେ ସାଇପଡ଼ିଶା ଏ କୁହୁକ କଳସୀ ଦେଖିବାଲାଗି ଓ ସେ କୁକୁଡ଼ାର ବୁଦ୍ଧି କଲିବାଲାଗି ଲୋକେ ବୁଢ଼ୀ ଘରକୁ ଆସିବାକୁ ଲାଗିଲେ। ବୁଢ଼ୀ ଗରିବ-ଗୁରୁବା ଲୋକ ଦେଖି ଦୁଧ ଦହି ବାଣ୍ଟିଲା। ଦିନେ ଏକଥା ସେଠାର ଜମିଦାରଙ୍କ କାନରେ ଯାଇ ପଡ଼ିଗଲା। ସେ ବୁଢ଼ୀଠାରୁ କଳସୀଟି ପାଇବା ଆଶାରେ ତାକୁ ପାଇକ ପଠାଇ କୋଠିକୁ ଡକାଇଲେ; ସାଙ୍ଗରେ କଳସୀଟି ନେଇ ଆସ ବୋଲି ଖବର ଦେଲେ। ବୁଢ଼ୀ କହିଲା, ''ନାହିଁରେ ବାପ, ମୁଁ ଗରିବ ଲୋକ, ମୋର ରଜା ଜମିଦାରଙ୍କ କୋଠିରେ କି କାମ ଯେ ସେଠିକି ଯିବି?''

ବୁଢ଼ୀ ଆସିବାକୁ ମନାକଲା ଦେଖି ଜମିଦାର ପାଇକଙ୍କୁ କହିଲେ, ''ଆରେ, ବୁଢ଼ୀ ନଥିବା ବେଳେ ତା' ଘରେ ପଶି କୁହୁକ କଳସୀଟାକୁ ଜବରଦସ୍ତି ନେଇ ଆସି ପାରିବ ନାହିଁ?''

ପାଇକମାନେ ଜମିଦାରଙ୍କ ମନକଥା ଜାଣିପାରି ବୁଢ଼ୀ ଘରେ ପଶିବାକୁ ମଉକା ଖୋଜିଲେ। ଦିନେ ବୁଢ଼ୀ ଆର ସାହିକୁ ବୁଲିଯାଇଥାଏ, ପାଇକମାନେ ତା' ଘରେ

Digitized by srujanika@gmail.com

ପଶିଗଲେ। କୁକୁଡ଼ା ବିଚରା ସେମାନଙ୍କୁ କେତେ ଖୁମ୍ପ ଗୋଡ଼େଇଲା, କେତେ ରାବିଲା; ହେଲେ ପାଇକମାନେ ତାକୁ ବେଖାତିର କରି କଳସୀ ନେଇ ଚାଲିଗଲେ। ଜମିଦାରଙ୍କ ହାତରେ କଳସୀଟି ପଡୁ ପଡୁ ତାଙ୍କୁ ମନ୍ଦବୁଦ୍ଧି ଦେଖାଗଲା। ସେ କହିଲେ, ''ଏଇଟା ଯଦି ସତରେ କୁହୁକ କଳସୀ ହୋଇଥିବ, ତେବେ ଏଥିରେ କଳସୀଏ ଅଙ୍ଗୁର ମଦ ଭରିହୋଇଯିବ।''

କ୍ଷଣକ ଭିତରେ କଳସୀରେ ଅଙ୍ଗୁର ମଦ ଭରିହୋଇଗଲା। ଏଥର ମଦୁଆ ଜମିଦାରଙ୍କ ଖୁସି ଦେଖିବା କଥା! ସେ ମଦ ପିଇ ମାତାଲ ହୋଇଗଲେ। ତାଙ୍କ କାନକୁହା, ହାତମଛା, ଗୁଣ୍ଡା ହୋଇ ଯେତକ ଥିଲେ, ସେମାନେ ମନଇଚ୍ଛା ମଦ ପିଇଲେ। କୁଣିଆ ମଇତ୍ର, ସହୀ-ସଙ୍ଗାତ ସମସ୍ତଙ୍କୁ ଡକାଇ ପିଆଇଲେ। ଦିନ କେତୋଟା ଭିତରେ ଜମିଦାରଙ୍କ କୋଠି ଏକ ବଡ଼ ଧରଣର ମଦଖଟିରେ ପରିଣତ ହୋଇଗଲା। ସେଠାକୁ ମଦୁଆ ମାତାଲଙ୍କ ସୁଅ କେତେ ଛୁଟୁଥାଏ, କୁହୁକ କଳସୀରେ ଭଲିକି ଭଲି ମଦ ସେତେ ଭରିହେଉଥାଏ।

ଏପଟେ ବୁଢୀ ବିଚାରୀ ଖାଇବାକୁ ନପାଇ ପୁଣି ଥରେ ଭିକ ମାଗି ବୁଲିଲା। ସକାଳୁ ସଞ୍ଜଯାଏଁ ଦୁଆର ଦୁଆର ହୋଇ ବୁଲି ବୁଲି ଯାହା ଦିଇଟା ଆଣିଥାଏ, ସେଥିରୁ କୁକୁଡ଼ାକୁ କିଛି ଦିଏ, ନିଜେ କିଛି ଖାଏ। ରାତି ହେଲେ ପାଣି ମଦିଏ ବି ପିଇବାକୁ ପାଏ ନାହିଁ ଯେ ଦୀର୍ଘନିଃଶ୍ୱାସ ମାରି ଶୋଇପଡ଼େ। ବୁଢୀର ଏ ଦୁଃଖ ଦେଖି କୁକୁଡ଼ା ଆଉ ସହିପାରିଲା ନାହିଁ। କହିଲା, ''ମାଆ, ତୁମେ ଯଦି ଅନୁମତି ଦିଅନ୍ତ, ତେବେ ମୁଁ ଜମିଦାର ଘରକୁ ଯାଇ କଳସୀଟା ନେଇଆସନ୍ତି।''

ବୁଢୀ କହିଲା, ''ବାପାରେ, ଦୁଷ୍ଟଲୋକ ହାତରେ ଭଲ ଜିନିଷ ପଡ଼ିଲେ ସେ କ'ଣ ଆଉ ଛାଡ଼େ? ଦେଖ, ତୁ ଯଦି ଆଣି ପାରିବୁ ମୁଁ ମନା କରିବି କାହିଁକି?''

କୁକୁଡ଼ା ତା' ବାସିଦିନ ଜମିଦାର ଘରକୁ ଉଡ଼ିଗଲା। ସାଙ୍ଗସାଥୀଙ୍କ ମେଳରେ ବସି ଜମିଦାର କଳସୀରୁ ମଦ ନେଇ ପିଉଥାନ୍ତି, ପିଆଉଥାନ୍ତି, ଏତିକିବେଳେ କୁକୁଡ଼ା ତାଙ୍କ ଝରକା ଧାରରେ ବସି କହିଲା—

''ପରର କଳସୀ ଚୋରାଇ ଆଣି,
ଚୋର ଜମିଦାର ଏ ନିଶାପାଣି
ଅଲାଭୁକ ପରି ଦେଉଛନ୍ତି,
ଚୋର ସାଙ୍ଗମାନେ ଏକଜୁଟ ହୋଇ
ଅଲାଭୁକ ପରି ପିଉଛନ୍ତି।''

ଏ ଗୀତ ଶୁଣୁ ଶୁଣୁ ନଜାଣିଥିବା ଲୋକେ ଜମିଦାରଙ୍କୁ ପଚାରିଦେଲେ, ''ହଇହେ, ତମେ କଳସୀଟା ଚୋରାଇ ଆଣିଛ? ଛିଃ, ଛିଃ, ଛିଃ!!''

କଥାରେ ଅଛି, ସତ କହିଲେ ମଣିଷ ଚିଡ଼େ। ଜମିଦାର ତ ରାଗରେ ନିଆଁ ହୋଇଗଲେ। ସେ ପାଇକମାନଙ୍କୁ ହୁକୁମ ଦେଲେ, ''ଆରେ, ଏ ଶଇତାନ କୁକୁଡ଼ାଟାକୁ ଧରିନେଇ କୂଅରେ ବୁଡ଼ାଇ ମାରିଦେଲ।''

Digitized by srujanika@gmail.com

ପାଇକମାନେ ସଙ୍ଗେ ସଙ୍ଗେ କୁକୁଡ଼ାଟିକୁ ଧରିନେଇ ଜମିଦାରଙ୍କର ସବୁଠାରୁ ଗଭୀର କୂଅରେ ବୁଡ଼ାଇଦେଲେ। କିନ୍ତୁ ସେ ତ କୁହୁକ କୁକୁଡ଼ା; ସେ କାହିଁକି ମରନ୍ତା ? ସେ କୂଅର ପାଣି ପିଇଦେଇ ଫର୍‌ର କରି ଉପରକୁ ଉଡ଼ି ଆସିଲା। ଉପରବେଳକୁ ପୁଣି ଥରେ ଯାଇ ଜମିଦାରଙ୍କ ମଦ ଆଖଡ଼ାରେ ପହଞ୍ଚି କହିଲା –

"ପରର କଳସୀ ଚୋରାଇ ଆଣି,
ଚୋର ଜମିଦାର ଏ ନିଶାପାଣି
ଅଲାଳୁକ ପରି ଦେଉଛନ୍ତି,
ଚୋର ସାଙ୍ଗମାନେ ଏକଜୁଟ ହୋଇ
ଅଲାଳୁକ ପରି ପିଉଛନ୍ତି।"

ଜମିଦାରଙ୍କ ସାଙ୍ଗସାଥୀ ବିରକ୍ତ ହୋଇ ମଦଗ୍ଲାସ୍ ସବୁ ଫୋପାଡ଼ି ଦେଲେ। କହିଲେ, "ଆପଣ ଏପରି ଚୋରିମାଲ୍ ଆଣି ବାଣ୍ଟୁଛନ୍ତି ! ସତରେ ଏ ବଡ଼ ଲଜ୍ଜାର କଥା।"

ଜମିଦାରଙ୍କ ରାଗ ପଞ୍ଚମକୁ ଉଠିଗଲା। ସେ ସଙ୍ଗେ ସଙ୍ଗେ ପାଇକଙ୍କୁ ବରାଦ ଦେଲେ, "ଆରେ, ନିଆଁ ଜାଳି ଏଇଟାକୁ ସେଥିରେ ପୋଡ଼ି ମାରିଦିଅ।"

ପାଇକମାନେ ନିଆଁ ଜାଳିଲେ। ହୁ ହୁ ହୋଇ ନିଆଁ ଜଳୁଥାଏ, କୁକୁଡ଼ାଟାକୁ ଧରିଆଣି ସେ ଭିତରେ ପକାଇଦେଲେ। କିନ୍ତୁ କୁହୁକ କୁକୁଡ଼ା ଭାରି ଚତୁର। ନିଆଁରେ ପଡ଼ୁ ପଡ଼ୁ ସକାଳେ ପିଇଥିବା କୂଅକଯାକ ପାଣି ବାନ୍ତି କରିଦେଲା ଯେ ସବୁ ନିଆଁ ଲିଭିଗଲା; ପୁଣି ସେଥିରେ ଜମିଦାରଙ୍କ ଅଗଣା ଭରି ହୋଇଯାଇ ପାଣି ଖାଲି ଇହଡ଼ି ଭାଙ୍ଗିଲା। ପାଇକମାନେ ନାକ ଖୋଲି ସେ ପାଣିକୁ ବାହାରକୁ ଛାଡ଼ିଲାବେଳକୁ କୁହୁକ କୁକୁଡ଼ା ସେଠାରୁ ଉଡ଼ିଚାଲିଗଲା।

ମଦୁଆ ଜମିଦାର ତ ଏତେ କଥା ଜାଣିନଥାଏ, ସେ ଆହୁରି ନୂଆ ସାଙ୍ଗ ଧରି ସକାଳୁ ସକାଳୁ ମଦଖଟି ଖୋଲି ଦେଇଥାଏ। କୁକୁଡ଼ା ସେଠାରେ ପହଞ୍ଚିଯାଇ ତା'ର ସେହି ପୂର୍ବର ଗୀତ ଆରମ୍ଭ କରିଦେଲା। ଚୋରା ଜିନିଷ ବୋଲି ଶୁଣି ସାଙ୍ଗସୁଖମାନେ ଛି ଛି କରି ସେଠାରୁ ଉଠିଗଲେ। ଜମିଦାର ରାଗରେ ଅଗ୍ନିଶର୍ମା ହୋଇ ହୁକୁମ ଦେଲେ, "ଆମ ହଣ୍ଡାରେ ହଣ୍ଡେ ଗରମ ପାଣି କର। ପାଣି ଟକରମକର ହୋଇ ଫୁଟିଲେ କୁକୁଡ଼ାଟାକୁ ସେ ଭିତରେ ପକାଇ ସିଝାଇ ଦିଅ ଯେ ମୁଁ ସେଇଟାକୁ ଖାଇବି। ନହେଲେ ସେ ସଇତାନ ମୋ ଇଜତ୍ ମହତ ରଖିବ ନାହିଁ।"

ଏକଥା ଶୁଣି କୁକୁଡ଼ା କହିଲା, "ଚୋର ଓ ମଦୁଆଙ୍କର ଯେଉଁ ଇଜତ୍ ମହତ ଥାଏ ତାହା ସମସ୍ତଙ୍କୁ ଜଣା; ମୁଁ ଆଉ ରଖିବି କ'ଣ ?

ଜମିଦାର କହିଲେ, "ରହ, ରହ, ତତେ ମୁଁ ଟିକି ଟିକି କରି ନଖାଇଲାଯାଏ ମୋର ଶାନ୍ତି ନାହିଁ।" ଜମିଦାରଙ୍କ କହିବା ମୁତାବକ କୁକୁଡ଼ାକୁ ସିଝାଗଲା। ମଦୁଆ ଜମିଦାର ତାକୁ ଗୋଟାକଯାକ ଗିଳିଦେଲେ। ସେଦିନ ଉପରବେଳା ସେ ଯେତେବେଳେ ପୁଣି ମଦଖଟି ଖୋଲନ୍ତି, ସେତେବେଳେ ତାଙ୍କ ଡୋଟି ପାଖରୁ

Digitized by srujanika@gmail.com

କୁହୁକ କୁକୁଡ଼ା ସେହି ଗୀତଟି ଗାଇବସିଲା । ଏଥର ଜମିଦାରଙ୍କ ବୁଦ୍ଧି ବଣାହୋଇଗଲା । ଦେଖିଲେ କୁକୁଡ଼ା ଆଉ ତ ଗୀତ ବନ୍ଦ କରୁ ନାହିଁ। ସେ କୁକୁଡ଼ାକୁ ପାଟି କରି ଗାଳିଗୁଲଜ କଲେ, ଧମକଚମକ ଦେଲେ, ରାଣ ଅଭିଶାପ ପକାଇଲେ; କୁକୁଡ଼ା କେଉଁଥିରେ ବି ବନ୍ଦ ହେଲା ନାହିଁ। ଶେଷକୁ ସେ ଆଉ ଶୁଆଇ ବସାଇ ଦେଉନାହିଁ ଦେଖି ଜମିଦାର ଡାକ୍ତର କବିରାଜଙ୍କୁ ଡକାଇପଠାଇଲେ । କହିଲେ, ''ହେ, ମୋ ଡୋଟି ଭିତରେ କ'ଣ ଏପରି ଶବ୍ଦ ହେଉଛି, ଟିକିଏ କାଟି ଦେଖିଲ ।''

କିନ୍ତୁ ଜମିଦାରଙ୍କର ଡୋଟି କାଟିବ କିଏ ? ବଡ଼ ଅଡୁଆ କଥା ହେଲା । ଜମିଦାର ଶେଷକୁ ପାଟି କରି କହିଲେ, ''ଆରେ ହେ ପାଇକମାନେ, ଚୋରାଇ ଆଣିଥିବା ସେ କୁହୁକ କଳସୀଟା ନେଇ ବୁଢ଼ୀଘରେ ଦେଇଆସ; ନହେଲେ ଏ' ସଇତାନ ମତେ ଛାଡ଼ିବ ନାହିଁ ।''

ପାଇକମାନେ ବୁଢ଼ୀ ଘରେ କଳସୀଟି ଦେଇ ଆସିଲେ; କିନ୍ତୁ ବୁଢ଼ୀ କହିଲା, ''କିରେ, ମୋ କୁକୁଡ଼ା କାହିଁ ? ମୋ କୁକୁଡ଼ା ନହେଲେ ମୁଁ ଏ କଳସୀ ରଖିବି ନାହିଁ ।'' କଥା ଲୁଚି ରହେନି । ଚାହୁଁ ଚାହୁଁ ରାଜ୍ୟସାରା ଚୋର ଜମିଦାରଙ୍କ ଦୁର୍ନାମ ରଟିଗଲା । ଶେଷକୁ ଅପମାନ ସହି ନପାରି ଜମିଦାର କୁକୁଡ଼ାକୁ କହିଲେ, ''ମୋର ଦୋଷ ହୋଇଛି ରେ କୁକୁଡ଼ା; ମତେ କ୍ଷମାକର, ତୁ ମୋ ଡୋଟିରୁ ପଳାଇଆସ ।''

ଏତେବେଳେ ଯାଇ କୁକୁଡ଼ା ଶାନ୍ତ ହେଲା । ସେ ଫୁର୍‌ର୍ କିନା ଜମିଦାରଙ୍କ ଡୋଟିରୁ ଉଡ଼ିଯାଇ ବୁଢ଼ୀ ପାଖରେ ପହଞ୍ଚିଗଲା । ଜମିଦାର ବୁଢ଼ୀ ପାଖରେ କାନମୋଡ଼ି ହୋଇ ଚାପୁଡ଼ା ଖାଇଲେ । ତା' କଳସୀ ତାକୁ ଫେରାଇଦେଲେ । ସେହି ଦିନରୁ ତାଙ୍କ ମଦଖିଆ ନିଶା ଛାଡ଼ିଗଲା ।

ଦୁନିଆର ବୁଝାମଣା

ଦିନେ ହଠାତ୍ ଝଡ଼ ଉଠିଲା । ଚାହୁଁ ଚାହୁଁ ଛମିଟି ପାଣି ପବନ ମାଡ଼ି ଆସିଲା ଯେ ଗଛଗୁଡ଼ାକ ମଡ଼ମାଡ଼ ଭାଙ୍ଗିପଡ଼ିଲା; ମନେହେଲା ସତେ ଯେପରି ପ୍ରଳୟ ଆରମ୍ଭ ହୋଇଗଲା । କିନ୍ତୁ ଝଡ଼ ତୋଫାନ ତ ବେଶି ସମୟ ରହେନି, ଝଡ଼ ଛାଡ଼ି ଯାଇ ଆକାଶ ପରିଷ୍କାର ହୋଇଯିବାପରେ ଜଣେ କାଠୁରିଆ ଦେଖିଲା, କେତେ ଡାଳ ଭାଙ୍ଗି କେତେ ଗଛ ଉପୁଡ଼ି ପଡ଼ିଛି । ଜଙ୍ଗଲରୁ କାଠ ଆଣିବା ଲାଗି ଏଇଟାହିଁ ଠିକ୍ ସମୟ । ପୁଣି ମାଟି ବତୁରିଥିବ, ଏତିକିବେଳେ ମିଠା କନ୍ଦା ଖୋଳି ଆଣିବା ସହଜ । ତେଣୁ କାନ୍ଧରେ କୁରାଢ଼ି ଶାବଳ ଧରି କାଠୁରିଆ ଜଙ୍ଗଲକୁ ବାହାରିପଡ଼ିଲା ।

ଜଙ୍ଗଲ ଭିତରେ ପଶୁ ପଶୁ ଦେଖାଗଲା ଗୋଟିଏ ପାଇନ୍ ଗଛ ଉପୁଡ଼ି ଯାଇଛି ଯେ ତା ଗଣ୍ଠିଟା ଯାଇ ଗୋଟିଏ ମସ୍ତବଡ଼ ପଥର ଉପରେ ଆଉଜି ପଡ଼ିଛି । କାଠୁରିଆ ଦେଖିଲା, ଆଉ ଦୂରକୁ ଯାଇ କାଠ ଖୋଜିବା ଦରକାର

Digitized by srujanika@gmail.com

ନାହିଁ। ସେ ପଥର ଉପରେ ଚଢ଼ି ପାଇନ୍‌ର ଡାଳଗୁଡ଼ାକ କାଟିବାକୁ ଲାଗିଲା। କାଠ କାଟୁଛି, ଶୁଣିଲା ଠିକ୍ ସେହି ପଥର ତଳେ କିଏ ଛଣେ କାକୁତି ମିନତି ହୋଇ କାନ୍ଦୁଛି। କିଏ କାନ୍ଦୁଛି, ଦେଖିବା ଲାଗି କାଠୁରିଆ ପଥର ଉପରୁ ତଳକୁ ଓହ୍ଲାଇ ପଡ଼ିଲା। କିନ୍ତୁ ତଳେ କାହାରି ଦେଖା ମିଳିଲା ନାହିଁ। କେଉଁଠି କିଏ କାନ୍ଦୁଛି ବୋଲି ଉଣ୍ଡୁ ଉଣ୍ଡୁ ଡାକୁ ଲାଗିଲା ପଥର ଭିତରେ ରହି କେହି ଛଣେ କାନ୍ଦୁଛି। ଆଉ ସମ୍ଭାଳି ନପାରି ସେ ପଚାରିଲା, ''ଆରେ, କିଏ ଏପରି କାନ୍ଦୁଛୁ? ତୋର କ'ଣ ହୋଇଛି?''

ପଥର ଭିତରୁ ଶୁଭିଲା, ''ଭାଇ, ମୁଁ କାନ୍ଦୁଛି। ଓଃ, ଏ ଦୁଃଖ ଆଉ ସହିପାରିବି ନାହିଁ, ସହି ପାରିବି ନାହିଁ!''

କାଠୁରିଆ ପଚାରିଲା, ''କାହିଁ, ମୁଁ ତ ତତେ ଦେଖିପାରୁନାହିଁ?''

''ମତେ ପରା ପଥର ମାଡ଼ି ବସିଛି, ତୁ ଦେଖିବୁ କିପରି? ଓଃ, ଓଃ, ଓଃ... ମରିଗଲି ମରିଗଲି... ମତେ ଟିକିଏ ଏଥିରୁ ଉଦ୍ଧାର କର ରେ ଭାଇ, ମୋ ପରା ପ୍ରାଣୀର ସାହା ହେଲେ ତୋର ମଙ୍ଗଳ ହେବ।''

କାଠୁରିଆ ପଚାରିଲା, ''ତୁ ତ ପଥର ତଳେ, ମୁଁ ବାହାରେ; ମୁଁ ଆଉ ତୋର କି ସାହା ହେବି? ତୋର ହୋଇଛି କ'ଣ?''

''ଆଃ! ଏ ପଥର ଚାପାରେ ମରିଗଲିଣି ଛାଣ। ଟିକିଏ ପଥରଟା ଟେକିଦେଲେ ମୁଁ ବାହାରି ଆସନ୍ତି; ତୋର ବଡ଼ ମଙ୍ଗଳ ହୁଅନ୍ତା?''

''ବାପରେ ବାପ୍! ଏତେବଡ଼ ପଥର; ମୁଁ ଟେକିବି କିପରି?''

କାନ୍ଦକାନ୍ଦ ସ୍ୱରରେ ପଥରଭିତରୁ ଶୁଭିଲା, ''ଆରେ, ଶାବଳରେ ଟିକିଏ ଟେକିଦେ। ଚଉକେହେବ ଟେକିଦେଲେ ମୁଁ ବାହାରିଆସନ୍ତି।''

କାଠୁରିଆ କହିଲା, ''ଏ କାମ କରୁ କରୁ ତ ମୋ ଦମ୍ ଛୁଟିଯିବ, ଆଉ କାଠ କାଟିବି କେତେବେଳେ? ତତେ ପଥରତଳୁ ବାହାର କଲେ ମତେ କଅଣ ମିଳିବ ଭଲା?''

ପଥରତଳୁ ଶୁଭିଲା, ''ମୁଁ ତୋ ଉପକାର ଶୁଝିଦେବି ଭାଇ।''

କାଠୁରିଆ ପଚାରିଲା, ''ମାନେ? କିପରି ଶୁଝିବୁ, କହିଲୁ?''

''ଦୁନିଆରେ ଲୋକମାନେ ଯେମିତି ଉପକାର ଶୁଝନ୍ତି, ମୁଁ ସେମିତି ଶୁଝିଦେବି ରେ। ଦୁନିଆ ବୁଝାମଣାରେ ତୋର ଯାହା ପାଉଣା ହେବ, ମୁଁ ତା'ଠାରୁ କାଣି କଉଡ଼ିଏ ବି ଉଣା କରିବି ନାହିଁ। ଦେ, ଦେ, ଟିକିଏ ହାତ ଲଗେଇଦେ ଭାଇ!''

ଏପରି କାକୁତିମିନତି ଶୁଣି କାଠୁରିଆ ଶାବଳ ଲଗାଇ ପଥର ଟେକିବାକୁ ଆରମ୍ଭ କଲା। ସେ ତା'ର ସବୁ ବଳ ଖଟାଇ ପଥରଟିକୁ ଚଉକେ ଖଣ୍ଡେ ଟାଳିଦେଇଛି କି ନାହିଁ, ପଥର ତଳୁ ମୁଣ୍ଡ କାଢ଼ି ଲସରପସର ହୋଇ ପଳାଇ ଆସିଲା ଗୋଟାଏ ମସ୍ତବଡ଼ ସାତ-ଫେଣିଆ ରାକ୍ଷସ ସାପ। ବାପ୍‌ରେ ବାପ୍, କି କଦର୍ଯ୍ୟ ଦେଖାଯାଉଥାଏ ସେ ସାପଟା! ବାହାରେ ଆସି ପବନ ଟିକିଏ ଖାଇ ଦେଉ ଦେଉ ରାକ୍ଷସ ସାପଟା ଫୁଲି ଉଠିଲା ଏବଂ ଚାହୁଁ ଚାହୁଁ ତା'ର ସାତଟାଯାକ ଫଣା ଟେକି ଫଁ ଫଁ ହୋଇ

Digitized by srujanika@gmail.com

ଗର୍ଜ୍ଜି ଉଠିଲା– ''ଏ କାଠୁରିଆ, ମୁଁ ଅନେକ ଦିନୁ ଖାଇନାହିଁ। ଭାରି ଭୋକ ହେଉଛି। ଆ, ମୁଁ ତତେ ଖାଇବି!''

ଏ ଗର୍ଜ୍ଜନ ଶୁଣି କାଠୁରିଆ ପାଟିକରି ଉଠିଲା, ''ହଇରେ, ତୁ ଏଇମିତିକା ଉପକାର ଶୁଝିବୁ? ପଥର ତଳେ ଚାପି ହୋଇ ମରିଯାଉଥିଲୁ; ମୁଁ ତତେ ବଞ୍ଚାଇଲି। ତୁ କ'ଣ କହୁଛୁନା ମତେ ଖାଇଯିବୁ।'' ସାପ ଗର୍ଜ୍ଜିଉଠିଲା, ''ହଁ, ମୁଁ ଏଇମିତିକା ଉପକାର ଶୁଝିବି।'' କାଠୁରିଆ ଆଶ୍ଚର୍ଯ୍ୟ ହୋଇ କହିଲା, ''ଦୁନିଆର ବୁଝାମଣା କ'ଣ ଏଇଆ?''

''ଏଇଆ ନୁହେଁ ତ ଆଉ କ'ଣ?'' କହି ସାପ ତାକୁ ଗିଳି ଦେବା ଲାଗି ମାଡ଼ିଆସିଲା। ସାପ ମୁହଁରୁ ଖସିଯିବାର ଉପାୟ ନଦେଖି କାଠୁରିଆ ସେଠାରୁ ପ୍ରାଣବିକଳରେ ଦୌଡ଼ି ପଳାଇବାକୁ ଲାଗିଲା। କିନ୍ତୁ ସେ ସାପର ବହପ ତ କିଛି କମ୍ ନୁହେଁ! ଆଖିପିନ୍ଧୁଲାକେ ସେ କାଠୁରିଆ ଆଗକୁ ମାଡ଼ିଗଲା ଏବଂ ତା' ବାଟ ଓଗାଳି ଦେଇ ଗର୍ଜ୍ଜନ କଲା, ''ଆରେ, ତୁ ମୋ ହାବୁଡ଼ରୁ ଖସି ଚାଲିଯିବୁ ନା! ଦେଖ, ମୁଁ ତତେ ଗିଳିଲି।''

ଚାହୁଁ ଚାହୁଁ ସାପ ତା' ଲୁଗାପଟା ଟାଣି ତାକୁ କାବୁ କରିଦେବାକୁ ବସିଲା। ତଥାପି କାଠୁରିଆ ଆପତ୍ତି କରି କହିଲା, ''ଏ... ଏ ସାପ, ଶୁଣ କହୁଛି, ତୁ ଇମିତି ଅନ୍ୟାୟ କରନା।''

''ଅନ୍ୟାୟ!'' ସାପ ପାଟିକଲା, ''ଅନ୍ୟାୟ କ'ଣ?'' କାଠୁରିଆ କହିଲା, ''ଅନ୍ୟାୟ ନୁହେଁ? ଚାଲିଲୁ ଦେଖି, ତୁ ଯେଉଁ ଭଦ୍ରଲୋକ ପାଖକୁ କହିବୁ, ସେହି ଭଦ୍ରଲୋକ ପାଖକୁ ଯିବା। ତାଙ୍କ ଆଗରେ ଏ ମାମଲାଟା ପକାଇବା। ସେ ଯଦି କହିବେ ଯେ ମୁଁ ତତେ ପଥର ତଳୁ ମୁକୁଳେଇଥିବାରୁ ତୁ ମତେ ଖାଇଯିବା ଉଚିତ, ତେବେ ମୋର ଆଉ କିଛି ଆପତ୍ତି କରିବାର ନଥିବ। ଗୋଟାଏ ନ୍ୟାୟ ବିଚାର ନକରି ତୁ ଇମିତି ବ୍ୟବହାର ଦେଖାଇବା ସତରେ ବଡ଼ ଅନ୍ୟାୟ।''

ସାପ କହିଲା, ''ଓଃ, ଏଇ କଥା? ମତେ ଭଦ୍ର ଅଭଦ୍ର ସମସ୍ତେ ସମାନ। ତୁ ଯାହା ପାଖକୁ କହିବୁ ତା ପାଖକୁ ମାମଲା ନେବା।''

''ତା'ହେଲେ ଆସ ମୋ ସାଙ୍ଗରେ।'' କହି କାଠୁରିଆ ସାପକୁ ନେଇ ଚାଲିଲା। ଯାଉ ଯାଉ ଦେଖାଗଲା ଜଙ୍ଗଲ ଭିତରେ ଗୋଟିଏ ଖୋଲା ପଡ଼ିଆରେ ଗୋଟିଏ ବୁଢ଼ା ଘୋଡ଼ା ଚରୁଛି। ବୁଢ଼ା ଘୋଡ଼ାକୁ ଦେଖି ସାପ କହିଲା, ''ହେଇଟି ତ ଘୋଡ଼ା ଚରୁଛି, ମାମଲା ତା' ଆଗରେ ପକାଇବା। ତା' ଫଇସଲା ମାନିବୁଟି?''

କାଠୁରିଆ କହିଲା, ''କାହିଁକି ନ ମାନିବି? ଘୋଡ଼ା କ'ଣ କିଏ କ'ଣ, ମୁଁ ତ ଭାବୁଛି ଯେ କେହି ହେଲେ ବି ମୋ ବିପକ୍ଷରେ ରାୟ ଦେବନି। ମୁଁ ତୋର ଉପକାର କଲି, ତା' ବଦଳରେ ତୁ କ'ଣ କହୁଛୁ ନା ମତେ ଖାଇବୁ– ଏଇଟାକୁ ତ କେହିହେଲେ ଠିକ୍ ବୋଲି କହିବ ନାହିଁ।''

ତା'ପରେ ଦିହେଁ ଘୋଡ଼ା ପାଖକୁ ଯାଇ କହିଲେ, ''ଘୋଡ଼ା ଭାଇ, ତୁମେହିଁ ଆମର କଳି ତୁଟାଇବ।''

Digitized by srujanika@gmail.com

ସେ ବୁଢ଼ାଘୋଡ଼ାଟି ବିଚରା ବଡ଼ ହୀନମାନିଆ ଅବସ୍ଥାରେ ଥାଏ। ତା' ପଞ୍ଜରାହାଡ଼ଗୁଡ଼ାକ ଗଣିହୋଇ ଯାଉଥାଏ। ଦେହଟାଯାକ ଖଣ୍ଡିଆ ଖାବରା; ଏଠି ଘା, ସେଠି ଛାଦୁ। ମନେହେଉଥାଏ ଭଇକରି ଦଇକାଏ ପବନ ପିଟିଦେଲେ ବିଚରା ତଳେ କଚାଡ଼ି ହୋଇ ପଡ଼ିଯିବ। ସାପ ଓ କାଠୁରିଆର ଡାକ ଶୁଣି ସେ ବଡ଼ କଷ୍ଟରେ ମୁଣ୍ଡ ଟେକି ପଚାରିଲା, ''ଆରେ କି କଳି ଲାଗିଛି ?''

କାଠୁରିଆ କହିଲା, ''ଭାଇ, ମୁଁ ଜଙ୍ଗଲରେ କାଠ କାଟୁଥିଲି; ଶୁଣିଲି ଇଏ ଗୋଟିଏ ପଥର ତଳେ ଚାପିହୋଇ ଆର୍ତ୍ତନାଦ କରୁଛି।''

ଘୋଡ଼ା ପଚାରିଲା, ''ଆଜିକା କଥା କହୁଛଟି ?''

''ହଁ ପରା !'' କହି କାଠୁରିଆ ସବୁ କଥା ବର୍ଣ୍ଣନା କରିବସିଲା। ସବୁ କହିସାରି ପଚାରିଲା, ''ଯାକୁ ମୁଁ ମରଣ ମୁହଁରୁ ବଞ୍ଚାଇଲି, ଏବେ ଇଏ କହୁଛି ମତେ ଖାଇବ। ଆହୁରି କ'ଣ କହୁଛି ନା ଏଇଟା ଦୁନିଆର ନ୍ୟାୟ ବିଚାର ! ତମେ ସତ କହ ଭାଇ, ଏଇଟା କ'ଣ ଠିକ୍ କଥା ?''

ଘୋଡ଼ା କହିଲା, ''ସାପ କିଛି ଅନ୍ୟାୟ କଥା କହୁନି।'' କାଠୁରିଆ ଛାନିଆ ହୋଇ କହିଲା, ''ଏଁ . . . ଏଇଟା ନ୍ୟାୟ ବିଚାର ହେଲା ?''

ଘୋଡ଼ା କହିଲା, ''ଶୁଣ, ମୋ ବୟସବେଳର କଥା କହୁଛି ଶୁଣ। ମୋର ଯେତେବେଳେ ବଳବୟସ ଥିଲା, ସେତେବେଳେ ମୋ ଦେହରେ ରୁପାର ସାଜ ଲାଗୁଥିଲା, ବାକି ପାଞ୍ଚଭାଇଙ୍କ ସାଙ୍ଗେ ମିଶି ମୁଁ ଖୋଦ୍ ଜମିଦାରଙ୍କ ଗାଡ଼ି ଟାଣୁଥିଲି, ନିଜେ ଜମିଦାର ମୋ ପିଠିରେ ଚଢ଼ି ଶିକାର କରିବାକୁ ଯାଉଥିଲେ। ଖାଇବା ପାଇଁ ମତେ ଯେଉଁ ଦାନା ମିଳୁଥିଲା, ମଣିଷମାନେ ବି ସେମିତି ଖାନା ପାଉନଥିବେ। ସଞ୍ଜ ସକାଳରେ ସଇସ ଆସି ମତେ ଘଷିମାଜି ଦେଉଥିଲା। ଆଉ ମୋ ଶାଳଟି କଥା କ'ଣ କହିବି; ଯେଉଁ ପଟେ ମୁହଁ ମାରୁଥିଲି ସେ ପଟେ ଦାନା ଭରି ହୋଇ ରହିଥିଲା। କିନ୍ତୁ ଆଜି ମୋ ଅବସ୍ଥା ଦେଖୁଛଟି ? ଯେଉଁଦିନୁ ମୋ ବଳବୟସ ତୁଟିଗଲା, ସେହି ଦିନଠାରୁ ମତେ ଆଉ ଶାଳରେ ପୂରାଇଲେ ନାହିଁ। ଯେଉଁ ମାଲିକକୁ ମୁଁ ପିଠିରେ ବସାଇ ହରିଣ ଶିକାର କରିବାକୁ ବଣକୁ ନେଉଥିଲି, ସେହି ମାଲିକ ସେଦିନ ହୁକୁମ ଦେଇଦେଲେ, ''ଏଇଟା ଦେଇ ଆଉ କାମ ନାହିଁରେ ! ଏଇଟାକୁ ଖାଇବାକୁ ଦେଇ ଆଉ କି ଲାଭ। ଏଇଟାକୁ ଖାଇବାକୁ ଦେଇ ଆଉ ଦାନା ଖଇରାତ କରନି; ବଣରେ ଛାଡ଼ିଦିଅ; ଗଧିଆ ବିଲୁଆ ଖାଇଯାଆନ୍ତୁ।'' ସେହିଦିନୁ ମୁଁ ବଣବୁଦା ଭିତରେ ନିରାଶ୍ରୟ ହୋଇ ବୁଲୁଛି। ଦୁନିଆ ଏଇମିତି ପାଉଣା ଦିଏ; ଏଠି ଭଲ କଲେ ମନ୍ଦ ଫଳେ। ତେଣୁ ମୁଁ କହୁଛି ସାପ କିଛି ଅନ୍ୟାୟ କଥା କହୁନି; ଏଇଟାହିଁ ଦୁନିଆର ବୁଝାମଣା।''

ଏକଥା ଶୁଣୁ ଶୁଣୁ ସାପ ଘୋଡ଼ାକୁ ଧନ୍ୟ ଧନ୍ୟ କହି କାଠୁରିଆକୁ ଖାଇଯିବା-ଲାଗି ପାଟି ମେଲାଇଦେଲା; କିନ୍ତୁ କାଠୁରିଆ ଆପତ୍ତି କରି କହିଲା, ''ନା, ନା, ମୋ ମନକୁ ଏକଥା ପାଉନାହିଁ। ଚାଲ, ଆଉ ଜଣେ ଭଦ୍ରଲୋକଙ୍କୁ ପଚାରିବା।''

ସାପ କହିଲା, ''ଚାଲ; ତୋର ଯେଉଁଠିକି ଇଚ୍ଛା ସେଠିକି ଚାଲ; କେହି

Digitized by srujanika@gmail.com

ମୋ ବିପକ୍ଷରେ ରାୟ ଦେବେନି।''

ଦିହେଁ ଚାଲିଛନ୍ତି, ଦେଖାଗଲା ଆଗରେ ଗୋଟିଏ ଖତଗଦା ପାଖରେ ଗୋଟିଏ ପୋଷା କୁକୁର ଶୋଇ ଖଣ୍ଡିଏ ଶୁଖିଲା ହାଡ଼ ଚୋବାଉଛି। କାଠୁରିଆ ତା'ପାଖକୁ ଯାଇ କହିଲା, ''ଧର୍ମାବତାର, ଆମେ ଦିହେଁ ଗୋଟିଏ ମାମଲା ନେଇ ଆପଣଙ୍କ କତିକି ଆସିଛୁ। ଆପଣ ନ୍ୟାୟ ବିଚାର କରି ରାୟ ଦିଅନ୍ତୁ।''

ବଳିଆ କୁକୁରଟା ବୁଢ଼ା ହୋଇଯାଇଥାଏ। ଆଖିରେ ଲେଞ୍ଜରା, ଦେହଯାକ ଟିଙ୍କ, ହାଡ଼ ଗଣି ହୋଇଯାଉଥାଏ। ଶୁଖିଲା ହାଡ଼ଖଣ୍ଡିକ ଚାଟୁ ଚାଟୁ ଏ ଦୁଇଜଣଙ୍କ ମାମଲା ଶୁଣିବା ଲାଗି କାନ ଡେରିଦେଲା। କାଠୁରିଆ ଆମୂଳଚୂଳ ସବୁ କହିସାରି ରାୟ ପାଇଁ ଡକେଇଛି, କୁକୁର କହିଲା, ''ସାପ ଠିକ୍ କଥା କହୁଛି।''

କାଠୁରିଆ ଅବାକ୍ ହୋଇ ପଚାରିଲା, ''ଏଇଆ ତା'ହେଲେ ଦୁନିଆର ବୁଝାମଣା?''

କୁକୁର କହିଲା, ''ଠିକ୍ ଏଇଆ। ଆଟେ, ମୋ ଟୋକାବେଳେ ମୁଁ କମ୍ ଆଦର ପାଇନି। ଜାଣିଛୁ, ମୋ ରୂପଗୁଣ ଦେଖି ମାଲିକ ମତେ ସବୁବେଳେ କୋଳରେ ଧରି ବସୁଥିଲା, ଗଦିଦିଆ ଚଉକିରେ ମୁଁ ଶୋଉଥିଲି। ମାଲିକର ଖଟପଲଙ୍କ ଉପରେ ଖେଳି କୁଦି, ମାଲିକ ଟେବୁଲ ଉପରେ ଥାଳି ଗିନାରେ ଠିକ୍ ମାଲିକଙ୍କ ପରି ଖାନା ଖାଇ ଦିନକାଟୁଥିଲି। କିନ୍ତୁ ଯେଉଁଦିନ ମୋ ଚେହେରା ଖସିଗଲା, ସେହିଦିନ ମତେ ଅନ୍ଦରମହଲରୁ ଡଡ଼ିଦେଇ ଫାଟକ ଛଗିବା କାମରେ ଲଗେଇଦେଲେ। ତଥାପି ଶୀତରେ ଶୁଆଉଥିଲେ, ଦିନକୁ ବକତେ ଖାଇବାକୁ ଦେଉଥିଲେ। କିନ୍ତୁ ଏଇଲେ ମୋ ଅବସ୍ଥା ଦେଖୁଛୁଟି? ଖଟି ଖଟି ବଳବୟସ ସାରିଦେଲି — ବୁଢ଼ାକାଳେ କି ଆଉ ଦୌଡ଼ିହୁଏ ନା ଲଡ଼ିହୁଏ? ସେହି ଟିକକ ଅପାରଗପଣିଆ ଦେଖି ମାଲିକ ମୋର ଗତ ଦିନର ସବୁ କଥା ପାସୋରିଗଲେ। 'ବୁଢ଼ା କୁତ୍ତା' କହି ମତେ ଗୋଇଠା ମାରି ବାହାରକୁ ତଡ଼ି ଦେଉ ଦେଉ ମୋ ପଛରେ ଫାଟକ ବନ୍ଦକରିଦେଲେ। ସେ ଖଟ-ପଲଙ୍କ-ଦିନ ଗଲା, ଏଇନେ ହେଇଟି ଖତଗଦା ଉପରେ ଶୁଖିଲା ହାଡ଼ ଚାଟି ଚାଟି ଦିନ ଗଣୁଛି। କାଳକ ମେହେନତ କରି ମୁଁ ଯେତେବେଳେ ଦୁନିଆଠାରୁ ଏଇ ପାଉଣା ପାଇଲି, ତତେ ଆଉ କି ଅଧିକ ନ୍ୟାୟବିଚାର ଦେବି କହ? ଏଇଆହିଁ ଦୁନିଆର ବୁଝାମଣା। ସାପ ତତେ ଖାଇବହିଁ ଖାଇବ।''

''ସାବାସ୍! ଏକୁ କହନ୍ତି ଯେ ବିଚାରପତି!'' କହି ସାପ କୁକୁରକୁ ପ୍ରଶଂସା କରିଗଲା। ତା'ପରେ କାଠୁରିଆକୁ କହିଲା, ''ଏ ବୁଢ଼ା, ତିଆରହୋଇଯା, ମୁଁ ଏଥର ତତେ ଖାଇବି!''

କିନ୍ତୁ କାଠୁରିଆ ବୁଢ଼ା କରପତ୍ର ଯୋଡ଼ି କହିଲା, ''ଭାଇ, ମୁଁ ଇମିତି ନ୍ୟାୟ ବିଚାର ପାଇବି ବୋଲି ଜମା ଜାଣିନଥିଲି। ଯାହା ହେବାର ହେଲାଣି, ମତେ ଆଉ ଟିକିଏ ସମୟ ଦେ, ମୁଁ ଆଉ ଜଣେ ଭଲଲୋକଙ୍କ ପାଖରେ ମାମଲାଟି ପକାଇବି। ସେ ଯଦି କହିବେ ଯେ ତୁ ମତେ ଖାଇଯିବାଟା ଠିକ୍ ହେବ, ତେବେ ଭାଇ, ମୁଁ ଆଉ ମୋଟେ ପାଟି ଫିଟାଇବି ନାହିଁ।''

Digitized by srujanika@gmail.com

ସାପ କହିଲା, ''ହେଉ, ତୋରି କଥା ହେଉ; କିନ୍ତୁ ଏଇଟା ଶେଷଥର ଜାଣିଥା; ମୁଁ ଆଉ ତା'ପରେ କାହାରି କଥା ମାନିବି ନାହିଁ।''

ଦିହେଁ ଆଉ ଜଣେ ବିଚାରପତି ଖୋଜୁ ଖୋଜୁ ଆସି ଗୋଟିଏ ମେଣ୍ଢା ପାଖରେ ପହଞ୍ଚିଗଲେ। କିନ୍ତୁ କାଠୁରିଆ ମେଣ୍ଢା ଭଲଲୋକୀରେ ଅସ୍ଥା ନରଖି ଖୋଜିଲା ବିଲୁଆନନାକୁ। ବିଲୁଆର ବୁଦ୍ଧି ଯିମିତି, ବିଚାର ବି ସିମିତି; ସେ ଆପେ ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠା ବୋଳିଦେଇପାରେ, ବିନା ସୂତାରେ ହାଟ ବସେଇଦେଇପାରେ। ମାରିବା ତାରିବା ଦୁଇଟାଯାକ କାମ ବିଲୁଆକୁହିଁ ଛଣା। ତେଣୁ କାଠୁରିଆ ବିଲୁଆର ଭେଟ କିପରି ମିଳିବ ଭାବି ଭାବି ଚାଲିଛି, ହଠାତ୍ ତା' ସହିତ ଭେଟ ହୋଇଗଲା। କିନ୍ତୁ କାଠୁରିଆର କୋଡ଼ି ଶାବକ ଦେଖୁ ଦେଖୁ ବିଲୁଆ ଯାଇ ଗାତ ଭିତରେ ପଶିଯିବାକୁ ବସିଲା। ତଥାପି କାଠୁରିଆ ଡାକପକାଇଲା — ''ବିଲୁଆନନା, ବିଲୁଆନନା, ଟିକିଏ ଶୁଣିଯାଅ, ଶୁଣିଯାଅ।''

ବିଲୁଆ ଶୁଣି ନଶୁଣିଲା ପରି ଗାତ ଭିତରେ ପଶିଗଲା। କିନ୍ତୁ ଏତିକିବେଳେ କାଠୁରିଆ ପାଟିରୁ ଶୁଭିଲା, ''ଆହେ, ତର ଭୟର କାରଣ ନାହିଁ; ଇମିତି ଉଚ୍ଚନ ହେଉଛ କାହିଁକି? ଆମର ଏ ମାମଲାଟା ଟିକିଏ ତୁଟେଇଦେଇ ଯାଅ।'' ଫେରାଦି ହେବା ପାଇଁ ଲୋକଟା ଆସିଛି ଦେଖି ବିଲୁଆ ଗାତରୁ ବାହାରିପଡ଼ି ପଚାରିଲା, ''ଓଃ! ଗୋଟାଏ ମାମଲା ନେଇ ଆସିଛ? କ'ଣ ସେଇଟା ଶୁଣେ!''

ଦିହେଁ ମିଶି ସମସ୍ତ ଘଟଣା କହିଯିବାପରେ ବିଲୁଆ ମୁଣ୍ଡ ଟୁଙ୍ଗାରି ଟୁଙ୍ଗାରି କହିଲା, ''ତୁମ କହିବା କହିଗଲ; ମୁଁ କିନ୍ତୁ ତୁମକୁ ଏକାନ୍ତରେ ପଚାରିଉଚାରି କଥାଟା ନବୁଝିଲେ, କିଛି ରାୟ ଦେଇପାରିବି ନାହିଁ? କ'ଣ ରାଜି ତ?''

ସାପ ଆଗତୁରା ହୋଇ କହିପକାଇଲା, ''ଏଥିରେ ଆଉ ଲୁଚାଛପା କ'ଣ ଅଛି ଯେ ପଚେଇବୁ? ଆପଣ ଯାହାକୁ ଇଚ୍ଛା ତାକୁ ପାଖକୁ ଡାକି ଏକାନ୍ତରେ ପଚାରନ୍ତୁ।''

ଏ କଥା ଶୁଣି ବିଲୁଆ କାଠୁରିଆକୁ ପାଖକୁ ଡାକି ନେଇ ସାପକୁ କହିଲା, ''ବାପା, ତୁ ଟିକିଏ ଦୂରକୁ ଘୁଞ୍ଚିଯା; ମୁଁ ଏ ବୁଢ଼ାକୁ ପଚରାଉଚରା କରିସାରିବା ପରେ ତତେ ପାଖକୁ ଡାକିବି।'' ''ଠିକ୍ ଅଛି'' କହି ସାପ ଦୂରକୁ ଘୁଞ୍ଚିଗଲା। ବିଲୁଆ କାଠୁରିଆ ବୁଢ଼ାକୁ କହିଲା, ''ବୁଢ଼ା, ଭୟ କରନା; ମୁଁ ତତେ ୟା ହାବୁଡ଼ରୁ ନିଶ୍ଚୟ ଖସାଇଦେବି। କିନ୍ତୁ ତା' ବଦଳରେ ତୁ ମତେ କ'ଣ ଦେବୁ କହିଲୁ?''

ବିଲୁଆ ମୁହଁରୁ ଏ ଆଶ୍ୱାସନା ବାଣୀ ଶୁଣି ବୁଢ଼ାର ଦିଲ୍ ଖୁସ୍ ହୋଇଗଲା। ସେ କହିପକାଇଲା, ''ଯାହା ମାଗିବୁ ମୁଁ ତାହା ଦେବି। କିନ୍ତୁ ହେଇଟି, ମତେ ଖାଲି ନ୍ୟାୟବିଚାର ମିଳିଲେ ହେଲା।''

ବିଲୁଆ ପଚାରିଲା, ''ଫି ରବିବାର ମତେ ଗୋଟେ କୁକୁଡ଼ା ଯୋଗେଇଦେବୁନା?'' କାଠୁରିଆ କହିଲା, ''ନିଶ୍ଚେ ଯୋଗାଇଦେବି। ନନା, ତୁମ ଦେହ ଛୁଇଁ କହୁଛି, ମୋ କଥା ଅନ୍ୟଥା ହେବ ନାହିଁ।''

''ଠିକ୍ ଅଛି, ମୁଁ ତତେ ବଞ୍ଚେଇ ଦେଲି ଜାଣିଥା; କିନ୍ତୁ ମୋ ଦେହଛୁଇଁ

Digitized by srujanika@gmail.com

ଯାହା କହିନୁ, ତା' ଯେପରି ଅନ୍ୟଥା ନକରୁ।''

ତା'ପରେ ବିଲୁଆ ସାପକୁ ପାଖକୁ ଡାକି କାଠୁରିଆକୁ ଦୂରରେ ଠିଆହୁଅ ବୋଲି ହୁକୁମ ଦେଇଦେଲା। ସାପ ଆସି ପାଖରେ ବସିବାରୁ ବିଲୁଆ ତାକୁ କହିଲା, ''ତୁମେ ଦି'ଜଣ ଗୋଟାଏ ଅଡୁଆ ମାମଲା ଆଣି ଥୋଇଦେଲ। ଇଏ ତ ଏମିତି ସହଜରେ ଚୁଟିବା ମାମଲା ନୁହେଁ। ଘଟଣା ଘଟିଗଲା ଯାଇ ବନସ୍ତ ଭିତରେ। ଦିହିଁକି ଦିହେଁ କହୁଛ ତୁମର ସାକ୍ଷୀ ବୋଲି କେହି ନାହିଁ। ଏ ଅବସ୍ଥାରେ ମୁଁ ଯଦି ରାୟ ଦେବି ତେବେ ପକ୍ଷପାତ ହୋଇଯିବ। ଅନ୍ୟାୟ ବି ହୋଇଯାଇପାରେ। ତେଣୁ ମୁଁ ଗୋଟିଏ ପ୍ରସ୍ତାବ ଦେଉଛି।''

''କି ପ୍ରସ୍ତାବ?'' —ସାପ ପଚାରିଲା।

''ବେଶି କିଛି ନୁହେଁ। ଘଟଣାଟି ଯେଉଁଠି ଘଟିଲା, ଚାଲ ଆଗ ସେଠିକି ଯିବା। ସବୁ ଦେଖି ଶୁଣି ମୋର ସନ୍ତୋଷ ଆସିଗଲେ, ମୁଁ ମୋ ରାୟ ଶୁଣାଇ ଦେବି। ସେଥିରେ ତୁମେ ନ୍ୟାୟ ପାଇବ।'' ହୁଣ୍ଡା ସାପ କହିଲା, ''ଏହି କଥା ତ? ଚାଲ, ସେ ଛାଗାକୁ ଯାଇ ଦେଖିବା।'' ବିଲୁଆକୁ ସାଙ୍ଗରେ ନେଇ କାଠୁରିଆ ଓ ସାପ ଯେତେବେଳେ ସେ ପଥର ପାଖରେ ପହଞ୍ଚିଗଲେ, ସେତେବେଳେ ବିଲୁଆ ପଚାରିଲା, ''ଓଃ, ତା ହେଲେ ଏହି ପଥର ତଳେ ସାପ ଚାପି ହୋଇ ରହିଯାଇଥିଲା?''

କାଠୁରିଆ କହିଲା, ''ହଁ, କେଡ଼େ ବଡ଼ ପଥର ହୋଇଛି ତୁମେ ଦେଖୁଥିବ। ସେ ଇଆରି ତଳେ ଚାପି ହୋଇ ଡ୍ରାହି ଡାକ ଛାଡୁଥିଲା।''

''ତା' ହେଲେ ତୁ ତାକୁ ଏ ଭିତରୁ କାଢ଼ିଲୁ କିପରି?''

''ମୁଁ ମୋ ଶାବଳ ପୂରାଇ ପଥରଟାକୁ ହେଇଟି ଏପାଖରୁ ଛକେ ହେବ ଉଠାଇଦେଲି। ସାପ ପଥର ତଳୁ ବାହାରିଆସିଲା।''

ବିଲୁଆ କିଛି ବୁଝିନପାରିବା ଭଳି କହିଲା, ''ରହ, ରହ, ରହ। ତୁମ ମଣିଷଗୁଡ଼ାକ ଭାରି ତରବରିଆ। ଏତେ ତରତର ହୋଇ କଥା କହିଲେ ମୁଁ କିଛି ବୁଝିପାରୁନି। ହଇରେ, ତୁ ଚଉକେ ହେବ ଟେକିଲୁ, ସେଥିରେ କେତେ ଅବା ବାଟ ମିଳିଗଲା ଯେ ଏତେ ବଡ଼ ସାପ ସେ ଭିତରୁ ବାହାରି ଆସିଲା!''

ବୁଢ଼ା କହିଲା, ''ତୁମେ ତ ବିଶ୍ୱାସ କରିବ ନାହିଁ, ମୁଁ ଆଉ କ'ଣ କରିବି? ମୋ କଥା ସତ କି ମିଛ ସାପକୁ ପଚାର।''

ବିଲୁଆ କହିଲା, ''ବାବୁ! ଯାହା ନଦେଖିବ ଦୁଇ ନୟନେ, ପରତେ ନ ଯିବ ଗୁରୁବଚନେ। ମୁଁ ତ ସବୁ ନିଜ ଆଖିରେ ଦେଖିବି ବୋଲି ଆସିଛି, ଆଉ ପଚରାଉଚରାରେ ଲାଭ କ'ଣ? କାହିଁ, ତୁ ତୋ ଶାବଳରେ ପଥର ଟେକିଲୁ; କେତେ ଟେକୁଛୁ ଦେଖିବି।''

କାଠୁରିଆ ବୁଢ଼ା ଶାବଳ ଗୋବା ମାରି ପଥରଟାକୁ ଆଗଭଳି ଚଉକେ ଖଣ୍ଡେ ଟେକିଦେଲା। ଏଥର ବିଲୁଆ ସାପକୁ କହିଲା, ''କାହିଁରେ ତୁ କିପରି ସେ ଭିତରେ ଥିଲୁ ଟିକିଏ ଦେଖେଇଲୁ।''

Digitized by srujanika@gmail.com

ସାପର ସାତଟା ଫଣା ଥିଲେ କ'ଣ ହେବ, ତା' ମୁଣ୍ଡରେ କାଣିଚାଏ ବି ବୁଦ୍ଧି ନଥାଏ। ସେ ସଙ୍ଗେ ସଙ୍ଗେ ସନ୍ଧାବାଟେ ପଥର ତଳକୁ ଚାଲିଯାଇ କୁଣ୍ଡଳୀ ବାନ୍ଧି ପଡ଼ିଗଲା। କିନ୍ତୁ ସେ ଯାଇ ସେ ଭିତରେ ପଡ଼ିଯାଇଛି କି ନାହିଁ, ବିଲୁଆ କାଠୁରିଆ ବୁଢ଼ାକୁ ଆଖିମାରି କହିଦେଲା ଯେ ସେ ପଥରଟାକୁ ପକାଇଦେ। କାଠୁରିଆ କି ଆଉ ଡେରିକରନ୍ତା? ସେ ଆଖିପିନ୍ଧୁଳାକେ ତା' ଶାବଳ ଟାଣି ଆଣିଲା ଏବଂ ସାପ ପଥର ତଳେ ଚାପି ହୋଇ ତାକ ଛାଡ଼ିଲା— ''ମରିଗଲିରେ ଭାଇ ମରିଗଲି; ଶୀଘ୍ର ପଥରଟା ଉଠା।''

ବିଲୁଆ ଗୋଟାଏ ହସ ହସିଦେଇ କହିଲା— ''ମରିନୁ ମରିନୁ ଧନ; ଆହୁରି ତୋ ଦିନକାଳ ଅଛି।''

ସାପ କହିଲା— ''ଆରେ ହେ, ତୁ ତା'ହେଲେ ଏଇ ନ୍ୟାୟ ବିଚାର କରିବାକୁ ଆସିଥିଲୁ? ତୋ ଧର୍ମ ଥିବ, ମତେ ଏଠୁ ମୁକୁଳାଇ ଦେ ଭାଇ!''

ବିଲୁଆ କହିଲା, ''ତୋ ଦିନକାଳ ପୂରିଆସିଲେ ଅସଲ ଧର୍ମଦେବତା ନ୍ୟାୟ ବିଚାର କରିଦେବେ; ଆଇହୁଁ ଅତରଛ ହେଉଛୁ କାହିଁକି?''

ଏ ପଟେ କାଠୁରିଆ ବୁଢ଼ା ସାପ କବଳରୁ ମୁକ୍ତି ପାଇ ବିଲୁଆ ବୁଦ୍ଧିକୁ ଧନ୍ୟ ଧନ୍ୟ କହି ଡାକିଲା, ''ଚାଇ ନନା, ମୁଁ ତୁମକୁ ମୋ କୁଡ଼ିଆଟି ଦେଖାଇଦେବି। ଫି ରବିବାର ଦିନ ତୁମେ ମୋ କୁଡ଼ିଆକୁ ଆସି ତୁମ କୁକୁଡ଼ା ନେଇଯାଉଥିବ।''

ବିଲୁଆ ଯାଇ କାଠୁରିଆର କୁଡ଼ିଆ ଦେଖିଆସିଲା। ତା'ପରେ ପ୍ରତି ରବିବାର ଦିନ ସକାଳୁ ସକାଳୁ କୁଡ଼ିଆ ପାଖକୁ ଯାଇ କୁକୁଡ଼ା ଆଣି ଖାଇବାକୁ ଲାଗିଲା। ପ୍ରଥମେ ପ୍ରଥମେ କାଠୁରିଆ ବୁଢ଼ା ମନଖୁସିରେ କୁକୁଡ଼ା ଦେଉଥିଲା। କିନ୍ତୁ ରବିବାର ତ ଚାରି ଛଅ ଥର ପରେ ସରିଯାଏ ନାହିଁ, ପ୍ରତି ସପ୍ତାହରେ ରବିବାର ପଡ଼େ। ଏଣୁ ବୁଢ଼ାର ଖୁଆଡ଼ରୁ କୁକୁଡ଼ା ସରିଆସିଲା। ବୁଢ଼ା ଏଥର ଯା'ତା ଖୁଆଡ଼ରୁ କୁକୁଡ଼ା ଚୋରାଇଆଣି ବିଲୁଆକୁ ଯୋଗାଇଲା। କିନ୍ତୁ କୁକୁଡ଼ା ଚୋରିହେଉଛି ଦେଖି ଲୋକେ ସାବଧାନ ହୋଇଗଲେ। ବୁଢ଼ା ଦେଖିଲା, ଆଉ ବେଶି ଦିନ ଏ ପ୍ରକାର ଚଳିହେବନି। ତେଣୁ ସେ ସେପାଳି ରବିବାର ଦିନ ରାତିରୁ ତା' ବନ୍ଧୁକରେ ଗୁଳି ବାରୁଦ ପୂରାଇ ସଜାଇ ରଖିଲା। ସକାଳୁ ସକାଳୁ ବିଲୁଆ ଯେତେବେଳେ କୁକୁଡ଼ା ନେବ ବୋଲି ତା' ବାଡ଼ିରେ ପଶିଯାଏ, ସେତେବେଳେ ବୁଢ଼ା ଠିକ୍ ଅନିସା କରି ବନ୍ଧୁକ ଘୋଡ଼ିଆ ଟିପିଦେଲା ଯେ ଗୁଳିଟା ଯାଇ ବିଲୁଆର କଲିଜା ଭିତରେ ପଶିଗଲା। ବିଚରା ରକ୍ତରେ ଚୁତୁବୁତୁ ହୋଇ ଛଟପଟ ହେଉ ହେଉ ତା' ଆଖିରୁ ଦି'ଧାର ମରଣ ଲୁହ ଝରିପଡ଼ିଲା। ପ୍ରାଣ ଛାଡ଼ି ଯାଉ ଯାଉ ବିଲୁଆ ପାଟିରୁ ବାହାରି ପଡ଼ିଲା, ''ସତରେ, ଏଇଆହିଁ ଦୁନିଆର ବୁଝାମଣା!''

Digitized by srujanika@gmail.com

ଛେଳିର ଢମ

ଜଣେ ଚାଷୀ ଦିନେ ହାଟରେ ଦେଖିଲା ଗୋଟିଏ ଛେଳି ବିକ୍ରିହେଉଛି। ସୁନ୍ଦର ନାଲିଆଁଶିଆ ରଙ୍ଗର ଛେଳିଟିଏ! ତା' ମୁଣ୍ଡରେ ଦୁଇଟି ଲମ୍ବା ଗୋଜିଆ ଶିଙ୍ଗ ବାହାରିଥାଏ ଯେ, ଅନ୍ୟ ଛେଳିମାନେ ତାକୁ ଦେଖିଲେ ଡରିବେ। ଦଶ ପନ୍ଦର ଦିନରେ ତା'ର ଛୁଆ ହେବ ବୋଲି ଜଣାଯାଉଥାଏ। ଛେଳିଟି ଭଲ ହୋଇଛି ଦେଖି ଚାଷୀ ସେଇଟିକୁ ଚାହିଁରହିଲା। ଭାବିଲା ଦୁନିଆରେ ଛେଳିପରି ଉପକାରୀ ଜୀବ ଆଉ ନାହିଁ। ଏଣେତେଣେ ବୁଲି ଡାଇପତ୍ର ଚରିବ; କୁଣ୍ଡା ଟୋକଡ଼ କି ନଡ଼ା କୁଟା କିଣିବାକୁ ପଡ଼ିବ ନାହିଁ। ଦୁଆରମୁହଁରେ ଶୋଇବ, ବିନାଖର୍ଚ୍ଚରେ ଦି'ବେଳା ଦି'ପାଆ ଦୁଧ ଦେବ। ଏପରି ଭାବି ସେ ଛେଳିଟି କିଣି ଘରକୁ ନେଇ ଆସିଲା।

ତା'ଘରେ ଗୋଟିଏ ଚାକରଟୋକା ଥାଏ। ଚାଷୀ ତାକୁ ବରାଦଦେଲା, ''ଆରେ ଟୋକା, ତୋର କାମ ସରିଲେ ଛେଳିଟାକୁ ନେଇ ଚରେଇ ବୁଲେଇ ଆଣିବୁ।''

ଏକଥା ଶୁଣି ଚାକର ଟୋକା ମନ ଖୁସିରେ ସଅଳ ସଅଳ ଘରକାମ ସାରିଦେଇ ନୂଆ ଛେଳିକୁ ଚରେଇବ ବୋଲି ବଣଧାରକୁ ନେଇଗଲା। ଏ ଗଛରୁ ଡାଳ, ସେ ଗଛରୁ ପତ୍ର କାଟିକରି ଛେଳିକୁ ପେଟେ ଖୁଆଇଲା। ସଞ୍ଜ ହେବାରୁ ଝରଣାରେ ପାଣି ପିଆଇ ଘରକୁ ଛେଉଟିଲା।

ଛେଳିଟିକୁ ଅଣ୍ଟାଳି ଆଉଁଷି ଗୁହାଳରେ ବାନ୍ଧୁ ବାନ୍ଧୁ ଚାଷୀ ପଚାରିଲା— ''କିଲୋ ଛେଳି, ଚରି ବୁଲି ଆଇଲୁ; କ'ଣ ସବୁ ଖାଇଲୁ?''

ଛେଳି ମୁହଁ ମୋଡ଼ିଦେଇ କହିଲା—

''ଏ ଟୋକା ମତେ ଚରେଇବ ବୋଲି ମିଛରେ ନେଲା,
ସାଙ୍ଗ ପିଲା ଧରି ବାଟି ଖେଳିଲା।

ମୁଁ ଆଉ ଚରିବୁଲି କ'ଣ ଖାଇବି? ଥୁଣ୍ଟା ଗଛଟିଏ ଥିଲା ଯେ ସେଥିରୁ ପତରଟିଏ ଖାଇଲି, ପାଣି ମନ୍ଦିଏ ପିଇଲି।''

ଏ କଥା ଶୁଣି ଚାଷୀ ରାଗରେ ନିଆଁବାଣ ହୋଇଗଲା। ଚାକର ଟୋକାକୁ ନିର୍ଘୁମ୍ ମାଡ଼ ମାରି କହିଲା, ''ତୁ ଅପାରଗଟା, କୋଉଥିକି ନୋହୁ। କାଲି ମୋ ଝିଅ ଛେଳି ଚରେଇ ନେବ।''

ତା'ପର ଦିନ ସକାଳୁ ଚାଷୀର ଝିଅ ତରବର ହୋଇ ଗଣ୍ଡିଏ ଖାଇଦେଇ ଛେଳି ଚରେଇବାକୁ ବାହାରିଗଲା। ବଣଧାରରେ ଲଟାବୁଦା ବୁଲେଇ ବୁଲେଇ ଛେଳିକୁ ପେଟେ ଖୁଆଇପିଆଇ ଘରକୁ ଆଣିଲା। କିନ୍ତୁ ସେ ଯେତେବେଳେ ଘରକୁ ଫେରେ, ଚାଷୀ ଛେଳିକୁ ପଚାରିଲା— ''କିଲୋ ଛେଳି, ଚରିବୁଲି ତ ଆଇଲୁ, କ'ଣ ସବୁ ଖାଇଲୁ?''

ମୁହଁ ମୋଡ଼ି ଦେଇ ଛେଳି କହିଲା—

''ଏ ଝିଅ ମୋତେ ଚରାଇବ ବୋଲି ମିଛରେ ନେଲା,

Digitized by srujanika@gmail.com

ପିଲାଙ୍କ ମେଳରେ ଖେଳି ବୁଲିଲା।

ମୁଁ ଆଉ ଚରିବି କ'ଣ, ମତେ ଗୋଟିଏ ଥୁଣ୍ଟା ଗଛ ମୂଳରେ ବାନ୍ଧିଦେଲା ଯେ ମୁଁ ସେ ଗଛରୁ ପତ୍ରଟିଏ ଖାଇଲି, ପାଣି ମଦିଏ ପିଇଲି।''

ଏ କଥା ଶୁଣି ଚାଷୀ ଝିଅକୁ କହିଲା, ''ତୁ ବି ଅପାରଗ। କାଲିଠୁ ମୁଁ ଛେଳି ଚରେଇବା ଲାଗି ଜଣେ ମୂଲିଆ ରଖିବି; ଜୀବଟାକୁ ଶ୍ରଦ୍ଧାରେ କିଣିଛି, ନଖୋଇଲେ ମତେ ପାପ ଲାଗିବ।''

ତା'ପରଦିନ ଛେଳି ଚରେଇବା ଲାଗି ସେ ଜଣେ ମୂଲିଆ ରଖିଲା। ମୂଲିଆ ଛେଳିଟିକୁ ବଣଧାରକୁ ନେଇ ବୁଲେଇ ବୁଲେଇ କଅଁଳ କଅଁଳ ଘାସ ପତର ପେଟେ ଖୁଆଇଲା। ଶେଷରେ ଝରଣାରେ ପାଣି ପିଆଇ ସଞ୍ଜବେଳକୁ ଘରକୁ ଆଣିଲା। ସେଦିନ ଚାଷୀ ଛେଳିକୁ ବାନ୍ଧିବାବେଳେ ଅଣ୍ଡଳା ଆଉଁଷା କରି ପଚାରିଲା – ''କିଲୋ ଛେଳି, ଚରିବୁଲି ତ ଆଇଲୁ, କ'ଣ ସବୁ ଖାଇଲୁ?''

ଛେଳି କହିଲା –

''ଏ ମୂଲିଆଟା ମତେ
ଚରେଇବ ବୋଲି ମିଛରେ ନେଲା
ସାଙ୍ଗସାଥୀ ଧରି ତାସ୍ ଖେଳିଲା।

ମତେ ଗୋଟାଏ ଲମ୍ବା ଗଛ ମୂଳରେ ବାନ୍ଧି ଦେଇଥିଲା ଯେ ମୁଁ କିଛି ଚରି ପାରିଲି ନାହିଁ– ଖାଲି ସେହି ଲମ୍ବା ଗଛରୁ ପତ୍ରଟିଏ ଖାଇଲି, ଝରଣାକୂଳରୁ ପାଣି ମୁଦିଏ ପିଇଲି।''

ତେଣୁ ଚାଷୀ ତା' ମୂଲିଆ ଉପରେ ଖପ୍‌ପା ହୋଇ କାମରୁ ବାହାର କରିଦେଲା। ତା' ପରଦିନ ସେ ଛେଳି ଚରାଇବାଲାଗି ତା' ଭାର୍ଯ୍ୟାକୁ ପଠାଇଲା। ତା' ଭାର୍ଯ୍ୟା ଛେଳିକୁ ଏପରି ଭଲ ଭଲ ଡାଳପତ୍ର ଖୁଆଇ ଖୁଆଇ ଚରାଇଲା ଯେ ଖାଇ ଖାଇ ଛେଳିଟାର ପୁଟା ଫୁଲିଗଲା। ତଥାପି ସେଦିନ ସଞ୍ଜବେଳେ ଚାଷୀ ଯେତେବେଳେ ତାକୁ ପଚାରିଲା – ''କିଲୋ ଛେଳି, ଚରିବୁଲି ତ ଆଇଲୁ, କ'ଣ ସବୁ ଖାଇଲୁ?''

ଛେଳି କହିଲା –

''ତୁମର ଏ ଯେଉଁ ଭାରିଯା....
ଚରେଇବେ ବୋଲି ମିଛରେ ନେଲେ,
ସହୀ-ସଙ୍ଗାତଙ୍କ ତୁଲେ ଗପିଲେ।''

ମୁଁ ଆଉ କି ଚରା ଚରିଲି? ଗୋଟିଏ ଥୁଣ୍ଟା ଗଛ ଥିଲା ଯେ ସେଥିରୁ ପତ୍ରଟିଏ ଖାଇଲି, ପାଣି ମୁଦିଏ ପିଇଲି।''

ଚାଷୀ ଏକଥା ଶୁଣି ଘରକୁ ଆସି ଭାର୍ଯ୍ୟାକୁ ଅଗୁଣତ, ଅପଦାର୍ଥ କହି ବୁହେ ବକିଲା। ''କାଲି ମୁଁ ନିଜେ ଛେଳି ଚରେଇବାକୁ ଯିବି କହିଲା। ଦେଖିବୁ ମୋ ଛେଳି କିପରି ଖାଇପିଇ ଖୁସିରେ ଆସିବ।'' ତା' ପରଦିନ ସକାଳୁ ସକାଳୁ ଖାଇପିଇ ଲୁଗାପଟା ବଦଳାଇ ଛେଳି ଚରାଇବାକୁ ବାହାରିପଡ଼ିଲା। ଯେଉଁଠି ଯେତେ କଅଁଳ ଘାସ ଥିଲା, ଛେଳିକୁ ସବୁ ଖୁଆଇଲା। ଯେଉଁଠି ଯେତେ ଡାଳରେ କଅଁଳ

Digitized by srujanika@gmail.com

ପତ୍ର ଥିଲା, ସବୁ ହାଣିଆଣି ଛେଳି ମୁହଁରେ ପକାଇଲା। ସକାଳୁ ସଞ୍ଜଯାଏ ଛେଳି ପାଟି ମୋଟେ ବନ୍ଦହେଲାନାହିଁ। ଶେଷରେ ଝରଣାକୂଳରେ ଛେଳିକୁ ଭଲକରି ପାଣି ପିଆଇ ଘରକୁ ଫେରିଲା। ଛେଳି ଦୁଆଗମୁହଁରେ ଚରୁଥାଏ, ଚାଷୀ ଘରକୁ ଯାଇ ଗୋଡ଼ହାତ ଧୋଇ ଲୁଗାପଟା ବଦଳାଇ ଛେଳି ବାନ୍ଧିବାକୁ ଆସିଲା। ବାହୁ ବାହୁ ସେ ପଚାରିଲା – ''କିଲୋ ଛେଳି, ଚରିବୁଲି ଆଇଲୁ, ଆଜି କିପରି ଖାଇଲୁ ?''

ଚାଷୀ ଲୁଗାପଟା ବଦଳାଇ ଛେଳି ଚରାଇବାକୁ ନେଇଥିବାରୁ ଛେଳି ତାକୁ ଚିହ୍ନିପାରିନଥିଲା। ଭାବିଥିଲା ଚାଷୀର କେହି ଜଣେ କୁଣିଆ ତାକୁ ଚରାଇବାକୁ ନେଇଥିଲା। ତେଣୁ କହିଲା –

''ତୁମର ସେ ଯେଉଁ କୁଣିଆ....
ମତେ ଚରେଇବେ ବୋଲି ମିଛରେ ନେଲେ
ଗଛମୂଳେ ବସି ନାସ ଶୁଘିଲେ।

ମୁଁ ଆଉ ଗଲି କେଉଁଆଡ଼େ ଯେ ଚରିବି ? ମତେ ଗୋଟିଏ ଥୁଣ୍ଟାଗଛରେ ବାନ୍ଧି ଦେଇଥିଲେ। ମୁଁ ସେଥିରୁ – ପତରଟିଏ ଖାଇଲି, ପାଣି ମୁହିଁଏ ପିଇଲି।''

ଏକଥା ଶୁଣି ଚାଷୀ ରାଗରେ ନିଆଁବାଣ ହୋଇଗଲା। ଛେଳିକୁ ବାନ୍ଧିଦେଇ କହିଲା, ''ବଦମାସ୍, ମିଛୋଇ ! ଏତେ ଖାଇଲୁ, ତଥାପି ତୋର ତୃପ୍ତି ନାହିଁ ଯେ କହୁଛୁ ପତ୍ରଟିଏ ଖାଇଛୁ ! ତୁ ତା'ହେଲେ ଏଇମିତି ମିଛ କହି ମୋ ଚାକରକୁ ମାଡ଼ଖୁଆଇଲୁ, ମୋ ଝିଅକୁ ଗାଳିଖୁଆଇଲୁ, ମୋ ମୂଲିଆକୁ ନିନ୍ଦା ଶୁଣେଇଲୁ, ମୋ ଭାର୍ଯ୍ୟା ସହିତ ମୋର ଜଳି ଲଗେଇଲୁ ! ତତେ ଆଜି ସାବାଡ଼ କରିଦେଉଛି, ରହ।''

ଏପରି କହି ରାଗତମତମ ହୋଇ ସେ ଗୋଟିଏ ଠେଙ୍ଗା ଧରି ଛେଳିକି ପିଟିବ ବୋଲି ଧାଇଁଗଲା। ଠିକ୍ ଏତିକିବେଳେ ତା' ପଡ଼ିଶାଘର ଚାଷୀ ଆସି ସେଠାରେ ପହଞ୍ଚିଗଲା। ଠେଙ୍ଗା ବାଡ଼ି ଦେଖି ସେ ପଚାରିଲା, ''କି ହେ ଭାଇ ! କାହା ଉପରେ ଏପରି ଅଶାନ୍ତି ହେଉଛ କି ?''

ଚାଷୀ କହିଲା, ''ଆହେ, ଗୋଟେ ଛେଳି କିଣିଆଣିଥିଲି ଯେ ସେଇଟା ଏଡ଼ିକି ଖାଉରୀ ! ଯିଏ ଚରେଇନେଲା ତା' ନାଆଁରେ ମତେ ଚରେଇନାହିଁ ବୋଲି ମିଛ କହୁଛି।''

ପଡ଼ୋଶୀଟି ଚାଷୀ ହାତକୁ ଟିପେ ନାସ ଦେଇ କହିଲା, ''ଦିଅ, ନାସତକ ଶୁଘିଦିଅ ଯେ ସବୁ ରାଗ ମେଣ୍ଟିଯିବ। ଛେଳି ଉପରେ ରାଗିଲେ ଲାଭ ନାହିଁ, ସେଗୁଡ଼ାକର ସ୍ୱଭାବ ସେଇଆ। ସେମାନଙ୍କ ପାଟି କେବେ ବନ୍ଦହେବନି; ଛେଳି ଦିନସାରା ଚରୁଥିବ, ତଥାପି ଖାଇବି ଖାଇବି ହୋଇ ମରୁଥିବ।''

କଥା ଶୁଣୁ ଶୁଣୁ ଛେଳିମାଇକ ଚାଷୀ ନାସଟିପକ ଶୁଘିଦେଲା ଯେ ତା'ର ଛିଂ... ଛି... ଛି... ବୋଲି ଗୋଟାଏ ଛିଙ୍କ ବାହାରିପଡ଼ିଲା। ସେ ପଟେ ଛେଳିଟା ତ ଠେଙ୍ଗାବାଡ଼ି ଦେଖି ଛାନିଆଁ ହୋଇଥିଲା; ଚାଷୀର ଛିଙ୍କ ଶବ୍ଦରେ ସେ ଏପରି ଚେହେଁକି ଉଠିଲା ଯେ ତା' ବେକର ପଘା ଛିଣ୍ଡିଗଲା। ଆଉ କି

Digitized by srujanika@gmail.com

ସେ ସେଠାରେ ରହେ ! ଏକା ରାହାକେ ଦୌଡ଼ିଯାଇ ବଶ ଭିତରେ ପଶିଗଲା ।

ଦିନଯାକ ଚରିବ, ରାତି ହେଲେ ଶୋଇବ— ଛେଳିର ତ ଏହି ଅଭ୍ୟାସ । କେଉଁଠି ଟିକିଏ ଶୋଇପଡ଼ିବ ବୋଲି ଖୋଜୁ ଖୋଜୁ ଦେଖିଲା ଗୋଟିଏ ବିଲୁଆ ରାତି ଶିକାର କରିବ ବୋଲି ଗାତରୁ ବାହାରି ପଳାଇଯାଉଛି । ତା' ଗାତ ଭିତରଟା ଖାଲି ପଡ଼ିଛି ଜାଣି ଛେଳି ସେ ଭିତରେ ପଶିଗଲା । କିନ୍ତୁ ଭିତରେ ବିଲୁଆର ଛୁଆ ଦିଇଟି ଶୋଇଥାନ୍ତି । ସେମାନେ ତ ଛେଳି ଦେଖିନଥିଲେ, ଏ ଶିଙ୍ଗବାଲା ଜୀବଟାକୁ ଦେଖି ପାଟିକରି ଉଠିଲେ, ''ଏ ଏ, ତୁ କିଏ ? ଆମ ଘର ଭିତରେ କିଆଁ ପଶିଲୁ ?''

ଛେଳି ସେ ଛୁଆ ଦିଇଟାକୁ ଗାତର ଗୋଟିଏ କୋଣକୁ ଠେଲି ଦେଇ କହିଲା—

''ମୁଁ ଛେଳିଙ୍କ ଭିତରେ ରଜା, ମୋ ଶିଙ୍ଗ ଦୁଇଟା ଗୋଜା,
ଚୁପ୍ କରି ସେ କୋଣରେ ଥିବ, ଆଗକୁ ଆସିଲେ ଗୋବା ଖାଇବ ।''

ଛୁଆ ଦିଇଟା ଡରିମରି ରାତିଟାଯାକ ସେ କୋଣରେ ଶୋଇଲେ । ରାତି ପାହି ସକାଳ ନ ହେଉଣୁ ମାଆ ବିଲୁଆ ଆସି ପହଞ୍ଚଗଲା । ଗାତ ମୁହଁ ବନ୍ଦ ଅଛି ଦେଖି ତା' ଛୁଆଙ୍କୁ ଡାକିଲା, ''କବାଟ ଖୋଲ ରେ ପିଲେ ।''

ଛୁଆ ଦିଇଟା କହିଲେ, ''ମାଆ ଲୋ, ଆମେ କବାଟ ବନ୍ଦ କରିନୁ, କିଏ ଗୋଟେ ଆମ ଘରେ ପଶି ଘରଟାଯାକ ଆବୋରି ଶୋଇଛି ।''

ବିଲୁଆ ପଚାରିଲା, ''ଆରେ, କିଏ ରେ ତୁ ମୋ ଘରେ ? ବାହାରି ଆସ ।'' ଛେଳି କହିଲା—

''ମୁଁ ଛେଳିଙ୍କ ଭିତରେ ରଜା, ମୋ ଶିଙ୍ଗ ଦିଇଟା ଗୋଜା,
ଚୁପ୍ କରି ବାହାରେ ଥିବୁ, ପାଖକୁ ଆସିଲେ ଖୋବା ଖାଇବୁ ।''

ବିଲୁଆ ବିଚାରୀ ରାତିତମାମ ବୁଲି ବୁଲି ଥକ୍‌କା ହୋଇଯାଇଥାଏ; ତାକୁ ଖାଲି ନିଦ ମାଡୁଥାଏ । ବଡ଼ ଅଡୁଆରେ ପଡ଼ିଲା । ଏ ସକାଳୁ ସକାଳୁ କିଏ ଆସି ତା' ସାହାଭରସା ହେବ ବୋଲି ସେ ମୁଣ୍ଡପୋତି ଭାବୁଛି, ଏ ସମୟରେ ଠେକୁଆର ନିଦ ଭାଙ୍ଗିଗଲା । ସେ ଘାସ ଖାଇବ ବୋଲି ସେହି ବାଟରେ ଆସୁଥାଏ । ବିଲୁଆର ବିରସ ବଦନ ଦେଖି ଠେକୁଆ ପଚାରିଲା, ''କିଲୋ ନାନୀ, ତୋର ଏଇଟା ଶୋଇବାବେଳ, ତୁ କାହିଁକି ମୁହଁ ଶୁଖାଇ ଠିଆହୋଇଛୁ ?

ବିଲୁଆ କହିଲା, ''ଭାଇରେ, କ'ଣ ଆଉ କହିବି ? କିଏ ଗୋଟେ ମୋ ଘରେ ପଶି ବାଟ ଆବୋରି ବସିଛି ଯେ ମୋ ପିଲେ ବାହାରକୁ ଆସିପାରୁନାହାନ୍ତି କି ମୁଁ ଭିତରକୁ ଯାଇପାରୁନାହିଁ । ଏବେ କି ବୁଦ୍ଧି କରିବି କହ ?''

ଠେକୁଆ ସାହସ ଦେଇ କହିଲା, ''ଚାଲିଲୁ ଦେଖିବା !'' ଗାତ ପାଖକୁ ଆସି ଠେକୁଆ କହିଲା, ''ଆରେ କିଏରେ ତୁ ? ପର ଘରେ ପଶି ନାଟ ଲଗେଇଛୁ ? ବାହାରି ଆସୁଛୁ ନା ନାହିଁ ?''

ଛେଳି କହିଲା, ''ଏ, ହୁସିଆର !

ମୁଁ ଛେଳିଙ୍କ ଭିତରେ ରଜା, ମୋ ଶିଙ୍ଗ ଦୁଇଟା ଗୋଜା,

Digitized by srujanika@gmail.com

ଚୁପ୍ କରି ବାହାରେ ଥିବୁ, ପାଖକୁ ଆସିଲେ ଗୋବା ଖାଇବୁ।''

ଏତିକିରେ ଠେକୁଆ ଅଟରଛ ହୋଇ ପଳାଇଆସିଲା। କହିଲା, ''ସତରେ, କେହି ଗୋଟାଏ ଟାଣୁଆ ଜୀବ! ଆଉ ଜଣେ ଦି'ଜଣ ନହେଲେ ତା' ପାଖ ପଶି ହେବ ନାହିଁ।''

ଏତିକିବେଳକୁ ସେହି ବାଟଦେଇ ହେଟା ଫେରୁଥିଲା। ଏ ଦୁଇଜଣଙ୍କୁ ଦେଖି ସେ ପଚାରିଲା, ''କିରେ, କଥା କ'ଣ?'' ବିଲୁଆର ଦୁଃଖ ଶୁଣି ସେ ଯାଇ ଗାତମୁହଁରେ ପାଟିକଲା। କିନ୍ତୁ ତାକୁ ଛେଳି ସେହି ଏକା ଉତ୍ତର ଦେଇ ଘଉଡ଼ିଦେଲା। ଇମିତି ଗୋଟି ଗୋଟି ହୋଇ କେତେ ଜୀବ ଆସି ସେଠାରେ ପହଞ୍ଚିଗଲେ। ଶେଷକୁ ଭାଲୁଭାଇ ବି ଆସି ବିଲୁଆ ଗାତ ପାଖରେ ପାଉଗଲା। ସବୁ କଥା ଶୁଣି ସେ କହିଲା, ''ଛେଳି ବାହାରିଆସିବ। ଆମେ ସିନା ପାରିବା ନାହିଁ, ହେଲେ ତୁମେ ଝିଙ୍କ ଆଉ ଜଙ୍କଡ଼ାକୁ ଡାକ, ଛୋଟ ଅସ୍ତ୍ରରେ ବଡ଼ କାମ କରିହେବ; ସେମାନେ ପାରିବେ।''

ଏକଥା ଶୁଣି ସମସ୍ତେ ଯାଇ ଝିଙ୍କ ଜଙ୍କଡ଼ାକୁ ଡାକିଆଣିଲେ। ଭାଲୁ କହିଲା, ''ଏଥର ମୁଁ ଓ ଗଧିଆ ମିଶି ଦୁଆରବନ୍ଧ ପାଖରେ ଜଗି ରହିବୁ। ଯଦି ସେ ଛେଳି ଆମ ହାବୁଡ଼ରୁ ଖସି ଦଉଡ଼ି ପଳାଏ, ତେବେ ଧରିବାଲାଗି ଠେକୁଆ ଯାଇ ହେଇଟି ସେ ହୁଙ୍କା ପାଖରେ ବସୁ; ତା' ପାଖରେ କୋକୀ ଓ ବିଲୁଆ ରହନ୍ତୁ।''

''ଝିଙ୍କ ଓ ଜଙ୍କଡ଼ା ଗୁରୁଣ୍ଡି ଗୁରୁଣ୍ଡି ହେଇଟି ସେ ଧୂଆଁ ନଳା ବାଟେ ବିଲୁଆ ଘର ଭିତରକୁ ପଶନ୍ତୁ। ସେମାନେ ନିଜନିଜର ଛୁଞ୍ଚିମୁନିଆ ଅସ୍ତ୍ରରେ ଛେଳିକି ଫୋଡ଼ି ଘରୁ ତଡ଼ିଆଣିବେ।''

ଭାଲୁର ପ୍ରସ୍ତାବ ଅନୁସାରେ ଯେ ଯେଉଁଠି ଜଗିବା କଥା ସେଠାରେ ଜଗିଲେ। ଝିଙ୍କ ଓ ଜଙ୍କଡ଼ା ଘର ଭିତରେ ପଶୁପଶୁ ଛେଳି ତା' ଖୁରାରେ ଭୁଇଁ ରାମ୍ପୁଡ଼ି ଶିଙ୍ଗ ଦେଖାଇ ହୁଙ୍କାର କଲା, ''ହୁସିଆର, ମୁଁ କିଛି ଇମିତି ସିମିତି ଜୀବ ନୁହେଁ—

ମୁଁ ଛେଳିଙ୍କ ଭିତରେ ରଜା, ମୋ ଶିଙ୍ଗ ଦୁଇଟା ଗୋଜା,
ଚୁପ୍ କରି ବାହାରିଯିବ, ନହେଲେ ଜାଣ ଗୋବା ଖାଇବ।''

ଛେଳିର ହୁଙ୍କାର ଶୁଣି ଝିଙ୍କ ତା' କାଠି ବାଡ଼େଇ କହିଲା—

''ମୁଁ ଝିଙ୍କମାନଙ୍କ ରଜା, ମୋ କାଠିଗୁଡ଼ାକ ଗୋଜା।
ବର୍ଚ୍ଛାପରି ମାରିବି ମାଡ଼, ଭାଙ୍ଗିଦେବି ତୋର ପଞ୍ଜରା ହାଡ଼।''

ଜଙ୍କଡ଼ା କହିଲା—

''ମୁଁ ଜଙ୍କଡ଼ା ଭିତରେ ରଜା, ତୁ ଦେଖିଥିବୁ ମୋର ପଞ୍ଜା।
ମୋ ପାଖ ତୁ ମାଡ଼ିବୁନି, ଧରିନେଲେ ଆଉ ଛାଡ଼ିବିନି।''

ଏତେ ଶୁଣି ବି ଛେଳି ତା' ଜମା ଛାଡ଼ିଲାନି। ଜଙ୍କଡ଼ା ଛେଳିର ପେଟ ତଳକୁ ଗଳିଯାଇ ତା' ଲାହିକୁ ଚିମୁଟି ଧରିଲା। ଛେଳି ମେଁ କିନା ରଡ଼ିବାବେଳକୁ ଝିଙ୍କ ସାଇଁକିନା ଗୋଟାଏ କାଠି ବିନ୍ଧିଦେଲା ଯେ ଛେଳିର ପଞ୍ଜରା ଭିତରେ

Digitized by srujanika@gmail.com

ପୋଡ଼ିହୋଇଗଲା। ଆଉ କି ଛେଳି ରହେ? ଦେଲା ଗୋଟାଏ ଡିଆଁ ଯେ ଯାଇ ଘର ବାହାରେ ଠିଆହେଲା। କିନ୍ତୁ ବାହାରେ ଗଧିଆ ଓ ଭାଲୁ ଛକିବସିଥିଲେ। ଭାଲୁ ଛେଳିର ଗୋଟିଏ ଟାଙ୍ଗ ଭିଡ଼ିଧରିଲା, ଗଧିଆ ସେ ଟାଙ୍ଗଟାକୁ କାମୁଡ଼ି ପକାଇଲା। ଛେଳି ତା' ତିନିଟାଙ୍ଗରେ ଆଉ ଗୋଟିଏ ଡିଆଁ ଦେଲା ଯେ ଯାଇ ପଡ଼ିଲା ଠେକୁଆ ପାଖରେ। ସେ ଦୌଡ଼ିପଳାଉଛି ଦେଖି ଠେକୁଆ ତାକୁ ଦିଇଟା ଖେପାରେ ପଛରେ ପକାଇଦେଇ ତା' ବାଟ ଓଗାଳିଦେଲା। ପଛରୁ କୋକିଶିଆଳୀ ଆସି ଛେଳିର ଆଉ ଗୋଟାଏ ଟାଙ୍ଗ ଧରିଲା। ଚାହୁଁ ଚାହୁଁ ସମସ୍ତେ ଆସି ତା' ଉପରେ ମାଡ଼ିବସିଲେ। ସେହିଦିନୁ ଛେଳିର ବଳ ଭାଙ୍ଗିଗଲା। ଖାଲି ଜଢ଼ିଲା ଭଡ଼ି ଡମ ଦେଖାଏ; କିନ୍ତୁ ଅସଲ ଲଢ଼େଇ ବେଳକୁ ସବୁ ଫସରଫାଟିଯାଏ।

ବାଇମନୁଆ ସାଇମନ

ଜଣେ ମହାଜନ ଥାଆନ୍ତି ଯେ ଗାଆଁରେ ହୋଟେଲଟିଏ କରି ବେଶ୍ ଦୁଇପଇସା ରୋଜଗାର କରନ୍ତି। ଗାଆଁକୁ ଗଲା-ଅଇଲା ଲୋକେ ହୋଟେଲରେ ରହି ଖିଆପିଆ କରନ୍ତି। ମହାଜନେ ଭାରି ମେଳାପି ଲୋକ ହୋଇଥିବାରୁ ଖୁସିଗପ କରିବାକୁ ବି ଲୋକେ ଆସି ତାଙ୍କ ଘରେ ରୁଣ୍ଡ ହୁଅନ୍ତି। ହସଖୁସିରେ ଦିନ କଟିଯାଏ; କିନ୍ତୁ ମହାଜନଙ୍କର ଗୋଟିଏ ଅବଶୋଷ ରହିଯାଇଥାଏ। ତାଙ୍କର ସାଇମନ ବୋଲି ଗୋଟିଏ ପୁଅ। ପୁଅଟି ମଣିଷ ହେଲାନି। ରାଜାପୁଅ ପରି ସୁନ୍ଦର ପିଲା, ଦେହରେ ବଳ ଯିମିତି ମନରେ ସାହସ ସିମିତି; କିନ୍ତୁ ସେ ପିଲାରୁ ବଡ଼ ହେଲା, ତା'ର ଖେଳୁଆଡ଼ ବୁଦ୍ଧି ଗଲା ନାହିଁ। ହୁଣ୍ଡାଚଣ୍ଡାଙ୍କ ପରି ହସେ ଖେଳେ, ମାଛ ଧରେ, ଗଛ ଚଢ଼େ; ଆଉ କାମ କଥା ପଡ଼ିଲେ କହେ, ''ମୋର ଏତେ କାମଦାମ କରିବ କିଏ ମ! ମୁଁ ସହରକୁ ଚାଲିଯିବି; ରଜାଘର ଜୁଆଇଁ ହୋଇ ଚଲିବି ନାହିଁ ଯେ, ଏତେ ହାଡ଼ ଭାଙ୍ଗି କାମ କରିବି!''

ପୁଅର ଏ ହାବଭାବ ଦେଖି ବାପ ଚିନ୍ତାରେ ପଡ଼ିଗଲେ। କିନ୍ତୁ ଗାଆଁ ଲୋକେ ତାଙ୍କୁ କହିଲେ, ''ଆହେ, ଏନେ ସୁନ୍ଦର ଭେଣ୍ଡା ହୋଇଛି, ରାଜାଙ୍କ ସୈନ୍ୟଦଳକୁ ପଠାଇଦିଅ ଯେ ତା'ର ଭଲହେଦ। ସେଠାରେ ରହିଗଲେ ବଳେ ବଳେ ସାବାଡ଼ ହୋଇଯିବ।''

ମହାଜନ ଶେଷକୁ ସେହିକଥା କଲେ। ସୈନ୍ୟଦଳରେ ମିଶିଯାଅ ବୋଲି କହି ପୁଅକୁ ରାଜାଙ୍କ ଗଡ଼କୁ ପଠାଇଦେଲେ। ସାଇମନ ଖୁସିରେ ଚାଲିଗଲା। ସୈନ୍ୟଦଳରେ ମିଶିଗଲା ସତ, ହେଲେ ବର୍ଷ ବର୍ଷ କଟିଗଲା ପଛେ, ଯେଉଁ ପାଇକକୁ ସେହି ପାଇକ ହୋଇ ରହିଲା। ତା'ପରି ଅକର୍ମା ଲୋକକୁ ଉପରକୁ ଉଠିବାକୁ କିଏ ଦିଅନ୍ତା? ବରଂ ତା' ଅଳସୁଆପଣ ଦେଖି ସେନାପତି ତାକୁ ଲଢୁଆ ପାଇକଦଳରୁ ବାହାରକରି ବାଦ୍ୟବାଲାଙ୍କ ଦଳରେ ଭରି କରି ଦେଲେ। କିନ୍ତୁ ସାଇମନର ସେଥିରେ ଦୁଃଖ ନାହିଁ। ପାଇକଙ୍କ ଆଗରେ ବାଜା ବଜାଇ

Digitized by srujanika@gmail.com

ଯାହା ଦି'ପଇସା ପାଏ, ସେତକ ଜୁଆଖେଳି ଉଡ଼ାଇଦିଏ। ଜୁଆଡ଼ିକୁ ଜୁଆଡ଼ି ଜୁଟିଗଲେ। ଗୁଲିଖଟି, ମଦଖଟି ଯେଉଁଠି ଦେଖିବ ସେହି ସାଇମନ। ଦରମା ପଇସା ଘଣ୍ଟାକ ଦଶବାର ଦିନରେ ସାରିଦେଇ ଯା' ତା' ପାଖରେ ହାତ ପତାଏ, ଦଙ୍ଗା-ହଙ୍ଗାମାରେ ପଶେ। ଏପରି ହୋଇ ଦିନକୁ ଦିନ ତା'ର ଅବସ୍ଥା ଅତି ଖରାପ ହୋଇଗଲା। ଶେଷକୁ ଜଣେ ବୁଢ଼ା ଜୁଆଡ଼ି ତାକୁ ମନ୍ତ୍ରଣା ଦେଲା, ''ଆରେ, ତୋ ବାପା ତ ପଇସାବାଲା ଲୋକ, ଚିନ୍ତା କରୁଛୁ କାହିଁକି? ଗୋଟେ ଚିଠି ଲେଖିଦେ ଯେ, ତୁ ଚାକିରିରେ ଉପର ପାହିଆକୁ ଉଠିଛୁ; ଉପର ହାକିମଙ୍କ ସଙ୍ଗେ ଚଳିବାକୁ ହେଲେ ବେଶି ପଇସାପତ୍ର ଦରକାର; ନହେଲେ ମାନସମ୍ମାନ ନାହିଁ। ତେଣୁ ବାପା କିଛି ପଇସା ପଠାନ୍ତୁ।''

ସାଇମନର ମନକୁ କଥାଟା ବେଶ୍ ପାଇଲା। ସେ ଘରକୁ ଚିଠି ଲେଖିଦେଲା। ମହାଜନ ପୁଅର ଚିଠି ପାଇ ମନେ ମନେ ଖୁସି ହୋଇଗଲେ। ଭାରିଯାକୁ କହିଲେ, ''ଆଲୋ, ଦିଅଁ ସାଇମନଟାକୁ ଭଲବୁଦ୍ଧି ଦେଲେଣି; ତା'ର ବଡ଼ ଚାକିରି ହେଲାଣି – ହେଇଟି ଚିଠି ଲେଖିଛି।'' କିଛିଦିନ ଭିତରେ ମହାଜନ ପଠାଇଥିବା ଟଙ୍କା ସାଇମନ ପାଖରେ ପହଞ୍ଚିଗଲା; ତା'ର ଏଥର ବେଶି ଜୁଆଖେଳ, ବେଶି ଗୁଲିଖଟି ଚାଲିଲା। ଏହିପରି ପ୍ରତି ଦୁଇତିନି ମାସରେ ଥରେ ଚାକିରିରେ ଆହୁରି ଆହୁରି ଉପରକୁ ଉଠିଛି କହି ସାଇମନ ବାପାଙ୍କ ପାଖକୁ ଚିଠି ଲେଖିଚାଲିଲା ଏବଂ ଗାଆଁଆଡୁ ମହାଜନେ ଜମିବାଡ଼ି ବିକି ପୁଅ ପାଖକୁ ମୋଟା ଆକାରରେ ଟଙ୍କାପଇସା ପଠାଇବାକୁ ଲାଗିଲେ। ସାଇମନ ଏପରି ପଇସାପତ୍ର ଉଡ଼ାଇ ଦିନୁଦିନ ଅଧିକରୁ ଅଧିକ ନିଶାଖୋର, ଅଧିକ ଜୁଆଡ଼ି ହେବାକୁ ଲାଗିଲା। ଏପରି ଚାଲୁ ଚାଲୁ ଦିନେ ମହାଜନ ପୁଅଠାରୁ ଚିଠି ପାଇଗଲେ ଯେ ପୁଅ ଜଣେ ସେନାପତି ହୋଇଯାଇଛି, ସେ ଅନ୍ୟ ସେନାପତିମାନଙ୍କୁ ଭୋଜି ଦେବ; ତେଣୁ ବାପା ପାଞ୍ଚ ସାତ ହଜାର ଟଙ୍କା ପଠାନ୍ତୁ। ସେଦିନର ଅଗୁଣର ପୁଅ ଏବେ ସେନାପତି ପଦକୁ ଉଠିଗଲା ଶୁଣି ମହାଜନଙ୍କ ଛାତି କୁଣ୍ଢେ ମୋଟ ହୋଇଗଲା। ସେ କହିଲେ ନିଜେ ଯାଇ ପୁଅର ବିଭବ ଦେଖିଆସିବେ। ତାଙ୍କ ସହିତ ତାଙ୍କ ସ୍ତ୍ରୀ ମଧ୍ୟ ବାହାରିଲେ। ଟଙ୍କାପଇସା ଧରି ମହାଜନିଆଣୀଙ୍କ ଗାଡ଼ି ଯେତେବେଳେ ଗଡ଼ରେ ପହଞ୍ଚେ ସେତେବେଳକୁ ସେଠାରେ ସୈନ୍ୟମାନଙ୍କର ଗୋଟିଏ ମେଳା ହେଉଥାଏ। ଦଳଦଳ ସୈନ୍ୟ ଖଣ୍ଡା, କାତି, ବନ୍ଧୁକ, ପିସ୍ତଲ ଧରି ଚାଲିଥାନ୍ତି। ସେମାନଙ୍କ ଉପର ହାକିମମାନେ ବେଶଭୂଷା ହୋଇ ହୁକୁମ ଦେଇ ଚାଲିଥାନ୍ତି। ମହାଜନେ ଗାଡ଼ି ଅଟକାଇ ମେଳା ଦେଖିବେ ବୋଲି ତଳକୁ ଓହ୍ଲାଇ ପଡ଼ିଲେ। ତାଙ୍କୁ ତାଙ୍କ ପୁଅ ସେନାପତି କେଉଁଠି ଅଛି ବୋଲି ସେ ଯେତେ ଖୋଜିଲେ କେଉଁଠି ଦେଖିପାରିଲେ ନାହିଁ। ଶେଷକୁ ବାହାରକୁ ଆସିଥିବା ଜଣେ ସୈନ୍ୟକୁ ସେ ପଚାରିଲେ, ''ସେନାପତି ସାଇମନ କେଉଁଠି ଅଛନ୍ତି କି?'' ସେନାପତି ସାଇମନଙ୍କ ନାଆଁ ଶୁଣି ସୈନ୍ୟଟି ଅବାକ୍ ହୋଇଗଲା।

କହିଲା, ''ନାହିଁ ମହାଜନେ, ଆମ ରାଜ୍ୟରେ ସେ ନାଆଁରେ କେହି ସେନାପତି ନାହାନ୍ତି।''

Digitized by srujanika@gmail.com

ଏପରି ଏଠିସେଠି ବୁଝୁ ବୁଝୁ ଶେଷକୁ ମହାଜନେ ଜଣେ ଲୋକକୁ ତାଙ୍କ ପୁଅ ଦେଇଥିବା ଚିଠିଟି ଦେଖାଇଲେ, ସବୁ ଇତିହାସ ବି କହିଗଲେ। ସବୁ ଶୁଣି ଲୋକଟି ହସି ହସି କହିଲା, ''ଆହେ, ସେହି ସାଇମନ ତୁମ ପୁଅ ନା ? ସେଇଟା ମଦୁଆ ଗୁଲିଆଟାଏ ! ବାଜାବାଲା ଜାମ କରୁଛି ଯେ ମାସକୁ ଅଠଉଣ ଦିନ କାମକୁ ଆସୁନି। ଏବେ ସେ କେଉଁ ଜୁଆଆଡ଼ା କି ମଦଖଟିରେ ପଡ଼ିଥିବ, ତୁମେ ତାକୁ ଏଠି କାହୁଁ ପାଇବ ?''

ମହାଜନଙ୍କ ମୁଣ୍ଡ ତଳକୁ ହୋଇଗଲା। ପାଷଣ୍ଟଟା କି ନ କଲା ! ନିଜେ ଖରାପ ହେଲା, ଘରର ସମ୍ପତ୍ତିବାଡ଼ି ବି ବିକାଇଦେଲା ! ଭାବିଲେ, ଜୁଆଙ୍ଗାରଟାକୁ ପାଇନେ ଧରିନେଇ ଫାଶୀ ଦେଇଦେବେ। ଏପରି ଭାବି ସେ ତାକୁ ଗଡ଼ସାରା ଖୋଜିଗଲେ। ଅନେକ ଖୋଜାଖୋଜି ପରେ ଗୋଟିଏ ମଦଖଟିରେ ସାଇମନ ଧରାପଡ଼ିଗଲା। ହେଲା ନିସ୍ତୁକ ମାଡ଼। ଶେଷରେ ତା' ଗୋଡ଼ହାତ ଚାରିଟାକୁ ବାନ୍ଧି ତାକୁ ଗାଡ଼ିତଳେ ଝୁଲାଇଦେଲେ; କହିଲେ, ନିଶ୍ଚୟ ଫାଶୀ ଦେଇଦେବେ। ସେକାଳରେ ସେ ଦେଶରେ ବାପ ଚାହିଁଲେ ପୁଅକୁ ଏପରି ଦଣ୍ଡ ଦେଇପାରୁଥିଲେ। ମହାଜନିଆଣୀ କେତେ କାନ୍ଦିଲେ, କେତେ ନେହୁରା ହେଲେ। ମହାଜନେ କୌଣସି କଥା ନଶୁଣି ଗାଆଁଆଡ଼େ ଗାଡ଼ି ଚଳାଇନେଲେ। ଏତିକିବେଳେ ସେ ଯେଉଁ ବୁଢ଼ା ଜୁଆଡ଼ିଟି ସାଇମନକୁ ଏପରି ମିଛ ଚିଠି ଲେଖିବାକୁ ଶିଖାଇଦେଇଥିଲା, ସେ ଆସି ସେଠାରେ ପହଞ୍ଚିଗଲା। ଏପରି ମନ୍ଦବୁଦ୍ଧି ଶିଖାଇଥିବାରୁ ଏବେ ସାଇମନ ଏତେସରି ହେଲା ବୋଲି ତା' ମନରେ ବଡ଼ ଦୁଃଖ ହେଲା। ସେ ଗାଡ଼ି ପଛରେ ଧାଇଁ ଧାଇଁ ଝୁଲୁଥିବା ଦଉଡ଼ିଟି କାଟିଦେଲା। ଗାଡ଼ି ଚାଲିଥାଏ। ମହାଜନ ଦୁଃଖରେ ତୁଳେଇ ପଡ଼ିଥାନ୍ତି। ସାଇମନ ତଳେ ପଡ଼ିଗଲା। ଗାଡ଼ି ଚାଲିଯିବା ପରେ ବୁଢ଼ା ସାଇମନର ହାତଗୋଡ଼ରୁ ଗଣ୍ଠି ଫିଟାଇ ତାକୁ ଅନେକ ବୁଝାଇଲା। ନିଜେ ଦୁଃଖ କଲା। କହିଲା, ''ବାପା, ମୋ ପରି ଅଧମର ବୋଲ କେବେ ମାନିବୁ ନାହିଁ। ଏବେ କିନ୍ତୁ ତୋର ଅନ୍ୟ ବାଟ ନାହିଁ; ଏ ରାଜ୍ୟ ଛାଡ଼ି ଯେଉଁଠିକି ପାରୁଛୁ ସେଠିକି ଚାଲିଯାଆ। ମଦୁଆ, ଗୁଲିଆ, ଜୁଆଡ଼ି ବୁଦ୍ଧି ଛାଡ଼ିଦେ। ଭଲ ମଣିଷ ହୁଅ।''

ସାଇମନର ଆଖିରୁ ଲୁହ ଝରିଆସିଲା। ଭଲ ହେବି ବୋଲି ଶପଥ କରି ସେ ରାଜ୍ୟ ଛାଡ଼ି ପଳାଇଗଲା। ସଉଦାନଟା ଖସିଗଲା ବୋଲି ମହାଜନେ ଗାଆଁରେ ଗୁଡ଼ାଏ ରଙ୍ଗଚାଉଳ ଚୋବାଇ ହେଲେ। ଏଣେ ସାଇମନ ବଣଛଙ୍ଗଳ, ପାହାଡ଼ ପର୍ବତ, ନଈ ନାଳ ପାରହୋଇ ଚାଲି ଯାଉ ଯାଉ ଯାଇ ପହଞ୍ଚିଲା ଆଉ ଗୋଟିଏ ରାଜ୍ୟରେ। ବାଜାଦଳରେ ଥିବାବେଳେ ସେ ତ ଆଉ କିଛି ଭଲ କଥା ଶିଖିନଥିଲା, ବଇଁଶୀ ବଜାଇବାଟି ଭଲ ଶିଖିଥିଲା। ଏତେ ଖରାପ ବୁଦ୍ଧି ସତ୍ତ୍ୱେ, ସେ ଯେତେବେଳେ ଇହରୀ ତୋଳି ବଇଁଶୀ ବଜାଏ, ସେତେବେଳେ ଚାଲିଯାଉଥିବା ଲୋକେ ବି ଦଣ୍ଡେ ଠିଆହୋଇ ଶୁଣିଯାଆନ୍ତି। ଏବେ ସେହି ବଇଁଶୀବଜାଟି ତା'ର ବଡ଼ ସାହା ହେଲା। ବଇଁଶୀ ବଜାଇ ଦି'ଥର ବୁଲିଗଲା ବେଳକୁ ଦିନକର ଖୋରାକି ମିଳିଯାଏ।

Digitized by srujanika@gmail.com

ସେ ଏପରି ବୁଲୁ ବୁଲୁ ଦିନେ ଯାଇ ରାଜାଙ୍କ ଗଡ଼ରେ ପହଞ୍ଚିଗଲା।

ରାଜାଙ୍କ ନଅର ପାଖ ପଡ଼ିଆରେ ବସି ବଇଁଶୀ ବଜାଉଛି, ଦେଖିଲା ସେଠାରେ ଦୁଇଟି ନଅର ଅଛି— ଗୋଟିଏ ପାହାଡ଼ ଉପରେ ଏବଂ ଅନ୍ୟଟି ତଳେ। ତଳ ନଅରଟିରେ ରାଜା ରହୁଛନ୍ତି। ସେଥିରେ ଦାସୀ, ପୋଇଲୀ, ଚାକରବାକର, ସୈନ୍ୟସାମନ୍ତ ଭରିହୋଇଛନ୍ତି। କିନ୍ତୁ ଆର ନଅରଟି ଖାଲି ପଡ଼ିଛି, ସେଠାରେ ବିରାଡ଼ିଛୁଆଟିଏ ବି ନାହିଁ। ବଇଁଶୀ ଶୁଣୁଥିବା ଲୋକଙ୍କୁ ସେ ଏହାର କାରଣ ପଚାରିଲା। ଲୋକେ କହିଲେ, "ପାହାଡ଼ ଉପର ନଅରଟି ବୁଢ଼ା ରାଜା ତୋଳିଥିଲେ। କିନ୍ତୁ ବୁଢ଼ା ରଜା ତ ମଣିଷ ନଥିଲେ; ସଇତାନ ଥିଲେ ବୋଲି କହିଲେ ଠିକ୍ ହେବ। ଦୁନିଆଁର ସବୁ ପାପ କରିଛନ୍ତି; କେତେ ଘର ବୁଡ଼େଇଛନ୍ତି, ତା'ର ଠିକ୍ ନାହିଁ। ଏତେ ପାପ କରିଥିବା ଲୋକ କ'ଣ ମଲେ ଶାନ୍ତି ପାଏ? ବୁଢ଼ା ମଲା ପରେ ଭୂତ ହୋଇ ସେ ନଅରରେ ରହିଛି। ସବୁଦିନ ରାତିଅଧରେ ବାହାରୁଛି। ତେଣୁ ସେ ନଅରରେ ମଣିଷ ରହିବେ କିପରି? ସେଥିପାଇଁ ଏ ନୂଆ ରାଜା ଏ ନୂଆ ନଅର ତୋଳିଛନ୍ତି। ତଥାପି କ'ଣ ଶାନ୍ତି ଅଛି?"

ସାଇମନ ପଚାରିଲା, "କାହିଁକି?"

"ବୁଢ଼ା ରଜାର ପ୍ରେତ କହୁଛି, ତା' ଆତ୍ମା ମୁକ୍ତି ନପାଇବାଯାଏଁ ନୂଆ ରାଜା ଝିଅକୁ ବାହା ଦେଇ ପାରିବେ ନାହିଁ। ଯେଉଁ ଲୋକ ବୁଢ଼ା ରାଜାର ପ୍ରେତକୁ ମୁକ୍ତି ଦେବ, ସେହି ରଜାଝିଅକୁ ବାହାହେବ। ଦେବୀପ୍ରତିମା ପରି ସୁନ୍ଦର ଝିଅ, ବାହା ବୟସ ଗଡ଼ିଯାଉଛି, ବର ମିଳୁନି। ଆମ ରାଜାଙ୍କର ସେଥିପାଇଁ ଭାରି ମନଦୁଃଖ।"

"ବର ନାହିଁକି ମିଳୁନାହାନ୍ତି?"

"ପ୍ରେତକୁ ମୁକ୍ତି ଦେବା ଲୋକ ପରା ମିଳୁନାହାନ୍ତି।"

"ପ୍ରେତ କ'ଣ କଲେ ମୁକ୍ତି ପାଇବ?"

"କେଜାଣି! ପ୍ରେତ କାଳେ କହିଛି, ସେ ପୁରୁଣା ନଅରରେ ଯେଉଁ ଲୋକ ରାତିଏ ଏଜାଟିଆ ରହିପାରିବ, ସେ କାଳେ ସବୁ କରି ପାରିବ। ଏ କଥା ଶୁଣି କେତେଆଡୁ କେତେ ରଜାପୁଅ ଆସିଲେଣି, ସାହସ କରି ସେ ନଅରକୁ ରାତିରେ ଯାଉଛନ୍ତି; କିନ୍ତୁ ରାତି ପାହି ସକାଳ ହେବା ବେଳକୁ ସେମାନଙ୍କର ଦେଖାମିଳୁନି। ପ୍ରେତ ବୋଧହୁଏ ଖାଇଯାଉଛି କି କ'ଣ! ଆଗେ ଆଗେ ରଜାପୁଅମାନେ ଏ କାମକୁ ଆସୁଥିଲେ; କିନ୍ତୁ ଗଲା ଦି' ଚାରି ବରଷ ହେଲା କେହି ଆସୁନାହାନ୍ତି। ଆପଣା ପ୍ରାଣକୁ କାହାର ଲୋଭ ନାହିଁ?"

ଏସବୁ ଶୁଣି ସାଇମନ ମନେ ମନେ ଭାବିଲା, "ମୋର ଏ ହୀନିମାନିଆ ଜୀବନରେ ବା କି ଲାଭ ଅଛି? ମୁଁ ଥରେ ଚେଷ୍ଟାକରି ଦେଖିବି। ପ୍ରେତ ଯଦି ଖାଇଯିବ, ମୁଁ ଦୁଃଖରୁ ଉଧୁରିଯିବି। ନାହିଁ ଯଦି ମୁଁ ପ୍ରେତକୁ ମୁକ୍ତି ଦେଇଦେବି, ତେବେ ରାଜାଙ୍କ ଜୁଆଇଁ ହୋଇ ସୁଖରେ କାଳ କାଟିବି।" ସେ ଏପରି ଭାବି ବଇଁଶୀ ବଜାଉଛି, ସେପଟେ ରଜାଝିଅ ନଅର ଛାତ ଉପରେ ବୁଲୁ ବୁଲୁ ଡାକୁ

Digitized by srujanika@gmail.com

ଦେଖିଦେଲା। ସାଇମନର ସୁନ୍ଦର ଚେହେରା ଦେଖି, ତା' ଲହରୀତୋଳା ବଇଁଶୀ ବଜା ଶୁଣି ରଜାଝିଅ ମୋହିହୋଇଗଲା। ସେ ଯାଇ ରଜାଙ୍କୁ କହିଲା, ''ଦଦେଇ, ସେ ବଇଁଶୀବାଲାଜୁ ଡାକ, ସେ ଆସି ଆମ ନଅରରେ ବଇଁଶୀ ବଜାଉ।'' ରଜା ମଧ୍ୟ ତା' ବଇଁଶୀ ସ୍ୱନରେ ଖୁସି ହୋଇଗଲେ। ସେହିଦିନଠାରୁ ସେ ନଅରରେ ରହିଗଲା। ସବୁଦିନ ରଜାଝିଅକୁ ବଇଁଶୀ ଶୁଣାଏ; ଖିଆପିଆ, ହାନିଲାଭ, ଲୁଗାପଟା ସବୁ ରାଜା ବୁଝନ୍ତି। ଏଥର ସୁସ୍ଥ ସବଳ ହୋଇ ସେ ରଜାପୁଅ ପରି ଦେଖାଗଲା। କିଛିଦିନ ପରେ ସେ ରାଜାଙ୍କୁ କହିଲା, ''ମଣିମା, ମୁଁ ଆପଣଙ୍କ ପୁରୁଣା ନଅରର ପ୍ରେତ ବିଷୟ ଶୁଣିଛି। ମତେ ଅନୁମତି ମିଳିଲେ ମୁଁ ଯାଇ ଥରେ ଚେଷ୍ଟା କରନ୍ତି।''

ରାଜା ତା' ଉପରେ ଏତେ ଖୁସି ହୋଇଯାଇଥିଲେ ଯେ, ତା' ପ୍ରସ୍ତାବ ଶୁଣି ସେ ଦୁଃଖ କଲେ। କହିଲେ, ''ସାଇମନ, ମୁଁ ଜାଣି ଜାଣି ତୁମକୁ ମରଣମୁହଁକୁ କିପରି ଛାଡ଼ିଦେବି?'' ରାଜାଝିଅ ବି ତାକୁ ସେ ବିପଦ ଭିତରକୁ ଛାଡ଼ିବାକୁ ରାଜି ହେଲା ନାହିଁ। କିନ୍ତୁ ସାଇମନ ବହୁ ଅନୁରୋଧ କରିବାରୁ ରାଜା ତା' ପ୍ରସ୍ତାବରେ ରାଜିହୋଇଗଲେ।

ସେଦିନ ସନ୍ଧ୍ୟାରେ ରାଜାଙ୍କ ସିପାହୀମାନେ ସାଇମନକୁ ନେଇ ପୁରୁଣା ନଅର ଭିତରେ ଛାଡ଼ିଦେଇ ଆସିଲେ। ସେମାନେ କେହି ସେ ଭିତରକୁ ଯିବାକୁ ସାହସ କଲେ ନାହିଁ। ସେଦିନ ପୂର୍ଣ୍ଣିମା ରାତି। ଆକାଶରେ ଜହ୍ନ ଝଟକୁଥାଏ। ସାଇମନ ଦେଖିଲା, ନଅରର ଘରଦ୍ୱାର ଅତି ଚମତ୍କାର ହୋଇଛି। ଚଟାଣରେ ଶଙ୍ଖମଇମଳ ପଥର। କାନ୍ଥରେ ନାନା ପ୍ରକାର ରଙ୍ଗିନ୍ ଚିତ୍ର। ଛାତରେ ଚାନ୍ଦୁଆ। ବଡ଼ ବଡ଼ ବାରଣ୍ଡା, କେତେ ନାହିଁ କେତେ କୋଠରି, ସବୁ କୋଠରିରେ ବଡ଼ ବଡ଼ ତାଲା। ମଝିରେ ଗୋଟିଏ ସୁନ୍ଦର ଫୁଲ ବଗିଚା। ଯତ୍ନ ଅଭାବରୁ ଗଛପତ୍ର ମରି ମରି ଗଲାଣି; ଘାସ ଓ ଅନାବନା ଗଛରେ ଭରିହୋଇଗଲାଣି। ଏପରି ସବୁ ଦେଖୁ ଦେଖୁ ବାରଣ୍ଡାରେ ଗୋଟିଏ ସୁନ୍ଦର ଚଉକି ପଡ଼ିଥିବାର ସେ ଦେଖିଲା। ଚଉକିଟି ଉଠାଇ ନେଇ ବଗିଚା ମଝିରେ ଥିବା ଏକ ମଣ୍ଡପରେ ପକାଇଦେଲା। ବାରଣ୍ଡାରେ କାନ୍ଥ ଆଲମାରିରେ କେତେ କେତେ ବହି ରହିଥାଏ। ସେଥିରୁ ଗୋଟାଏ ବହି ଧରି ବଗିଚା ମଣ୍ଡପରେ ବସିପଢୁଛି ହଠାତ୍ କେଉଁଠି କେଜାଣି ଗୋଟିଏ କବାଟ ଫିଟିଯିବାର ଶବ୍ଦ ହେଲା। ସାଇମନ ସେଆଡ଼େ ଚାହିଁ ନଚାହିଁ ବହିପଢ଼ାରେ ଲାଗିଥାଏ। କିଏ 'ସେ ଜଣେ ଜୋରରେ ପାଦ ପକାଇ ତା' ଆଡ଼େ ଆସୁଥିବାର ଶୁଣାଗଲା। ସାଇମନ କଣେଇ କଣେଇ ଚାହିଁଲା। ଦେଖିଲା ଜଣେ ଦାଢ଼ିଆ ବୁଢ଼ା ଆସୁଛି। ମୋଟା ଡେଙ୍ଗା ଲୋକଟାଏ। ଦାଢ଼ି ବାଳ ସବୁ ଝୋଟ ପରି ଧଳା। ହାତରେ ଗୋଟିଏ ବଡ଼ ଚାବି ନେଇଛି। ବୁଢ଼ା ଆସି ସାଇମନ ବସିଥିବା ମଣ୍ଡପ ଉପରକୁ ଉଠିଗଲା ଓ ବଡ଼ପାଟିରେ ପଚାରିଲା, ''ଏ, ତୁ କିଏ? ବିନା ଅନୁମତିରେ ମୋ ଚଉକିରେ ବସିଲୁ କାହିଁକି?''

ସାଇମନ କିଛି ନଜହି ନଶୁଣିବା ପରି ବହି ପଢ଼ିବାରେ ଲାଗିଥାଏ। ବୁଢ଼ା ଧମକ ଦେଇ କହିଲା, ''ତୁ କାହା ଘରକୁ ପଶିଆସିଛୁ ଜାଣୁ?''

Digitized by srujanika@gmail.com

ସାଇମନ କହିଲା, ''ସାଇମନ କିଛି ବାଇମନ ନୁହେଁ।''

''ତୁ ସାଇମନ କି ବାଇମନ, ତୁ ଜାଣିଥିବୁ— କିନ୍ତୁ ତୁ କି ଛାର! କେତେ କେତେ ରଜାପୁଅ ଏଠୁ ଫେରି ଯାଇପାରିନାହାନ୍ତି; ଜାଣିଛୁ?''

ସାଇମନ ବେଖାତିର କରି କହିଲା, ''ମତେ ଅନ୍ୟମାନଙ୍କ ସାଥିରେ ତଉଲିବ ନାହିଁ।''

ବୁଢ଼ା ହସିଉଠିଲା ଯେ ନଅରଟା ସେ ହସରେ ଥରି ଉଠିଲା। ସେ କହିଲା, ''ଜାଣିନୁ, ଜାଣିନୁ, ତତେ ଦେଖେଇ ଦେଉଛି ରହ। ହେଇଟି ଚାବି ନେ, ସେ ଘର ଖୋଲ।'' ସାଇମନ କିଛି କହି ଗାଲୁମାରି ବସିରହିଲା। ବୁଢ଼ା ପୁଣି ଥରେ ଧମକଦେଲା, ''ଚାବି ନେଇ ସେ ଘର ଖୋଲ କହୁଛି।'' ଏଥର ସାଇମନ ସାହସ ଧରି କହିଲା, ''ମୁଁ ଥରେ କହିଲି, ମତେ ଆନଲୋକଙ୍କ ସଙ୍ଗେ ସମାନ ବୋଲି ଭାବିବ ନାହିଁ। ମୁଁ କାହା ଆଦେଶ ପାଳନ କରିବା ଶିଖିନାହିଁ। ମୁଁ ଆଦେଶ ଦେଇଜାଣେ। ହଁ, ତୁମେ ବୁଢ଼ାଲୋକ, ଯଦି ଡାକିବ ତେବେ ତୁମ ସହିତ ଯାଇପାରେ; ହୁକୁମ ଦେଲେ ଶୁଣିବି ନାହିଁ।''

''ତାହେଲେ ମୋ ପଛେ ପଛେ ଆସ,'' କହି ବୁଢ଼ା ଆଗରେ ଚାଲିଲା, ସାଇମନ ତା' ପଛରେ ଚାଲିଲା। ବୁଢ଼ା ହଠାତ୍ କେଉଁଠୁ ଗୋଟିଏ ଦିହୁଡ଼ି ଆଣି ଜାଳିଲା। ଦିହୁଡ଼ିଟି ଧରି ଗୋଟିଏ କବାଟ ପାଖକୁ ଯାଇ କହିଲା, ''ଆରେ, ତୁ ଏତେ ଟାଣ ଦେଖାନା! ଚାବି ନେଇ ଏ ତାଲାଟା ଖୋଲିଦେ।''

ସାଇମନ କହିଲା, ''ମୁଁ ସେ ଚାବି ଚିହ୍ନିନି, ତୁମେ ଖୋଲ।'' ବୁଢ଼ା ବାଧ୍ୟହୋଇ ନିଜେ ତାଲା ଖୋଲିଲା। ଦିହେଁ ଏଥର ଗୋଟିଏ ବଡ଼ କୋଠରିରେ ପଶିଲେ। ସେ ଭିତରେ ଆଉ ଗୋଟିଏ କବାଟରେ ତାଲା ପଡ଼ିଥାଏ। ବୁଢ଼ା ଏଥର ଟିକିଏ ନରମ ହୋଇ କହିଲା, ''ଆରେ, ଗୋଟିଏ ହାତରେ ଦିହୁଡ଼ି ଧରିଛି; ଆଉ ଗୋଟିଏ ହାତରେ ତାଲା ଖୋଲିବା କି କଷ୍ଟ ତା' ତୁ ଜାଣିଥିବୁ। ତୁ ତାଲାଟା ଖୋଲିଦେ।''

ସାଇମନ କହିଲା, ''ତାହେଲେ ଦିହୁଡ଼ିଟା ମୋ ହାତକୁ ଦିଅ, ମୁଁ ଧରେ, ତୁମେ ତାଲା ଖୋଲ।''

ବୁଢ଼ା ସାଇମନକୁ ଆଡ଼ଆଖିରେ ଚାହିଁ ଦେଇ ଟିକେ ମୁରୁକିହସା ଦେଲା। ତା'ପରେ ତା' ହାତକୁ ଦିହୁଡ଼ିଟା ବଢ଼ାଇ ଦେଲା। ସାଇମନ ଦିହୁଡ଼ି ଦେଖାଇଲା। ବୁଢ଼ା ତାଲା ଖୋଲିଲା। ଏହିପରି ଭିତରକୁ ଭିତରକୁ ଯାଉ ଯାଉ ଗୋଟି ଗୋଟି ହୋଇ ଏଗାରଟି କୋଠରି ପାରହେବା ପରେ ଦ୍ୱାଦଶ କୋଠରିଟି ଖୋଲିଦେଇ ବୁଢ଼ା କହିଲା, ''ଦେଖୁଛୁ, ଦେଖୁଛୁଟି?''

ସାଇମନ କହିଲା, ''ହଁ, ହଁ, ଦେଖୁଛି; ଗୁଡ଼ାଏ ଲୋକ ମରି ପଡ଼ିଛନ୍ତି। ଭଲ ପୋଷାକ ପିନ୍ଧିଛନ୍ତି, ଖଣ୍ଡା ତଲୱାର ଧରି ମରିପଡ଼ିଛନ୍ତି। ତରକୁଳା ମାଇଟିଆଗୁଡ଼ାକ; ନହେଲେ କି ହାତରେ ଖଣ୍ଡା ଥାଉ ଥାଉ ଏ ଭିତରେ ଏମାନଙ୍କୁ ଅନ୍ୟ ଲୋକ ମାରିଦେଇଥାନ୍ତା?''

ବୁଢ଼ା ଗୋଟାଏ ହସ ହସିଦେଇ ଘର କୋଣରୁ ଏକ ମସ୍ତବଡ଼ କୁରାଢ଼ି

Digitized by srujanika@gmail.com

କାଢ଼ି ଆଣିଲା। କୁରାଢ଼ି ଦେଖାଇ କହିଲା, ''ଦେଖୁଛୁ ଏ କୁରାଢ଼ି, ଏହା ଆଗରେ କେଉଁ ଖଣ୍ଡା କାମ ଦେବ? ଏମାନେ ସବୁ ରଚ୍ଚାପୁଅ। ମୋ ନାତୁଣୀକି ବାହା ହେବା ଆଶାରେ ଏଠାକୁ ଆସିଥିଲେ। ଏ ସମସ୍ତଙ୍କୁ ମୁଁ ଏହି କୁରାଢ଼ିରେ ମାରିଦେଇଛି। ତତେ ବି ହାଣିବି।'' କହୁ କହୁ କୁରାଢ଼ି ଟେକିଦେଲା। ସାଇମନ ଅଟଳ ରହି କହିଲା, ''କୁରାଢ଼ି ରଖିଦିଅ କହୁଛି! ଯଦି ନରଖ, ତେବେ ଏଥିରୁ ଗୋଟାଏ ଖଣ୍ଡା ଉଠାଇଆଣି ଠିକ୍ ଜବାବ ଦେଇଦେବି ଜାଣିଥାଅ!''

ବୁଢ଼ା ସଙ୍ଗେ ସଙ୍ଗେ କୁରାଢ଼ି ପକାଇଦେଇ ସାଇମନକୁ କହିଲା, ''ସାବାସ୍, ମୁଁ ମୋ ନାତୁଣୀ ପାଇଁ ଇମିତିକା ଜ୍ୱାଇଁ ଖୋଜୁଥିଲି। ବାପା, ମୁଁ ଜଣେ ପାପୀ। ଜୀବନରେ ବହୁ ପାପ କରି ଶେଷକୁ ଏପରି ପ୍ରେତ ହୋଇ ରହିଛି। ବଞ୍ଚିଥିବାଯାକ ଲୋକଙ୍କୁ ଧମକଚମକ ଦେଇ ରଖିଥିଲି ଯେ କେହି ମତେ ଉତ୍ତର ଦେଇପାରୁ ନଥିଲେ। ମଲାପରେ ବି ଦେଖିଲି ମତେ କେହି ଉତ୍ତର ଦେଇପାରୁ ନାହାନ୍ତି; ଦୋଷୀକୁ ଦୋଷୀ ବୋଲି କହିବାକୁ ଡରୁଛନ୍ତି। ତେଣୁ ମୋ ଆତ୍ମାର ତୃପ୍ତି ନାହିଁ, ଶାନ୍ତି ନାହିଁ। ଏତେ ଦିନକେ ଦେଖିଲି ତୁ ଜଣେ ସୁପୁରୁଷ। ତୋରି ହାତରେ ହାଣ ଖାଇଲେ, ବୀର ହାତରେ ଦଣ୍ଡ ପାଇଲେ ମୋ ଆତ୍ମାର ମୁକ୍ତି ହେବ। ନେ, ଏହି କୁରାଢ଼ିରେ ମୋ ବେକମୁଣ୍ଡାରେ ଗୋଟିଏ ଚୋଟ ପକା''– କହୁ କହୁ ବୁଢ଼ା ସାଇମନ ହାତକୁ କୁରାଢ଼ିଟି ବଢ଼ାଇଦେଲା। କିନ୍ତୁ ସାଇମନ କହିଲା, ''ନା ନା, ସେପରି କହ ନାହିଁ। ତୁମେ ବୟସ୍କ ଲୋକ; ତୁମ ଆଗରେ ମୁଁ ପିଲା। ତୁମ ଉପରକୁ ଅକାରଣରେ ହାତ ଟେକିବା ମହାପାପ।''

ବୁଢ଼ା କହିଲା, ''ପାପ ନୁହେଁ, ପାପ ନୁହେଁ; ତୁ ଏତକ ନକଲେ ମୁଁ ମୁକ୍ତି ପାଇବି ନାହିଁ। ମୋର ମଙ୍ଗଳ ପାଇଁ ଏତକ କର। ଅନ୍ୟର ମଙ୍ଗଳ ପାଇଁ ମଣିଷ ଯାହା କରିବ, ତାହା ପାପ ପରି ଜଣାଗଲେ ବି ସତରେ ପାପ ନୁହେଁ। ଆଉ ତେରି କରନା, କାମ ସାରିଦେ।''

ସାଇମନ ବୁଢ଼ା କଥା ଭାଙ୍ଗି ନପାରି, ସେ କୁରାଢ଼ି ଟେକି ବୁଢ଼ାର ବେକମୁଣ୍ଡାରେ ଗୋଟିଏ ଚୋଟ ବସାଇଦେଲା। ଶୁଣାଗଲା ବୁଢ଼ା କହୁଛି, ''ପ୍ରଭୁ ତୋର ମଙ୍ଗଳ କରନ୍ତୁ, ପ୍ରଭୁ ତୋର ମଙ୍ଗଳ କରନ୍ତୁ।'' କିନ୍ତୁ ବୁଢ଼ାର ଗଣ୍ଡିମୁଣ୍ଡ କିଛି ଦେଖାଗଲାନାହିଁ। ସାଇମନ ଆଉ ସେଠି ନରହି ବଗିଚା ମଣ୍ଡପ ଉପରକୁ ପଳାଇ ଆସିଲା।

ତା'ପରଦିନ ସକାଳୁ ସାଇମନର କ'ଣ ହେଲା ବୋଲି ଜାଣିବାକୁ ରାଜା ସୈନ୍ୟସାମନ୍ତ ନେଇ ପୁରୁଣା ନଅରକୁ ପଶିଆସିଲେ। ସାଇମନ ବଞ୍ଚିଛି ଦେଖି ସମସ୍ତେ ଆନନ୍ଦରେ ନାଚିଉଠିଲେ। ରାତିର ସବୁ ଘଟଣା ଶୁଣିବା ପରେ ରାଜା ନିଜେ ଦ୍ୱାଦଶ କୋଠରିକୁ ଯାଇ ମରିପଡ଼ିଥିବା ରଚ୍ଚାପୁଅମାନଙ୍କ ମୁଣ୍ଡଗଣ୍ଡି ସବୁ ଦେଖିଲେ। ଏଥର ଆଉ ସେ ଝିଅର ବାହାଘର କାମରେ ତେରି କରନ୍ତେ କାହିଁକି? ବାହାଘର ପାଇଁ ସକଳ ଆୟୋଜନ ଆରମ୍ଭ ହୋଇଗଲା। କିନ୍ତୁ ସାଇମନ କହିଲା, ''ମହାରାଜ, ମୁଁ ମୋ ବାପାଙ୍କ ମନରେ ବଡ଼ ଅଶାନ୍ତି ଦେଇଛି। ତାଙ୍କୁ ସବୁ କଥା ଜଣାଇ ସନ୍ତୁଷ୍ଟ କରିବି; ତା'ପରେ ବାହାହେବି।''

Digitized by srujanika@gmail.com

ସବୁକଥା ବିସ୍ତୃତ ଶୁଣି ରାଜା ମଧୁ ସାଇମନ କଥାରେ ରାଜି ହୋଇଗଲେ। ତାହାଘର ଆୟୋଜନଟା ନିର୍ବଘ୍ନ ଘର ଭୋଜିରେ ପରିଣତ ହୋଇଗଲା। ନିର୍ବଘ୍ନ ଶେଷ ହେଉ ହେଉ ରାଜା ସାଇମନକୁ ତା' ବାପା ମାଆଙ୍କ ଲାଗି ଗୁଡ଼ିଏ ବହୁମୂଲ୍ୟ ଉପହାର ଦେଲେ। ସେ କେତେକ ସୈନ୍ୟସାମନ୍ତ ଧରି ଘୋଡ଼ାଘୋଡ଼ା ଜରି ନିଜ ଗାଆଁକୁ ଚାଲିଲା।

ତା' ଗାଆଁ ତ ଅନେକ ଦୂର। ଦଳବଳ ନେଇ ଯାଉ ଯାଉ ବାଟରେ ଅନେକ ଦିନ ବିତିଗଲା। ଦିନେ ସେମାନେ ଗୋଟିଏ ଘଞ୍ଚ ବଣ ପାରହେଉଛନ୍ତି, ଏ ସମୟରେ ଚାରିଦିଗ ଅନ୍ଧକାର କରି ବର୍ଷା ମାଡ଼ି ଆସିଲା। ଏମାନେ ବାଟବଣା ହୋଇ ଧାଇଁ ଧାଇଁ କେଉଁଆଡ଼େ ଯେ ପଳାଇଲେ ଜାଣିପାରିଲେ ନାହିଁ। ବର୍ଷା ଛାଡ଼ିବା ବେଳକୁ ରାତି ହୋଇଯାଇଥାଏ। ବଣ ଭିତରେ କିପରି ରାତି କଟାଇବେ ବୋଲି ଭାବୁଛନ୍ତି, ଦେଖାଗଲା ଦୂରରେ ଗୋଟିଏ ଆଲୁ� ଜଳୁଛି। ସେଠାରେ ରାଆଁଘଣ୍ଟା ଥାଇପାରେ ଭାବି ସମସ୍ତେ ସେଆଡ଼େ ଚାଲିଲେ। ଯାଇ ଦେଖିଲେ ବଣଭିତରେ ସେ ଗୋଟିଏ ସରେଇଖାନା। ସରେଇଖାନାର ମାଲିକ ଏମାନଙ୍କୁ ଦେଖି ଆଦରରେ ଭିତରକୁ ପାଛୋଟିନେଲା। ସେଠାରେ ରାତିକ ରହିବା ଖାଇବାର ବ୍ୟବସ୍ଥା ହୋଇଗଲା। ଦିନଯାକର ପରିଶ୍ରମ ପରେ ହାତଗୋଡ଼ ଅବଶ ହୋଇଯାଉଥାଏ। ତେଣୁ ଖାଇପିଇ ସାଇମନ ଓ ତା ଲୋକେ ନିଘୋଡ଼ ନିଦରେ ଶୋଇପଡ଼ିଲେ। କଥାରେ ଅଛି– ବଚନ ମଧୁର ତିଜଳ ସରୁ, ଏହାକୁ ଜାଣିବ ଠକଙ୍କ ଗୁରୁ। ଯେ ସରେଇଖାନାର ମାଲିକ ଠିକ୍ ସେହିପରି ଜଣେ ଲୋକ। ତା'ର ଗୋଟିଏ ତକାୟତଦଳ ସହିତ ସଲାଥାଏ। ସାଇମନ ଓ ତା' ଲୋକେ ଶୋଇଛନ୍ତି, ସରେଇଖାନା ମାଲିକ ତକାୟତମାନଙ୍କୁ ଖବର ଦେଇଦେଲା। ତକାୟତମାନେ ଆସି ସାଇମନ ସାଙ୍ଗରେ ଆଣିଥିବା ଧନସଂପଦ ଦେଖିଲେ, ତା' ଲୁଗାପଟା, ମୁଦ୍ରା-ମାଟି ସବୁ ଦେଖିଲେ। ଆଉ କି ସେମାନେ ଛାଡ଼ନ୍ତି! ଶୋଇଥିବା ଅବସ୍ଥାରେ ଲୋକଗୁଡ଼ାକୁ ହାଣିକାଟିପକାଇ ସେମାନଙ୍କଠାରୁ ସକଳ ସଂପଦ ଲୁଟିନେଲେ। ସାଇମନ ଉଠି ପଡୁ ପଡୁ ତା' ଉପରେ ଗୋଟାଏ ଛୁରାମାଡ଼ ବସିଗଲା। ସାଇମନ ଅବସ୍ଥା ଦେଖି ମଲାପରି ଡଙ୍କେ ପଡ଼ିଗଲା। ତକାୟତମାନେ ତା' ଦେହରୁ ଲୁଗାପଟା ବି କାଢ଼ିନେଲେ। ସମସ୍ତେ ମରିଗଲେ ଭାବି ତକାୟତମାନେ ସବୁ ଧନରତ୍ନ ନେଇ ସେଠାରୁ ପଳାଇଗଲେ। ସବୁ ଶୂନ୍‌ଶାନ୍ ହୋଇଯିବାପରେ ସାଇମନ ପଡ଼ିଥିବା ଜାଗାରୁ ଉଠି କୌଣସି ପ୍ରକାରେ ସେଠାରୁ ଖସି ଚାଲିଗଲା।

ଅଳ୍ପାରେ ଖଣ୍ଡିଏ ଚଦ୍ଦି ଦେହରେ ଖଣ୍ଡିଏ ଗଞ୍ଜି, ହାତ ଗୋଡ଼ ଖଣ୍ଡିଆଖାବରା, ଏପରି ଅବସ୍ଥାରେ ସାଇମନ ଯାଇ ତା' ଗାଆଁରେ ପହଞ୍ଚିଗଲା। ସେତେବେଳକୁ ଗାଆଁର ଦୁଇଜଣ କାଠୁରିଆ କାଠ ବୋଝ ଧରି ଘରକୁ ଫେରୁଥାନ୍ତି। ସାଇମନକୁ ଦେଖି ସେମାନେ ଥଟ୍ଟାକରି ପାଟିକଲେ, ''ଜିହେ ସେନାପତି, ତୁମ ସୈନ୍ୟଦଳ କାହାନ୍ତି?''

ସାଇମନ ସେମାନଙ୍କ ହାତ ଗୋଡ଼ ଧରି ଆଉ କଟାଘାଆରେ ଚୂନ ଦିଅ

Digitized by srujanika@gmail.com

ନାହିଁ ବୋଲି ଅନୁରୋଧ କଲା। ସେମାନେ ତା'ର ଦୁଃଖର କାହାଣୀ ଶୁଣି ତାକୁ ନିଜ ରୁଗାପଟା ଦେଇ ତା' ଘରକୁ ପଠାଇ ଦେଲେ। ବିଚ୍‌ରା ଯାଇ ଘରେ ପହଞ୍ଚିବା ବେଳକୁ ମହାଜନେ ଘରେ ନଥାନ୍ତି। ଏତେ ଦିନ ପରେ ପୁଅକୁ ଦେଖି ମାଆ କାନ୍ଦିପକାଇଲେ। ଉଭୟ ଗୁଣର ଦୁଃଖ ବୋଲି କହି ଖୋଇଲେ ପେଇଲେ। କିନ୍ତୁ ମହାଜନେ ଆସି ଘରେ ପହଞ୍ଚି ପହଞ୍ଚି ସେ ପୁଅକୁ ଲୁଟାଇଦେଲେ। ମହାଜନେ ଖାଇପିଇ ଆରାମ କରୁଛନ୍ତି, ମହାଜନିଆଣୀ କହିଲେ, ''ତୁମେ ଯଦି ମୋ ଆଗରେ ଶପଥ କରିବ ଯେ ମୁଁ ଯାହା କହିବି ତୁମେ ତା କରିବ, ତେବେ ତୁମକୁ ଗୋଟିଏ କଥା କହିବି।''

ଅନେକ ଯୁକ୍ତିତର୍କ ପରେ ମହାଜନେ ଶପଥ କଲେ ଏବଂ ତାଙ୍କ ଭାର୍ଯ୍ୟା କହିଲେ, ''ସାଉମନ ଯଦି ମିଡିଯାଏ, ତେବେ ତାକୁ ଫାଶୀ ନଦେଇ ତୁମର ଯାହା ଇଚ୍ଛା ତାହା କରିବ।''

ମହାଜନ କହିଲେ, ''ସେ ପାଖରେ ଆସିଛି ନା କ'ଣ ?''

ତାଙ୍କ ସ୍ତ୍ରୀ ଏତେବେଳେ ପୁଅକୁ ଦେଖାଇଲେ। ବାପ ତ ଶପଥ କରିଛନ୍ତି – କ'ଣ ଆଉ କରିବେ ? ପୁଅକୁ ନାନା ଉର୍ତ୍ସନା କରି କହିଲେ, ''ତୁ ଯଦି ବର୍ଷଟିଏ ମୋ ଛେଦି ଜଗିବୁ, ତେବେ ସମ୍ପତ୍ତିବାଡ଼ି ତତେ ଦେବି, ନଚେତ୍ ନାହିଁ।''

ପୁଅ ଆଉ ଆପରି ଓଜର ନକରି ସେହିଦିନଠାରୁ ଛେଳି ଚରାଇବାକୁ ଲାଗିଲା। ଏପରି ଭାବରେ ବର୍ଷ ପୂରିବାକୁ ଲାଗିଲା। ସେପଟେ ଏପର୍ଯ୍ୟନ୍ତ କାହିକି ସାଉମନ ଫେରିଲା ନାହିଁ ବୋଲି ରଜାଘରେ ରାବେଣି ପଡ଼ିଗଲାଣି। ରଜାଝିଅ ସାଉମନ କଥା ଭାବି ଭାବି ସବୁବେଳେ କାନ୍ଦିଲା। ବାପ ଅନେକ ବୁଝାଇଲେ। କିନ୍ତୁ ଝିଅ କୌଣସି କଥାରେ ବୋଧ ନହୋଇ ଲୋକବାଜ ଧରି ସାଉମନ ସାଆଁକୁ ଯିବ ବୋଲି ବାହାରିପଡ଼ିଲା। ପଚାଶ ଷାଠିଏ ଜଣ ସୈନ୍ୟ ସାମନ୍ତ ଦାସୀ ପୋଇଲୀ ଧରି ଚାଲୁ ଚାଲୁ ସେ ମଧ୍ୟ ଦିନେ ସନ୍ଧ୍ୟା ବେଳକୁ ଆସି ସେହି ଘଞ୍ଚ ବଣରେ ପହଞ୍ଚିଗଲା। ବଣଭିତରେ ସରେଇଖାନା ଦେଖି ସେମାନେ ସେଠାରେ ଡେରା ପକାଇଲେ। କିନ୍ତୁ ସେମାନଙ୍କ ଭାଗ୍ୟ ଭଲ, ସେତେବେଳକୁ ସରେଇଖାନା ମାଲିକ ସେଠାରେ ନଥିଲା; ଥିଲା ତା' ମାଉସୀ ବୁଢ଼ୀ।

ରଜାଝିଅକୁ ଦେଖି ବୁଢ଼ୀ ମନରେ ଦୟା ହେଲା। ସେ ତାକୁ ପାଖକୁ ଡାକି କହିଲା, ''ମାଆ, ତୁମେ ଏଠାରେ ରହନାହିଁ, ଏଇଟା ଡକାୟତମାନଙ୍କର ଆଡ୍ଡା। ଛଅ ସାତ ମାସ ତଳେ ଜଣେ ଧନୀ ରଜାପୁଅ ସୈନ୍ୟ ସାମନ୍ତ ସାଡ଼ି ଘୋଡ଼ା ଧରି ଦିନେ ରାତିରେ ଆସି ଏଠାରେ ଶୋଇଥିଲା। ମୋର ଯେଉଁ ପୁଡୁରା, ସେ ଏ ଘରର ମାଲିକ, ସେ ଡକାୟତମାନଙ୍କୁ ଡକାଇ ଆଣି ରଜାପୁଅର ସବୁକ ସମ୍ପତ୍ତି ଲୁଟିନେଲା। ତା'ର ସବୁ ଲୋକଙ୍କୁ ମାରିପକାଇଲା। ତେଣୁ ମାଆ, ତୁମେ ଏଠୁ ଚାଲିଯାଅ।''

ରଜାଝିଅ ତ ଭାରି ଚତୁରୀ। ସେ କହିଲା, ''ମୋ ଲୋକେ ଚେଇଁଥିଲେ ଡକାୟତମାନେ ଆମକୁ ପାରିବେ ନାହିଁ। ଆମ କଥା ଛାଡ଼, ସେ ରଜାପୁଅର

Digitized by srujanika@gmail.com

କ'ଣ ହେଲା କହିଲ ?''

ବୁଢ଼ୀ କହିଲା, ''ସେ ପୁଅଟି ମରି ନଥାଏ; ମଲାପରି ଛଳକରି ପଡ଼ିଥାଏ। ଡକାୟତମାନେ ଚାଲିଯିବା ପରେ ସେ ଉଠି ଏଠାରୁ ଖସି ଚାଲିଗଲା। ମୁଁ ଝରକା ଫାଙ୍କରେ ସେ ଚାଲିଯିବାର ଦେଖିଛି।''

ଏପରି କଥାଭାଷା ଚାଲିଛି, ସରେଇଖାନାର ମାଲିକ ଆସି ପହଞ୍ଚିଗଲା। ଆଜି ମଧ୍ୟ ଭଲ ଶିକାର ମିଳିଛି ଭାବି ସେ ଖୁସି ହୋଇଗଲା। ରଜାଝିଅ ନିଜ ଲୋକଙ୍କୁ ସବୁ କଥା ଜଣାଇ ଡକାୟତଙ୍କ ମୁକାବିଲା କରିବାକୁ ହୁସିଆର କରିଦେଲା। ଲୋକେ ଖାଇପିଇ ଶୋଇବା ଛଳନା କରି ପଡ଼ିଗଲେ। ଠିକ୍ ଅଧରାତି ବେଳକୁ ଡକାୟତମାନେ ଆସି ପହଞ୍ଚିଗଲେ। କିନ୍ତୁ ଯିବେ କୁଆଡ଼େ ? ରଜାଝିଅର ସୈନ୍ୟମାନେ ସେମାନଙ୍କୁ ଘେରି ଘର ଭିତରେ ପକାଇଦେଇ ଗୋଟି ଗୋଟି କରି ମାରିପକାଇଲେ, ସରେଇଖାନା ମାଲିକ ବି ବାଦ୍ ଗଲାନାହିଁ। ଡକାୟତଙ୍କ ଚାବିମାଳ ନେଇ ରଜାଝିଅ ସେମାନଙ୍କର ଗୁପ୍ତ ଗନ୍ତାଘରୁ ବହୁତ ଧନ ପାଇଲା। କିନ୍ତୁ ସବୁଠାରୁ ବଡ଼କଥା ହେଲା; ସାଇମନର ସବୁ ଲୁଗାପଟା ବି ସେ ଭିତରୁ ମିଳିଗଲା। ସେ ସବୁ ସମ୍ପଦ ଧରି ରଜାଝିଅ ଯାଇ ସାଇମନର ଗାଆଁରେ ପହଞ୍ଚିବା ବେଳକୁ ବେଳ ଗଡ଼ଗଡ଼। ସାଇମନ ଛେଳିପଲ ଧରି ଘରକୁ ଫେରିବାକୁ ବସିଛି। ଦୂରରୁ ସୈନ୍ୟ ସାମନ୍ତ ଗାଡ଼ି ଘୋଡ଼ା ଆଦି ଦେଖୁ ଦେଖୁ ସେ ରଜାଝିଅ ଆସିଛି ବୋଲି ଜାଣିଗଲା। ତେଣୁ ସେ ଲହର ତୋଳି ତା' ବଇଁଶୀ ବଜାଇବାକୁ ଲାଗିଲା। ସେହି ବଇଁଶୀ ସ୍ୱର ଶୁଣୁ ଶୁଣୁ ରଜାଝିଅ ଗାଡ଼ି ଭିତରୁ ମୁହଁ କାଢ଼ି ବାହାରକୁ ଚାହିଁଦେଲା। ସାଇମନର ଅବସ୍ଥା ସେ ନିଜ ଆଖିରେ ଦେଖିଦେଲା। କିନ୍ତୁ ସେଠାରେ କିଛି ନକହି ଲୋକବାକ ନେଇ ସେ ସିଧା ଚାଲିଗଲା ମହାଜନଙ୍କ ଘରକୁ। ଯାଇ କହିଲା, ''ମୁଁ ରାତିଟା ଆପଣଙ୍କ ହୋଟେଲରେ ଅତିଥି ହେବି। ଟିକିଏ ସୁବିଧା କରାଇଦିଅନ୍ତୁ।''

ଏତେ ବଡ଼ ରଜାଘର ଝିଅ। ଏତେ ଲୋକବାକ ନେଇ ଆସିଛି; ସାମାନ୍ୟ ଗାଉଁଲୀ ହୋଟେଲରେ କିପରି ସେମାନଙ୍କର ଚର୍ଚ୍ଚା କରିହେବ ବୋଲି ମହାଜନେ ଧନ୍ଦିହେଲେ। କୌଣସି ପ୍ରକାରେ ବନ୍ଦୋବସ୍ତ କରି ସେମାନଙ୍କୁ ରଖାଇବାପରେ ସେ ରୋଷେଇବାସର ଆୟୋଜନ କରୁଛନ୍ତି, ଏ ସମୟରେ ରଜାଝିଅ ତାଙ୍କୁ ଡାକି କହିଲା, ''ମୁଁ ବଡ଼ ସଙ୍ଗୀତପ୍ରିୟ। ଶୁଣୁଛି, ଆପଣଙ୍କ ଛେଳିଆଳ ଭଲ ବଇଁଶୀ ବଜାଏ, ତାକୁ ଟିକିଏ ଡକାନ୍ତୁ।''

ଏ କଥା ଶୁଣୁ ଶୁଣୁ ମହାଜନେ କହିଲେ, ''ଛିଃ, ଛିଃ, ଛିଃ, ସେଇଟା ନାଆଁ ଧରନ୍ତୁ ନାହିଁ, ଅପଦାର୍ଥଟାଏ।''

''ତଥାପି ମୁଁ ଟିକିଏ ବଇଁଶୀ ଶୁଣିବାକୁ ଚାହେଁ; ତାକୁ ଡକାନ୍ତୁ।'' – ବୋଲି ରଜାଝିଅ ଜିଦ୍ ଧରିବସିଲା।

ମହାଜନେ ବାଧ୍ୟହୋଇ ସାଇମନକୁ ଡକାଇଲେ ଏବଂ ତାକୁ ସାବଧାନ କରି କହିଲେ, ''ମୂର୍ଖ, ଯଦି ମଣିମାଙ୍କ ପଛରେ କିଛି ଅଭଦ୍ର ଆଚରଣ ଦେଖାଉ, ତେବେ ମତେ ଚିହ୍ନିବୁ !''

Digitized by srujanika@gmail.com

ସାଇମନ ବଇଁଶୀ ବଜାଇବା ଆରମ୍ଭକଲା। ମହାଜନେ ରୋଷେଇବାସ ବ୍ୟବସ୍ଥା କରିବାକୁ ଚାଲିଗଲେ। ରଜାଝିଅ ଅନ୍ୟ ଲୋକଙ୍କୁ ଦୂରକୁ ପଠାଇଦେଇ ସାଇମନକୁ କହିଲା, ''ହେ ମୋ ସ୍ୱାମୀ, ମତେ କ୍ଷମାକର। ମୁଁ ସବୁ କଥା ଶୁଣିଛି। ଭାଗ୍ୟରେ ଆହୁରି ଦୁଃଖଭୋଗ କରିବାକୁ ଥିଲା ବୋଲି ଡକାୟତଙ୍କ ହାତରେ ତୁମେ ପଡ଼ିଲ। ମୁଁ କିନ୍ତୁ ସେ ଡକାୟତମାନଙ୍କୁ ଶେଷ କରିଦେଇଛି। ଆସ! ତୁମ ରାଜପୋଷାକ ପିନ୍ଧ।'' ଏପରି କହୁ କହୁ ସେ ସାଇମନକୁ ଗାଧୁଆଘରକୁ ନେଇ ଗାଧୋଇପାଧୋଇ ପରିଷାର କରିଦେଲା। ସାଇମନ ରାଜପୋଷାକ ପିନ୍ଧିପକାଇଲା। ଏଥର ଆଉ ତାକୁ ଚିହ୍ନିହେଲାନାହିଁ। ବେଶଭୂଷା ହୋଇ ରଜାଝିଅ ଓ ସାଇମନ ସିଧା ଚାଲିଗଲେ ମହାଜନଙ୍କ ଘର ଭିତରକୁ। ମହାଜନ ମହାଜନିଆଣୀ ବସି କିପରି ଖିଆପିଆର ବ୍ୟବସ୍ଥା କରାଯିବ ସେ ବିଷୟରେ ଆଲୋଚନା କରୁଥିଲେ। ଏ ଦୁଇଜଣ ସେମାନଙ୍କୁ ପ୍ରଣାମ କରି କହିଲେ, ''ବାପା, ଆମକୁ କଲ୍ୟାଣ କରନ୍ତୁ।''

ମହାଜନେ କିଛି ବୁଝି ନପାରି ଆଶ୍ଚର୍ଯ୍ୟ ହୋଇଗଲେ। ସାଇମନ କହିଲା, ''ବାପା, ଆପଣ ମତେ ଚିହ୍ନି ପାରୁ ନାହାନ୍ତି? ମୁଁ ପରା ଆପଣଙ୍କର ସେହି ଅଧମ ପୁଅ ବାଇମନୁଆ ସାଇମନ!''

ମହାଜନିଆଣୀ ପୁଅ ବୋହୂ ଦିହିଁକି କୁଣ୍ଢେଇ ପକାଇଲେ। ମହାଜନେ ସବୁ ବିଷୟ ଶୁଣି ପୁଅକୁ ପ୍ରଶଂସା ନକରି ରହିପାରିଲେ ନାହିଁ। ସେଦିନ ରାତିରେ ଏକ ବିରାଟ ଭୋଜି କରି ଗାଁସାରା ଲୋକଙ୍କୁ ଖୁଆଇଲେ। ବାଜା-ବାଣରେ ଗାଁ ଦାଣ୍ଡ କମ୍ପିଗଲା। ଦୁଇଦିନ ପରେ ରଜାଝିଅ ସାଇମନକୁ ସାଙ୍ଗରେ ନେଇ ନିଜ ରାଜ୍ୟକୁ ଚାଲିଗଲେ। ସାଇମନ ସେ ରାଜ୍ୟରେ ନୂଆ ରାଜା ହୋଇ ସୁଖରେ କାଳ କାଟିଲା।

□ □ □

Digitized by srujanika@gmail.com

ସ୍କୁଲ ଛାତ୍ରଛାତ୍ରୀଙ୍କର ଅତି ପ୍ରିୟ ବହିବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଅଳିଭର ଟୁଇଷ୍ଟ
ଦୁଇଟି ନଗରୀର କାହାଣୀ
ଡେଭିଡ୍ କପରଫିଲଡ୍
ଅନେକ ଆଶା
ନିକୋଲାସ୍ ନିକଲ୍‌ବି
ଚକ୍ରାନ୍ତକାରୀ
କୋଡ଼ିଏବର୍ଷ ପରେ
ମଣ୍ଟିକ୍ରିଷ୍ଟୋର ରାଜା
କପିକାନ୍ ଦୁଇଭାଇ
ବିଚିତ୍ର ଡାକିଚ
ମଣ୍ଡରୋକର ଉପକଥା
ରାଜା ସଲୋମନଙ୍କ ହୀରାଖଣି
ଟମ ସଏର୍
ହକଲବରୀ ଫିନ୍‌ର କାହାଣୀ
ରାଜପୁତ୍ର ଓ ଭିକାରୀ
ପଂଚେଇନଚରୀର ଶେଷଦିନ
ଅଶୀଦିନରେ ପୃଥିବୀ ପରିକ୍ରମଣ
ହେଙ୍ଗୁର ରୁପର୍ଟ
ଜେଣ୍ଟାଡ୍‌ର୍ଗର ବନ୍ଦୀ
ସୁଇସ୍ ରବିନ୍‌ସନ୍
ରତ୍ନଦ୍ୱୀପ
ଭୌତିକ ବୋତଲ
ପ୍ରବାକଦ୍ୱୀପ
ଅଦୃଶ୍ୟମାନବ
ଟାଇମ୍ ମେସିନ୍
ଚନ୍ଦ୍ରପୃଷ୍ଠରେ ପ୍ରଥମମାନବ
ଗଲିଭର୍‌ର ଭ୍ରମଣକାହାଣୀ
ସାଇଲାସ୍ ମାରନର୍
ରବିନ୍‌ସନ୍ କ୍ରୁଶୋ
ରବିନ୍ ହୁଡ୍
ଟମକକାଙ୍କ କେବିନ
ମୁଦି ଓ ଗୋଲାପ
ଚନ୍ଦ୍ରକାନ୍ତମଣି
ସେରଲକ୍ ହୋମସ୍ କାହାଣୀ
ଦେବମାନବ ହରକ୍ୟୁଲିସ୍
ଭୌତିକ କୁକୁର

ପାପ ଓ ପ୍ରାୟଶ୍ଚିତ୍ତ
ବିପନ୍ନ ନାବିକର କାହାଣୀ
ରାଜା ଆର୍ଥରଙ୍କ ଯୋଦ୍ଧାଗଣ
ଆନନ୍ଦ ମଠ
ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ
ଶକୁନ୍ତଳା
ସେକସ୍‌ପିଅର କାହାଣୀ : ୧ମ, ୨ୟ, ୩ୟ
ପିଲାଙ୍କ କଥାସରିତ ସାଗର
ଟଲଷ୍ଟୟ କାହାଣୀ · ୧ମ, ୨ୟ, ୩ୟ
ହୋମର୍ କାହାଣୀ
ଆଣ୍ଡରସନ୍‌ଙ୍କ କାହାଣୀ
ଗର୍କୀ କାହାଣୀ : ୧ମ, ୨ୟ
ଫକୀରମୋହନଙ୍କ କାହାଣୀ : ୧ମ, ୨ୟ
ମୋପାସାଁ କାହାଣୀ: ୧ମ, ୨ୟ, ୩ୟ, ୪ର୍ଥ
ପ୍ରେମଚନ୍ଦ କାହାଣୀ: ୧ମ, ୨ୟ, ୩ୟ, ୪ର୍ଥ
ଆରବଦେଶର କାହାଣୀ
ସିନ୍ଦବାଦ କାହାଣୀ
ଆଲାଦ୍ଦୀନର ଜୁହୁକଦୀପ
ମହାକବି କାଳିଦାସ କାହାଣୀ ୧ମ, ୨ୟ
ପିଲାଙ୍କ ଛ'ମାଣ ଆଠଗୁଣ୍ଠ
ଗ୍ରୀମ୍‌ସଙ୍କ କାହାଣୀ · ୧ମ, ୨ୟ
ବୀରବଲ କାହାଣୀ
ରିପଭାନ୍ ଉଇଙ୍କଲ
ଦୁଃଖ ପରେ ସୁଖ
ଜାତକ କାହାଣୀ : ୧ମ, ୨ୟ, ୩ୟ, ୪ର୍ଥ
ବେତାଳ କାହାଣୀ : ୧ମ, ୨ୟ
ବାଇବେଲ କାହାଣୀ · ୧ମ, ୨ୟ
ରାମାୟଣ କାହାଣୀ
ମହାଭାରତ କାହାଣୀ
ଈଶପ କାହାଣୀ
ଗ୍ରୀସ୍‌ଦେଶର ପୁରାଣ କାହାଣୀ
ରୋମରାଜ୍ୟର ପୁରାଣକାହାଣୀ
ଆଲିବାବା କାହାଣୀ
ବିଚିତ୍ର ଦେଶରେ ଏଲିସ
ରୁସ୍ତମ କାହାଣୀ
କୃଷ୍ଣସୁନ୍ଦର

ଏହା ଛଡ଼ା ଆହୁରି ଅନେକ ଭଲ ବହି ଯାହା ସବୁ ଦେଶର ପାଠକଙ୍କୁ ସବୁବେଳେ ମୁଗ୍ଧ କରିଛି।

ପ୍ରକାଶକ – ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

Digitized by srujanika@gmail.com